



ଦିବ୍ୟା ମହିଳା ଚେସ୍ ବିଶ୍ୱକପ୍ ଚାମ୍ପିଅନ୍

▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-35 ◆TUESDAY ◆29 JULY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୩୫ ◆ମଙ୍ଗଳବାର ◆୨୯ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ସାହାରା ଇଣ୍ଡିଆ ଜମି ଦୁର୍ନୀତି**

## ୧୦୦୦ କୋଟିର ଜମିକୁ ୧୨୦ କୋଟିରେ ବିକିଦେଲେ

■ **ଭୋପାଳ,୨୮।୭ (ଏଜେନ୍ସି):** ମଧ୍ୟପ୍ରଦେଶରେ ସାହାରା ଇଣ୍ଡିଆର ଜମି ବିକ୍ରି କ୍ଷେତ୍ରରେ ହୋଇଛି ବଡ଼ ଧରଣର ଦୁର୍ନୀତି। ଏଥିରେ ସାହାରାର ୫୦୦ ଏକର ଜମିରେ ୭୩ କୋଟି ଟଙ୍କାର ଠକେଇ ମାମଲା ସାମ୍ନାକୁ ଆସିଛି। ଏହି ମାମଲାରେ, ଇଓଡବ୍ଲ୍ୟୁ ସାହାରାର ପୂର୍ବତନ ମୁଖ୍ୟ ସୁବ୍ରତ ରୟଙ୍କ ପୁଅ ସୀମାନ୍ତ ରୟଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିରେ ସାହାରା ପରିଚାଳନାର ଅନେକ ବରିଷ୍ଠ ଅଧିକାରୀଙ୍କୁ ମଧ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। କୁହାଯାଉଛି ଯେ ଏଥିରେ ପାଖାପାଖି ୧୦୦୦ କୋଟି ଟଙ୍କା ମୂଲ୍ୟର ଜମିକୁ

**ସୁବ୍ରତ ରୟଙ୍କ ପୁଅ ବିରୋଧରେ ମାମଲା ରୁଜୁ କଲା ଇଓଡବ୍ଲ୍ୟୁ**

୧୨୦ କୋଟି ଟଙ୍କାରେ ବିକ୍ରି କରିଦିଆଯାଇଛି। ଏହି ଜମି ବିକ୍ରି ଭୋପାଳ, ଜବଲପୁର, କଟନୀ, ସାଗର ଏବଂ ଗ୍ୱାଲିଅରରେ ହୋଇଛି। ଜମି ବିକ୍ରି ବାବଦ ଅର୍ଥକୁ ସାହାରା ଗ୍ରୁପର ବିଭିନ୍ନ ସହଯୋଗୀ କମ୍ପାନୀର ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି।

ଏହି ଘଟଣାରେ ଆଇପିସିର ଧାରା ୪୨୦ ଏବଂ ୧୨୦ବି ଅଧୀନରେ ସାହାରା ଇଣ୍ଡିଆ, ସାହାରା ପ୍ରାଇମ୍ ସିଟି ଲିମିଟେଡ୍, ସୀମାନ୍ତୋ ରୟ (କର୍ପୋରେଟ୍ କେଣ୍ଟ୍ରାଲ ମ୍ୟାନେଜମେଣ୍ଟ), ଜେବି ରୟ(ଡିଜିଏମ୍-ଡିଏମ୍ଡବ୍ଲ୍ୟୁ) ଓପି ଶ୍ରୀବାସ୍ତବ (ଡେପୁଟି ମ୍ୟାନେଜିଂ ୱାର୍କର) ଏବଂ ▶ପୃଷ୍ଠା-୭

**ଅପରେସନ ମହାଦେବ**

## ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ମୁସା ନିହତ

■ **ଶ୍ରୀନଗର, ୨୮।୭ (ଏଜେନ୍ସି):** ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତୀୟ ସେନା। ଶ୍ରୀନଗର ଲିଡବାସ ଅଞ୍ଚଳରେ ଲୁଚିଥିବା ୩ ପାକିସ୍ତାନୀ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ମୃତ ଆତଙ୍କବାଦୀଙ୍କ ମଧ୍ୟରେ ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ସୁଲେମାନ ଶାହା ଓରଫ ହାସିମ ମୁସା ସାମିଲ ରହିଛି। 'ଅପରେସନ ମହାଦେବ' ଜରିଆରେ ଭାରତୀୟ ସେନାକୁ ଏହି ସଫଳତା ମିଳିଛି ବୋଲି ସେନା ଅଧିକାରୀମାନେ କହିଛନ୍ତି। ଅନ୍ୟ ଆତଙ୍କବାଦୀଙ୍କୁ ଚିହ୍ନଟ ପାଇଁ ପ୍ରୟାସ କରାଯାଉଛି। ଜଣେ ଆତଙ୍କବାଦୀ ୨୦୨୪ର ସୋନମାର୍ଗ ସୁଡ଼ଙ୍ଗ ପ୍ରକଳ୍ପ ଉପରେ ହୋଇଥିବା ଆକ୍ରମଣରେ ସାମିଲ ଥିବା କୁହାଯାଉଛି। ଆତଙ୍କବାଦୀଙ୍କ ନିକଟରୁ ଆମେରିକାର ଏମ୍-୪ କାର୍ବାଇନ, ଏକେ-୪୭, ୧୭ ରାଇଫଲ ଏବଂ ଗ୍ରେନେଡ ମିଳିଛି। ଆଉ କିଛି ସନ୍ଦେହଜନକ ସାମଗ୍ରୀ ମଧ ଜବତ କରାଯାଇଛି। ସୁଲେମାନ ଶାହା ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବାର ସଦସ୍ୟ ଥିଲା। ସେ ପାକିସ୍ତାନ ସେନାର ଏଲିଟ ୟୁନିଟ ସ୍ପେସିଆଲ ସର୍ଭିସ ଗ୍ରୁପ ▶ପୃଷ୍ଠା-୭



**ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ମାମଲା**

# ଇସିଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

### ଆଧାର କାର୍ଡ, ଭୋଟର ପରିଚୟପତ୍ରକୁ ପ୍ରମାଣ ରୂପେ ଗ୍ରହଣ କରିବାକୁ ନିର୍ଦ୍ଦେଶ

■ **ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ସ୍ପେସିଆଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର)କୁ ନେଇ ବିବାଦ ଥମିବାର ନାଁ ଧରୁନାହିଁ। ସଂସଦରେ ଏହାକୁ ନେଇ ଅଚଳାବସ୍ଥା ଲାଗି ରହିଥିବା ବେଳେ ଏହି ମାମଲା ଉପରେ ଆଜି ସୁପ୍ରିମ କୋର୍ଟରେ ଶୁଣାଣି ହୋଇଛି। ନିର୍ବାଚନ କମିସନ ଚଳାଇଥିବା ଏହି ପ୍ରକ୍ରିୟା ଉପରେ ରୋକ୍ ଲଗାଇବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ତେବେ ସଂଶୋଧନ ପ୍ରକ୍ରିୟାରେ ଆଧାର କାର୍ଡ, ଭୋଟର ଆଇଡି ଏବଂ ରାସନ କାର୍ଡକୁ ପ୍ରମାଣପତ୍ର ରୂପେ ଗ୍ରହଣ କରିବା ଲାଗି କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କମିସନଙ୍କ ଆଭିମୁଖ୍ୟରେ ଉଦ୍‌ବେଗ ପ୍ରକାଶ କରି କୋର୍ଟ କହିଛନ୍ତି ଯେ ଏହି ପ୍ରକ୍ରିୟାରେ



**ଜାଲିଆତି ସଂପର୍କରେ ନିର୍ବାଚନ କମିସନଙ୍କ ଯୁକ୍ତି ଅଗ୍ରାହ୍ୟ**

**ଭୋଟର ତାଲିକା ସଂଶୋଧନକୁ ବି ରଦ୍ଦ କରିପାରିବେ କୋର୍ଟ**

ଭୋଟରଙ୍କୁ କାଟିବା ଅପେକ୍ଷା ଅଧିକ ଭୋଟରଙ୍କୁ ସାମିଲ କରାଯିବା ଉଚିତ।

ଆଜି ଶୁଣାଣି ବେଳେ କୋର୍ଟ ପ୍ରଶ୍ନ କରିଥିଲେ ଯେ ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଏହାର ଉତ୍ତର ଦେଇ ନିର୍ବାଚନ କମିସନଙ୍କ ପକ୍ଷରୁ କୁହାଯାଇଥିଲା ଯେ ରାସନ କାର୍ଡ ଉପରେ ବିଚାର କରାଯାଇପାରିବ ନାହିଁ। କାରଣ ବହୁସଂଖ୍ୟାରେ ରାସନ କାର୍ଡ ରହିଛି। ଏହାର ଜାଲିଆତି ହେବାର ସମ୍ଭାବନା ଅଧିକ। ମାମଲାର ଶୁଣାଣି କରୁଥିବା ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କମିସନଙ୍କ ଏଭଳି ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ କହିଲେ ଯେ ବିଶ୍ୱରେ ଏମିତି କୌଣସି ପ୍ରମାଣପତ୍ର ନାହିଁ ଯାହାର ନକଲ ହୋଇପାରିବନାହିଁ। ଏପରି ସ୍ଥଳେ ୧୧ ପ୍ରମାଣପତ୍ରକୁ ତାଲିକାଭୁକ୍ତ କରିବାର ଆଧାର କ'ଣ ବୋଲି ସେ ପଚାରିଥିଲେ। ଆଧାର କାର୍ଡ ଏବଂ ଭୋଟର ଆଇଡି କାର୍ଡ (ଇପିଆଇସି)କୁ ବୈଧ ପ୍ରମାଣପତ୍ର ଭାବେ ଅନୁମତି ଦେବାର ଆବଶ୍ୟକତା ରହିଥିବା କୋର୍ଟ କହିଛନ୍ତି। ଏ ନେଇ ବିଚାର କରିବାକୁ ଇସିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ଉପରେ ମଙ୍ଗଳବାର ୧୦.୩୦ ସୁଦ୍ଧା ନିଷ୍ପତ୍ତି ଜଣାଇବାକୁ କହିଛନ୍ତି। କୋର୍ଟ କହିଥିଲେ ଯେ ଭୋଟର ପରିଚୟ ପତ୍ର ସ୍ୱୟଂ କମିସନ ଜାରି କରିଛନ୍ତି। ଏହା କେମିତି ଜାଲ୍ ହୋଇପାରିବ?

ଶୁଣାଣି ସମୟରେ କମିସନଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ ଆଧାର କାର୍ଡ ନାଗରିକତାର ପ୍ରମାଣ ନୁହେଁ। ଜାଲ୍ ରାସନ କାର୍ଡ କଥା ମଧ ଉଠାଇଥିଲେ। ତେବେ ଆଧାରକୁ ପରିଚୟ ପ୍ରମାଣପତ୍ର ଭାବେ ବ୍ୟବହାର କରିହେବ ବୋଲି କହିଥିଲା। ଏହି ନମ୍ବର ପଞ୍ଜୀକରଣ ଫର୍ମରେ ଥିବା ଦର୍ଶାଇଥିଲେ। ଏହି ଯୁକ୍ତିରେ ବିସଙ୍ଗତି ଦର୍ଶାଇ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି କମିସନଙ୍କ ନିଜସ୍ୱ ତାଲିକାରେ ଥିବା କୌଣସି ▶ପୃଷ୍ଠା-୭

**ଲୋକସଭାରେ ପହଲଗାମ, ଅପରେସନ ସିନ୍ଦୂର ବିତର୍କ**

# ବିରୋଧୀ-ଶାସକ ମୁହାଁମୁହିଁ

■ **ନୂଆଦିଲ୍ଲୀ, ୨୮।୭:** ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଏହାର ଜବାବରେ ପାକିସ୍ତାନ ବିରୋଧରେ ହୋଇଥିବା ଅପରେସନ ସିନ୍ଦୂର ଉପରେ ଆଜି ଲୋକସଭାରେ ୧୬ ଘଣ୍ଟିଆ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ ହୋଇଛି। ଆଲୋଚନା ବେଳେ ସରକାର ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଅପରେସନ ସିନ୍ଦୂର ସଫଳ ହୋଇଛି ଏବଂ କାହାରି ଚାପରେ ଏହାକୁ ବନ୍ଦ କରାଯାଇ ନାହିଁ। ଅନ୍ୟପକ୍ଷରେ ସରକାରଙ୍କୁ ଟାର୍ଗେଟ କରି ବିରୋଧୀ ପହଲଗାମ ଆକ୍ରମଣ ପାଇଁ ସରକାରଙ୍କୁ ଦାୟୀ କରିଛନ୍ତି।



**ଗୃହରେ ୧୬ ଘଣ୍ଟିଆ ଆଲୋଚନା ଆରମ୍ଭ**

**୨୨ ମିନିଟରେ ସଫଳତା ମିଳିଲା: ରାଜନାଥ**

**ମୋଦୀ-ଟ୍ରମ୍ପ ଆଲୋଚନା ହୋଇନି: ଜୟଶଙ୍କର**

**ଆକ୍ରମଣ ରୋକିବାରେ ସରକାର ବିଫଳ ହେଲେ କାହିଁକି: ଗୋଗୋଇ**

ଆଲୋଚନା ଆରମ୍ଭ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଲେ ଯେ ମେ ୭ ତାରିଖରେ ପାକିସ୍ତାନ ବିରୋଧରେ ଅପରେସନ ସିନ୍ଦୂର ନାମରେ ହୋଇଥିଲା ସାମରିକ କାର୍ଯ୍ୟାନୁଷ୍ଠାନ। ୨୨ ମିନିଟ ମଧ୍ୟରେ ଭାରତୀୟ ସେନାକୁ ମିଳିଥିଲା ସଫଳତା। ପାକିସ୍ତାନରେ ଥିବା ୯ଟି ଆତଙ୍କବାଦୀ ▶ପୃଷ୍ଠା-୭

**ମୁଖ୍ୟମନ୍ତ୍ରୀଙ୍କୁ ଉପବାଚସ୍ପତିଙ୍କ ଚିଠି**

## ରାଜ୍ୟରେ ବଢୁଛି ସଂଗଠିତ ଅପରାଧ

■ **ଭୁବନେଶ୍ୱର,୨୮।୭ (ସମିସ):** ରାଜ୍ୟରେ ବଢୁଥିବା ସଂଗଠିତ ଅପରାଧକୁ ନେଇ ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଚିନ୍ତା ପ୍ରକଟ କରିଛନ୍ତି। ଜମି ହଡ଼ପ, ଚାନ୍ଦା ଆଦାୟ, ସୁପାରୀ ହତ୍ୟା, ବେଆଇନ ଖଣି କାରବାର, ନିଶାଦ୍ରବ୍ୟ ଚାଲାଣ ଭଳି ଅପରାଧକୁ ରୋକିବା ପାଇଁ ରାଜ୍ୟରେ ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଭଳି ଗ୍ୟାଙ୍ଗଷ୍ଟର୍ ନିରୋଧ ଆଇନ ଆଣିବା ପାଇଁ ଶ୍ରୀ ଭୋଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ▶ପୃଷ୍ଠା-୭

**ଜମି ହଡ଼ପ, ଚାନ୍ଦା ଆଦାୟ, ସୁପାରୀ ହତ୍ୟା, ବେଆଇନ ଖଣି କାରବାର, ନିଶାଦ୍ରବ୍ୟ ଚାଲାଣ ବଢୁଛି**

**ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ପରି ଗ୍ୟାଙ୍ଗଷ୍ଟର୍ ନିରୋଧ ଭଳି ଆଇନ ଆଣିବାକୁ ଦେଲେ ଲିଖିତ ପ୍ରସ୍ତାବ**



## ଖସୁଛି ପାଣି; ବଢୁଛି ଦୁର୍ଦ୍ଦଶା

■ **ଭୁବନେଶ୍ୱର, ୨୮।୭ (ସମିସ):** ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା, ବୈତରଣୀ ଓ ଜଳକା ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଫଳରେ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରଭାବିତ ହୋଇଛି। ତେବେ ଦୁଇ ଦିନ ହେବ ରାଜ୍ୟରେ ବର୍ଷା କମିବା ଯୋଗୁଁ ନଦୀରେ ଜଳସ୍ତର କମୁଥିଲେ ମଧ ବଢ଼ିପାଣି ଯୋଗୁଁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ସୁବର୍ଣ୍ଣରେଖା ନଦୀରେ ବନ୍ୟା ଯୋଗୁଁ ମୁଖ୍ୟତଃ ▶ପୃଷ୍ଠା-୭

**ଖସୁଛି ସବୁ ନଦୀର ଜଳସ୍ତର**


**ଗାଁରୁ ସମ୍ପୂର୍ଣ୍ଣ ପାଣି ଛାଡ଼ିବାକୁ ଆହୁରି ୪୮ ଘଣ୍ଟା ଲାଗିବ**

**ପାଣି ଛାଡ଼ିବା ପରେ କ୍ଷୟକ୍ଷତି ଆକଳନ: ରାଜସ୍ୱ ମନ୍ତ୍ରୀ**

## ଉଚ୍ଚଶିକ୍ଷା ବିଭାଗରେ ହ୍ୟାକର୍ ଆତଙ୍କ

**ରେଭେନ୍ସା ପରେ ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ହ୍ୟାକ୍**

■ **ଭୁବନେଶ୍ୱର, ୨୮।୭ (ସମିସ):** ଉଚ୍ଚଶିକ୍ଷା ବିଭାଗକୁ ଘାରିଛି ହ୍ୟାକର୍ ଆତଙ୍କ। ରବିବାର ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିବାବେଳେ ସୋମବାର ଉଚ୍ଚଶିକ୍ଷା ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ହ୍ୟାକ୍ କରି ଏକାଧିକ ଅଶ୍ଳୀଳ ଓ ବେଟିଂ ଭିଡିଓ ପୋଷ୍ଟ କରିବାରେ ସଫଳ ହୋଇଛନ୍ତି ହ୍ୟାକର୍। ତେବେ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ପୋଷ୍ଟଗୁଡ଼ିକୁ ଡିଲିଟ୍ କରାଯାଇଛି।



ବିଭିନ୍ନ ସମୟରେ ୱେବସାଇଟ୍ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମ ସାଇଟ୍ ହ୍ୟାକ୍ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ତଥ୍ୟ କେତେ ସୁରକ୍ଷିତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୋମବାର ସକାଳ ପ୍ରାୟ ୬.୩୦ରେ ବିଭାଗର ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଅଶ୍ଳୀଳ ଭିଡିଓ ସହ ବେଟିଂ ସାଇଟ୍ ଭିଡିଓ ପୋଷ୍ଟ ହୋଇଥିଲା। ଏହାର ୫ମିନିଟ୍ ମଧ୍ୟରେ ମୋଟ୍ ୪ଟି ବେଟିଂ ସାଇଟ୍ ପ୍ରୋମୋସନ୍ ▶ପୃଷ୍ଠା-୭

## ମହଙ୍ଗା ପଡ଼ିଲା ୭ ଜଣ ବସି ସ୍କୁଟି ଚଳାଇବା



**ଗାଡ଼ି ଜବତ, ୨୧ ହଜାର ଜରିମାନା**

■ **ସମ୍ବଲପୁର,୨୮।୭ (ସମିସ):** ସ୍କୁଟିରେ ୭ ଜଣ ବସି ଗାଡ଼ି ଚଳାଇବା ମହଙ୍ଗା ପଡିଲା। ଭିଡ଼ିଓ ଭାଇରାଲ ହେବା ପରେ ଧନୁପାଲି ଆକ୍ସନ ମୁଡରେ ଆସିଛି। ପୁଲିସ ଗାଡ଼ି ନଂ ଓଡ଼ି ୧୫-ଏସି୩୬୬୮କୁ ଜବତ କରିବା ସହ ୨୧ ହଜାର ଟଙ୍କା ଜରିମାନା କରିଛି। ଚାଳକ ସାବାଳକ ଥିବା ବେଳେ ଅନ୍ୟ ୬ ଜଣ ନାବାଳକ ରହିଛନ୍ତି। ସୂଚନା ଅନୁସାରେ ଏକ ▶ପୃଷ୍ଠା-୭

**ମୟୂରଭଞ୍ଜରେ ଲଜ୍ଜା**

## ୮ ଛାତ୍ରୀଙ୍କୁ ଅସଦାଚରଣ; ଶିକ୍ଷକ ନିଲମ୍ବିତ

■ **ବାରିପଦା/ବେତନଟୀ,୨୮।୭ (ସମିସ):** ପୁଣି ମୟୂରଭଞ୍ଜ ଜିଲ୍ଲାରେ ଲଜ୍ଜା। ଏକ ଉପ୍ରା ବିଦ୍ୟାଳୟର ୮ ଜଣ ଛାତ୍ରୀଙ୍କୁ ପାଠ ପଢାଇବା ସମୟରେ ଜଣେ ଶିକ୍ଷକ ଅସଦାଚରଣ ଅଭିଯୋଗରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ତେବେ ଏ ଯାଏ ଥାନାରେ ଶିକ୍ଷକଙ୍କ ବିରୋଧରେ କୌଣସି ଅଭିଯୋଗ ହୋଇନାହିଁ। ଫଳରେ ପୋକ୍‌ସୋ ଆକ୍ଟ ୨୦୧୨ ଅନୁଯାୟୀ କୌଣସି ମାମଲା ରୁଜୁ କରାଯାଇନାହିଁ। ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜନୈକ ଶିକ୍ଷକଙ୍କ କଳା କାରନାମା ସମ୍ବନ୍ଧରେ ଭିଡିଓ ସୋସିଆଲ ମିଡିଆରେ ଭାଇରଲ ▶ପୃଷ୍ଠା-୭

**ଘଟଣାର ୭ ଦିନ ପରେ ବି ରୁଜୁ ହୋଇନି ମାମଲା**










# ମହିଳା ଡାକ୍ତରଙ୍କୁ ଡିଜିଟାଲ ଆରେଷ୍ଟ: ୧୯ କୋଟି ଟଙ୍କା ଲୁଟିନେଲେ ସାଇବର ଠକ

ଗାନ୍ଧୀନଗର, ୨୮ ।୭ (ଏଜେନ୍ସି): ଗୁଜରାଟର ଗାନ୍ଧୀନଗରରେ ଜଣେ ୭୦ ବର୍ଷୀୟ ମହିଳା ଡାକ୍ତରଙ୍କୁ ଚୂନ ଲଗାଇ ସାଇବର ଅପରାଧୀମାନେ ୧୯.୨୪ କୋଟି ଟଙ୍କା ଲୁଟି ନେଇଛନ୍ତି । ଏହାକୁ ଦେଶର ସବୁଠାରୁ ବଡ଼ ଡିଜିଟାଲ ଆରେଷ୍ଟ ବୋଲି କୁହାଯାଉଛି । ଗିରଫ୍ କରିବାର ଭୟ ଦେଖାଇ ଜଣେ ବ୍ୟକ୍ତିଙ୍କୁ ଧମକାଇବା ସହ ଘରେ ବନ୍ଦୀ କରିବା ପ୍ରକ୍ରିୟାକୁ ଡିଜିଟାଲ ଆରେଷ୍ଟ କୁହାଯାଇଥାଏ । ସାଇବର ଅପରାଧୀମାନେ ଭିଡିଓ କଲ୍‌କରି ନିଜ ପଦ ପଦବୀ କୌଣସି ଥାନା ଅଧିକାରୀଙ୍କ ଭଳି ଦେଖାଇଥାନ୍ତି । ବ୍ୟାଙ୍କ ଆକାଉଣ୍ଟ ସିଜ୍ କରିବାର ଗିରଫ କରିବାର ଧମକ ଦେଇଥାନ୍ତି । ଆପ୍ ଡାଉନ୍‌ଲୋଡ କରି ନକଲି ଡିଜଟାଲ ଫର୍ମ ପୂରଣ କରିଥାନ୍ତି ଅପରାଧିମାନେ । ଡମି ଏକାଉଣ୍ଟ ସୂଚାଇ ସେଥିରେ ଟଙ୍କା ନେଣଦେଣ କରିଥାନ୍ତି । ଏହିପରି ଭାବେ ସାଇବର ଅପରାଧୀମାନେ ମହିଳା ଡାକ୍ତରଙ୍କୁ ଗରିଫଦାରୀର ଭୟ ଦେଖାଇ ମାତ୍ର ୩ ମାସ ମଧ୍ୟରେ ୧୯ କୋଟି ୨୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ଗତ ମାର୍ଚ୍ଚ ମାସରେ ଠକାମୀର ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ମହିଳା ଡାକ୍ତରଙ୍କୁ ଫେମା (ବିଦେଶୀ ମୁଦ୍ରା ପ୍ରବନ୍ଧନ) ନିୟମ ଉଲ୍ଲଂଘନ ଅଭିଯୋଗ ଗିରଫ କରିବାକୁ ଅପରାଧୀମାନେ ପୁଲିସ ଇନିସପେକ୍ଟର, ସରକାରୀ ଓକିଲର ପରିଚୟ ଦେଇ ଧମକ ଦେଇ ସଫଳ ହୋଇଥିଲେ । ଯେତେବେଳେ ମହିଳା ଡାକ୍ତରଜଣକ ସାଇବର ସ୍କାମ୍‌ର ଶିକାର ହୋଇଛନ୍ତି ବୋଲି ଜାଣିବାକୁ ପାଇଥିଲେ ସେତେବେଳେ ଏହା ଜଣାପଡ଼ିଥିଲା । ଏହି ମମଲାରେ ପୁଲିସ ସୁରତର ଲାଲଜିଭାଇ ବଲଦାନିଆ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ପଇସା ଯୋଗାଡ କରିବାକୁ ମହିଳା ଡାକ୍ତର ଜଣକ ଗୋଲ୍ଡ ଲୋନ ମଧ୍ୟ କରିଥିଲେ । ଏହି ଠକାମୀରେ ଏତେ ଡରିଯାଇଥିଲେ ଯେ, ସେ ବିଭିନ୍ନ ସ୍ଥାନରେ ଥିବା ବେଳେ ନିଜ ଲୋକେଶନ ସେୟାର କରିବାକୁ ପଛାଇ ନଥିଲେ ।



# ସଂଜୟ ଦତ୍ତଙ୍କୁ ୭୨ କୋଟି ଦାନକଲେ ମହିଳା ପ୍ରଶଂସକ



ମୁମ୍ବାଇ, ୨୮।୭ (ଏଜେନ୍ସି): ନିଜ ପ୍ରିୟ ସେଲିବ୍ରିଟିଙ୍କ ଗୋଟିଏ ଝଲକ୍ ପାଇବା ପାଇଁ ପ୍ରଶଂସକ (ଫ୍ୟାନ)ମାନେ ପାଗଳ ପ୍ରାୟ ହୋଇ ଯାଉଛନ୍ତି । କିଏ ହାତରେ ଟାଟୁ କରି ତ ଆଉ କିଏ କ୍ଷୀରାଭିଷେକ ପୁଣି କେହି ପ୍ରିୟ ସେଲିବ୍ରିଟିଙ୍କ ଶୈଳୀ ଅନୁକରଣ କରି ଚାଲୁଥିବା ଦେଖାଯାଉଛି । ଏପରି ଅନେକ ପ୍ରଶଂସକ ଅଛନ୍ତି ଯିଏ ନିଜ ପ୍ରିୟ କଳାକାରଙ୍କୁ ଭେଟିବା ପାଇଁ ଚାଲି ଚାଲି ତାଙ୍କ ପାଖରେ ପହଞ୍ଚିଛନ୍ତି । ଏବେ ଜଣେ ନିଆରା ପ୍ରଶଂସକ କାହାଣୀ ସାରା ଦେଶରେ ଚର୍ଚ୍ଚାରେ ରହିଛି । ସେ ନିଜର ସମସ୍ତ ସମ୍ପତ୍ତିକୁ ପ୍ରିୟ ଅଭିନେତା ସଞ୍ଜୟ ଦତ୍ତଙ୍କ ନାମରେ କରି ସଂସାରରୁ ବିଦାୟ ନେଇଛନ୍ତି । ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହି ସମ୍ପତ୍ତି ଲକ୍ଷେ କି କୋଟିଏ ଟଙ୍କାର ନୁହେଁ, ପ୍ରାୟ ୭୨ କୋଟିର । ମୃତ୍ୟୁ ପୂର୍ବରୁ ପରିବାର ବଦଳରେ ଏହି ସମସ୍ତ ସମ୍ପତ୍ତିକୁ ନିଜ ପ୍ରିୟ ଅଭିନେତାଙ୍କୁ ପ୍ରଦାନ କରିବା ପାଇଁ ସେ ବ୍ୟାଙ୍କକୁ କହି ଯାଇଥିଲେ ।

ଏହି ମହିଳାଙ୍କ ନାମ ହେଉଛି ନିଶା ପଟେଲ । ସେ ମୁମ୍ବାଇର ବାସିନ୍ଦା ଏବଂ ଜଣେ ଗୃହିଣୀ ଥିଲେ । ସେ ଦୂରାରୋଗ୍ୟରେ ପୀଡ଼ିତ ହୋଇ ୨୦୧୮ ରେ ପ୍ରାଣ ହରାଇ ଥିଲେ । ସେ ସମୟରେ ଏହି ଖବର ଖୁବ୍ ଚର୍ଚ୍ଚାରେ ଥିଲା । ଲୋକେ ଏହା ଶୁଣିବା ପରେ ମିଛି ବୋଲି କହିଥିଲେ । ମାତ୍ର ନିକଟରେ ସଞ୍ଜୟ ଦତ୍ତ ଏହି ଘଟଣାକୁ ସତ ବୋଲି କହିଛନ୍ତି । ସେ ଏକ ସାକ୍ଷାତକାରରେ ଏ ବିଷୟରେ ସୂଚନା ଦେଇଛନ୍ତି । ସେ ମହିଳାଙ୍କ ୭୨ କୋଟି ଟଙ୍କାର ସମ୍ପତ୍ତିକୁ ତାଙ୍କ ପରିବାର ଲୋକଙ୍କୁ ଫେରାଇ ଦେଇଥିବା ସୂଚନା ଦେଇଛନ୍ତି । ଏହା ଅଭିନେତାଙ୍କ ବ୍ୟକ୍ତିତ୍ୱକୁ ଦର୍ଶାଉଛି । ଖଳନାୟକ ଷ୍ଟାରଙ୍କ କ୍ୟାରିୟର ବିବାଦଭରା ରହିଛି । ସେ ଆତଙ୍କବାଦ ସହ ଜଡ଼ିତ ଏବଂ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ୫ ବର୍ଷ ଜେଲ୍ ଯାଇଥିଲେ ।

# କେନାଲକୁ ଖସିଲା ପିକ୍‌ଅପ୍ ଭ୍ୟାନ; ୮ ମୃତ, ୩ ନିଖୋଜ

ଲୁଧିଆନା, ୨୮ ।୭ (ଏଜେନ୍ସି): ପଞ୍ଜାବର ଲୁଧିଆନାରେ ରବିବାର ବିଳମ୍ବିତ ରାତିରେ ମଲୋରକୋଟଲା ରୋଡ୍‌ରେ ଜଗୋଡା କେନାଲର ପୋଲ ଉପରୁ ଏକ ମହିନ୍ଦ୍ରା ପିକ୍‌ଅପ୍ ଗାଡି ତଳକୁ ଖସିପଡ଼ିଛି । ଏହି ଗାଡିରେ ମୋଟ୍ ୨୯ ଜଣ ଲୋକ ଯାତ୍ରା କରୁଥିଲେ । ୩ ଜଣ ଛୋଟ ପିଲା ଓ ୪ ମହିଳାଙ୍କ ସମେତ ୮ ଜଣ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ୨ ଜଣ କେନାଲରେ ଭାସି ଯାଇ ନିଖୋଜ ଅଛନ୍ତି ଓ ଏମାନଙ୍କୁ ଖୋଜିବାର ଜାରି ରହିଛି । ସବୁ ଲୋକ ହିମାଚଳର ମାତା ନୈନା ଦେବୀ ମନ୍ଦିର ଦର୍ଶନ କରି ଘରକୁ ଫେରୁଥିଲେ । ଏହି ପିକ୍‌ଅପ୍ ଗାଡି ଓଭରଲୋଡ ଥିଲା । ଏକ ବାହାନକୁ ଓଭରଟେକ କରିବା ସମୟରେ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ ଓ ଗାଡିର ସନ୍ତୁଳନ ବିଗିଡ ଯାଇଥିଲା । ଫଳରେ ଦୁର୍ଘଟଣା ଘଟିଥିଲା । ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ପୁଲିସ ତରଫରୁ କୁହାଯାଇଛି ।

# ଯୁଦ୍ଧବିରତି ଘୋଷଣା କଲେ ଥାଇଲାଣ୍ଡ- କାମ୍ବୋଡିଆ



ବ୍ୟାଙ୍କକ/ ନୋମ ପେନ୍ସ, ୨୮ ।୭ (ଏଜେନ୍ସି): ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଚାଲିଥିବା ସଂଘର୍ଷର ପୂର୍ଣ୍ଣଚ୍ଛେଦ ପଡ଼ିଛି । ଅସ୍ତ୍ରବିରତି ନେଇ ଦୁଇ ଦେଶ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି । ଆମେରିକା ଓ ଚୀନ୍‌ର ମଧ୍ୟସ୍ଥତାରେ କରିବା ପରେ ଦୁଇଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି । ମାଲେସିଆ ରାଜଧାନୀ କୁଆଲାଲମ୍ପୁରରେ ସୋମବାର ଶାନ୍ତିବାର୍ତ୍ତା ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଥାଇଲାଣ୍ଡ ତରଫରୁ କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ଫୁମ୍‌ଥମ ବେଚୟଚାଇ ଓ କାମ୍ବୋଡିଆ ତରଫରୁ ପ୍ରଧାନମନ୍ତ୍ରୀ ହୁନ୍ ମାନେଟ ଯୋଗ ଦେଇଥିଲେ । ଏହି ବୈଠକରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ଅଧ୍ୟକ୍ଷତା କରିଥିଲେ । ଉଲ୍ଲେଖଥାଉ କି, ଦୁଇଦେଶ ମଧ୍ୟରେ ସୀମାବିବାଦ କାରଣରୁ ୩ ଦିନ ବ୍ୟାପୀ ଭିଷଣ ସଂଘର୍ଷ ଦେଖିବାକୁ ମିଳିଥିଲା । ଏକ ହଜାର ବର୍ଷର ଦୁଇଟି ଶିବ ମନ୍ଦିର ପାଇଁ ଦୁଇ ଦେଶ ମୁହାଁମୁହିଁ ହୋଇଥିଲେ । ଏହି ସଂଘର୍ଷରେ ୩୩ଜଣ ମୃତ୍ୟୁବରଣ କରିଥିଲେ ଓ ଏଥି ମଧ୍ୟରୁ ଅଧିକାଂଶ ସାଧାରଣ ଲୋକ ଥିଲେ । ମାଲେସିଆ ଏବେ ଦକ୍ଷିଣପୂର୍ବ ଏସୀୟ ଦେଶର ସଂଗଠନ ଏସିଆନ୍‌ର ଅଧ୍ୟକ୍ଷତା କରୁଛି । ତେଣୁ ଦେଶକୁ କଥାବାର୍ତ୍ତା କରିବାକୁ ମାଲେସିଆ ଏହି ବୈଠକକୁ ଡାକିଥିଲା ।

# ବ୍ୟାଙ୍କକ୍‌ରେ ୫ ଲୋକଙ୍କୁ ମାରିବା ପରେ ଆତ୍ମହତ୍ୟା କଲେ ବରିଷ୍ଠ ନାଗରିକ

ବ୍ୟାଙ୍କକ୍, ୨୮ ।୭ (ଏଜେନ୍ସି): ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ଜଣେ ୬୧ ବର୍ଷୀୟ ବରିଷ୍ଠ ନାଗରିକ ଏକ ବଡ଼ ଧରଣର ଅଘଟଣ ଘଟାଇଛନ୍ତି । ଏକ ଫୁଡ୍ ମାର୍କେଟ୍‌ରେ ସେ ଆଖିବୁଜା ଗୁଳି ଚଳାଇ ୫ ଜଣ ବ୍ୟକ୍ତିଙ୍କୁ ହତ୍ୟା କରିବା ପରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି । ଏହି ଫାୟାରିଂରେ ୩ ଜଣ ଲୋକ ମଧ୍ୟ ଆହତ ହୋଇଛନ୍ତି । ସୋମବାର ସ୍ଥାନୀୟ ଜନଗହଳି ସମ୍ପର୍ଣ୍ଣ ତୋର କୋର ମାର୍କେଟ୍‌ରେ ଏହି ଘଟଣା ଘଟିଥିଲା । ଏଠାରେ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୋଇଥାଏ ଓ ଏହା ପର୍ଯ୍ୟଟକଙ୍କୁ ଲୋକପ୍ରିୟ ସ୍ଥାନ ଭାବେ ବେଶ୍ ଜଣାଶୁଣା । ଏହା ଚଟୁ ଛକ ମାର୍କେଟ୍ ନିକଟରେ ଅବସ୍ଥିତ । ଗୁଳି ଚଳାଇଥିବା ବ୍ୟକ୍ତିଜଣକ ହେଉଛନ୍ତି ମିଷ୍ଟର ନୋଇ ଓ ଏହାକୁ ଏକ ମାସ୍ ସୁଟି ଭାବେ ଅବିହିତ କରାଯାଉଛି ବୋଲି ପୁଲିସ ତରଫରୁ କୁହାଯାଇଛି । ଆକ୍ରମଣକାରୀଙ୍କ ମାନସିକ ସ୍ଥିତି କିପରି ଥିଲା ଏବଂ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ହୋଇଥିବା ସଂଘର୍ଷ ସହିତ ଏହି ଘଟଣାର ସମ୍ପର୍କ ଅଛି କି ନାହିଁ ସେ ନେଇ ପୁଲସ ଯାଞ୍ଚ୍ କରୁଛି । ମୃତ ବ୍ୟକ୍ତିମାନଙ୍କ ମଧ୍ୟରେ ୪ଜଣ ନିରାପତ୍ତା ରକ୍ଷୀ ଓ ମାର୍କେଟ ଭେଣ୍ଡର ସାମିଲ ରହିଛନ୍ତି ।

# ଅଗଷ୍ଟରେ ବାଂଲାଦେଶ ନିର୍ବାଚନ ନେଇ ଘୋଷଣା

ଢ଼ାକା, ୨୮ ।୭ (ଏଜେନ୍ସି): ଅଗଷ୍ଟ ପ୍ରଥମ ସପ୍ତାହରେ ବାଂଲାଦେଶରେ ନିର୍ବାଚନ ନେଇ ଘାଷଣା ହେବ ବୋଲି ଅନ୍ତରୀଣ ସରକାର ଘୋଷଣା କରିଛନ୍ତି । ଦେଶ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇ ଅନ୍ତରୀଣ ସରକାର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ଏ ନେଇ ଘୋଷଣା କରିବେ । ଆସନ୍ତା ବର୍ଷ ଫେବୃଆରୀ ନିର୍ବାଚନ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏକାଧିକ ରାଜନୈତିକ ଦଳ ନିର୍ବାଚନ କରିବାକୁ ଚାପ ପ୍ରୟୋଗ କରୁଛନ୍ତି । ନିଷ୍ପକ୍ଷ ନିର୍ବାଚନ ପାଇଁ ୟୁନୁସ ପ୍ରତିଶ୍ରୁତ ଦେଇଛନ୍ତି । ଉଲ୍ଲେଖଥାଉ କି, ହିଂସକ ଛାତ୍ର ଆନ୍ଦୋଳନ ହେବା ଦ୍ୱାରା ଶେଖ ହସିନାଙ୍କ ସରକାରକୁ ଗାଦି ଛାଡିବାକୁ ପଡ଼ିଥିଲା ଓ ସ୍ଥିତି ଅସମ୍ଭାଳ ହେବା କାରଣରୁ ତାଙ୍କୁ ସେ ଦେଶ ଛାଡି ଭାରତରେ ଶରଣ ନେଇଛନ୍ତି ।

# ଭାରତୀୟ ଡାକ୍ତରଙ୍କୁ ଧନ୍ୟବାଦ୍ ଦେଲେ ୟୁନୁସ୍

ଢ଼ାକା, ୨୮ ।୭ (ଏଜେନ୍ସି): ବାଂଲାଦେଶ ବିମାନ ଦୁର୍ଘଟଣାରେ ଆହତମାନଙ୍କ ଚିକିତ୍ସା କରୁଥିବା ଭାରତୀୟ ଡାକ୍ତରମାନଙ୍କୁ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଦୁର୍ଘଟଣାରେ ପୀଡିତମାନଙ୍କ ଚକିତ୍ସା ପାଇଁ ଭାରତ ଡାକ୍ତର ଓ ନର୍ସଙ୍କର ଦଳ ବାଂଲାଦେଶ ପଠାଇଥିଲା । ଅବଶ୍ୟ ପୀଡିତଙ୍କ ଚିକିତ୍ସା ପ୍ରକ୍ରିୟାରେ ଭାରତ ସମେତ ଚୀନ୍ ଓ ସିଙ୍ଗାପୁରର ଡାକ୍ତରମାନେ ମଧ୍ୟ ଲାଗି ପଡ଼ିଛନ୍ତି । ଢ଼ାକାସ୍ଥିତ ଷ୍ଟେଟ ଗେଷ୍ଟ ହାଉସ ଯମୁନାରେ ହୋଇଥିବା ବୈଠକରେ ଯୋଗଦେଇ ୟୁନୁସ ୨୧ଜଣ ଡାକ୍ତର ଓ ନର୍ସଙ୍କୁ ଭେଟି କୃତଜ୍ଞତା ଜଣାଇଥିଲେ ।

## ଜଷ୍ଟିସ ବର୍ମାଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ଏତେ ଦିନ ପାଇଁ ଅପେକ୍ଷା କାହିଁକି?

ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): ଦିଲ୍ଲୀସ୍ଥିତ ବାସଭବନରୁ ବିପୁଳ ଟଙ୍କା ଜବତ ମାମଲାକୁ ନେଇ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କୁ ହଟାଇବା ପାଇଁ ସଂସଦରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହା ମଧ୍ୟରେ ସେ ଦାଏର କରିଥିବା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ତାଙ୍କୁ ପ୍ରଶ୍ନବାଣ ମାରିଛନ୍ତି । ଯାଞ୍ଚ କମିଟି ରିପୋର୍ଟକୁ ରଦ୍ଦ କରିବା ଲାଗି ଜଷ୍ଟିସ ବର୍ମାଙ୍କ ପିଟିସନ ଉପରେ ପ୍ରଶ୍ନ ଉଠାଇଛନ୍ତି କୋର୍ଟ । କୋର୍ଟ ପ୍ରଶ୍ନ କରିଛନ୍ତି ଯେ ଏତେ ଦିନ ପର୍ଯ୍ୟନ୍ତ ସେ କାହିଁକି ଅପେକ୍ଷା କରିଥିଲେ । ଯଦି କମିଟିରେ ଭରସା ନାହିଁ, ତାହାହେଲେ ଯାଞ୍ଚ କମିଟି ସାମ୍ନାରେ ଆପଣ କାହିଁକି ଉପସ୍ଥିତି ହେଲେ? ତଦନ୍ତ ଶେଷ ହେବା ଏବଂ ରିପୋର୍ଟ ଜାରି ହେବା ପର୍ଯ୍ୟନ୍ତ କାହିଁକି ଅପେକ୍ଷା କରିଥିଲେ? ଏହି ନିଷ୍ପତ୍ତିକୁ ନିଜ ସପକ୍ଷରେ ନେବାକୁ ପ୍ରୟାସ କରିଥିଲେ କି ବୋଲି ଜଷ୍ଟିସ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ ଏଜି ମସିହଙ୍କ ଖଣ୍ଡପୀଠ ପଚାରିଛନ୍ତି । ପୁଣି ଏହି ପିଟସନରେ ଜଷ୍ଟିସ ବର୍ମା କାହିଁକି ନିଜର ପରିଚୟ ଲୁଚାଇବାକୁ ଚେଷ୍ଟା କରିଛନ୍ତି । କୋର୍ଟ କହିଥିଲେ ଯେ କେବଳ ନାବାଳକ ଅପରାଧୀ, ଯୌନ ଅପରାଧର ଶିକାର ମହିଳା/ଯୁବତୀ ସେମାନଙ୍କର ପରିଚୟ ଗୁପ୍ତ ରଖିପାରିବେ ।



ଯାଞ୍ଚ କମିଟି ସାମ୍ନାରେ କାହିଁକି ଉପସ୍ଥିତ ହୋଇଥିଲେ

ଆହ୍ଲାବାଦ ହାଇକୋର୍ଟର ବିଚାରପତି ବର୍ମାଙ୍କ ପକ୍ଷରୁ ଯୁକ୍ତି କରି ବରିଷ୍ଠ ଓକିଲ କପିଲ ସିବଲ କହିଲେ ଯେ ଜଣେ ହାଇକୋର୍ଟ ବିଚାରପତିଙ୍କୁ ନେଇ ସାର୍ବଜନୀନ ବିତର୍କର ବିଷୟ ହୋଇପାରିବେ ନାହିଁ । ଏଥିପାଇଁ ସମ୍ବିଧାନର ଧାରା ୧୨୪ ପାଳନ କରାଯିବା ଉଚିତ ବୋଲି ସେ ଉଲ୍ଲେଖ କରିଥିଲେ । ଏହାକୁ ନେଇ ସିବଲଙ୍କୁ ସୁପ୍ରିମକୋର୍ଟ ପାଲଟା ପ୍ରଶ୍ନ ପଚାରି ଥିଲେ ଯେ ଜଷ୍ଟିସ ବର୍ମା ତଦନ୍ତ କମିଟି ସାମ୍ନାରେ କାହିଁକି ଉପସ୍ଥିତ ହୋଇଥିଲେ?

ଘରୁ ଟଙ୍କା ଜବତ ମାମଲାରେ ଭାରତର ପ୍ରଧାନ ବିଚାରପତିଙ୍କ ସୁପାରିସରେ ଚାଲିଥିବା ମହାଭିଯୋଗ ପ୍ରକ୍ରିୟା ଏବଂ ଇନ-ହାଉସ କମିଟିର ରିପୋର୍ଟକୁ ରଦ୍ଦ କରିବା ପାଇଁ ଜଷ୍ଟିସ ବର୍ମା ତାଙ୍କ ପିଟିସନରେ ନିବେଦନ କରିଛନ୍ତି । ଆସନ୍ତା ୩୦ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଗତ ୨୩ ତାରିଖରେ ଏହି ମାମଲାର ମଧ୍ୟ ଶୁଣାଣି ହୋଇଥିଲା । ଏହି ସମୟରେ ମାମଲାରେ କିଛି ସାମ୍ବିଧାନିକ ପ୍ରସଙ୍ଗ ରହିଛି ବୋଲି ଜଷ୍ଟିସ ବର୍ମାଙ୍କ ପକ୍ଷରୁ କୁହାଯାଇଥିଲା । ତ୍ୱରିତ ଶୁଣାଣି ଲାଗି ଯଥାଶୀଘ୍ର ଖଣ୍ଡପୀଠ ଗଠନ କରିବାକୁ ସେ ନିବେଦନ କରିଥିଲେ । ଅନ୍ୟପଟେ ଜଷ୍ଟିସ ବର୍ମାଙ୍କୁ ହଟାଇବା ପାଇଁ ୧୫୨ ସାଂସଦ ଗତ ୨୧ ତାରିଖରେ ବାଚସ୍ପତି ଓମ ବିର୍ଲାଙ୍କୁ ଦାବିପତ୍ର ଦେଇଥିଲେ । ରାଜ୍ୟସଭାର ୫୦ରୁ ଅଧିକ ସାଂସଦ ମଧ୍ୟ ଏହି ପ୍ରସ୍ତାବରେ ସ୍ୱାକ୍ଷର କରିଥିଲେ । ଏହା ପରେ ତାଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା ।

# ହରିୟାଣାରେ ସିଆର୍‌ପି ଯବାନଙ୍କୁ ହତ୍ୟା




ସୋନିପତ, ୨୮ ।୭ (ଏଜେନ୍ସି): ହରିୟାଣା ସୋନିପତରେ ଜଣେ ସିଆରପିଏଫ୍ ଯବାନଙ୍କୁ ଗୁଳିକରି ହତ୍ୟା କରାଯାଇଛି । ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଙ୍କୁ ଘରୁ ଡାକିନେଇ ଏହି କାଣ୍ଡ ଘଟାଇଛନ୍ତି । ଗୁଳିର ଶବ୍ଦ ଶୁଣି ଘରଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ ଓ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଦେଖିଥିଲେ । ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତଦେହକୁ ପୁଲିସ୍ ପୋଷ୍ଟମର୍ଟମ ପାଇଁ ପଠାଇଛି । ମୃତ ଜବାନ ହେଉଛନ୍ତି ଖେଡି ଦମକନ ଗାଁର କୃଷ୍ଣ । ସେ ଛତିଶଗଡ଼ରେ ନିୟୋଜିତ ଥିଲେ ଓ ଏକମାସ ଛୁଟିରେ ଆସିଥିଲେ । ସେ ଦୁଇଟି ସନ୍ତାନର ପିତା ଥିଲେ । ସେ ମାତ୍ର ୩ ଦିନ ତଳେ ଦ୍ୱିତୀୟ ସନ୍ତାନର ପିତା ହେବାର ସୌଭାଗ୍ୟ ଲାଭ କରିଥିଲେ । କିଛିଦିନ ତଳେ ସେ ହରିଦ୍ୱାର କାଉଡି ଯାତ୍ରାରେ ଯାଇଥିଲେ ଓ ସେଠାରେ କିଛି ଯୁବକଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା । ଏହି କାରଣରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ପୁଲିସ ସନ୍ଦେହ କରୁଛି ବୋଲି କହିଛି ।

# ବାରାବଙ୍କିର ଅବସାନେଶ୍ୱର ମନ୍ଦିରରେ ଦଳାଚକଟା; ୨ ମୃତ

ବାରାବଙ୍କି, ୨୮ ।୭ (ଏଜେନ୍ସି): ଉତ୍ତରପ୍ରଦେଶର ବାରାବଙ୍କି ଜିଲ୍ଲାର ଅବସାନେଶ୍ୱର ମନ୍ଦିରରେ ଶ୍ରାବଣମାସର ତୃତୀୟ ସୋମବାରରେ ଦଳାଚକଟା ହୋଇଛି । ଏଥିରେ ୨ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିବା ବେଳେ ୨୯ଜଣ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ମହିଳା ଓ ଛୋଟପିଲା ସାମିଲ ରହିଛନ୍ତି । ମୃତକଙ୍କୁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି । ରବିବାର ରାତି ଅଢ଼େଇଟାରେ ଜଳାଭିଷେକ ଅବସରରେ ଭିଡ଼ କାରଣରୁ କେତେକ ଶ୍ରଦ୍ଧାଳୁ ଇଲେକ୍‌ଟ୍ରିକ ତାର ସଂସ୍ପର୍ଶରେ ଆସି କରେଣ୍ଟ ଖାଇବା ପରେ ଆତଙ୍କ ସୃଷ୍ଟି ହୋଇଥିଲା ଓ ଲୋକେ ଦୌଡ଼ାଦୌଡି ଆରମ୍ଭ କରିଥିଲେ । ଫଳରେ ଦଳାଚକଟା ହୋଇଥିଲା । ଏହି ଘଟଣାରେ ଉପମୁଖମନ୍ତ୍ରୀ ବ୍ରଜେଶ ପାଠକ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କଠାରୁ ରିପୋର୍ଟ ମାଗିଛନ୍ତି । ଘଟଣା ପରେ ଆମ୍ବୁଲାନ୍ସରେ ୨୯ ଜଣ ଲୋକଙ୍କୁ ହାଇଦରଗଡ଼ କମ୍ୟୁନିଟ ହେଲଥ ସେଣ୍ଟରରେ ପୁଲିସ ଭର୍ତ୍ତି କରିଥିଲା । ଜିଲ୍ଲା ମୁଖ୍ୟାଳୟଠାରୁ ଅବସାନେଶ୍ୱର ମନ୍ଦିର ୪୦ କିମି ଦୂରରେ ଅବସ୍ଥିତ । ଘଟଣା ବେଳେ ୩ ହଜାର ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ ପାଇଁ ଧାଡିରେ ଛିଡା ହୋଇଥିଲେ । ମାଙ୍କଡମାନେ ଡେଇଁବା କାରଣରୁ ଇଲେକଟ୍ରିକ ତାର ଛିଡିଥିଲା । ଫଳରେ ଏହି ଘଟଣା ଘଟିଥିଲା ବୋଲି ମନ୍ଦିର କମିଟି ଅଧ୍ୟକ୍ଷ କହିଛନ୍ତି । ଅବଶ୍ୟ ଘଟଣା ପରେ ବିଜୁଳୀ କାଟି ଦିଆଯାଇଥିଲା ଓ ମନ୍ଦିରର ଗର୍ଭଗୃହ ଅନ୍ଧାର ହୋଇଯାଇଥିଲା । ଉଲ୍ଲେଖଥାଉ କି, ରବିବାର ସକାଳେ ହାରିଦ୍ୱାରର ମନସା ଦେବୀ ମନ୍ଦିରରେ ହୋଇଥିବା ଦଳାଚକଟାରେ ୮ ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ ।

# ମହିଳାଙ୍କ ସହ ସମ୍ପର୍କ ରଖି ଶାଓଲିନ୍ ବୌଦ୍ଧ ମନ୍ଦିର ମହନ୍ତ ବହିଷ୍କୃତ

ଝେଙ୍ଗଝୋଉ, ୨୮ ।୭ (ଏଜେନ୍ସି): ଚୀନର ଝେଙ୍ଗଝୋଉ ସହରରେ ଥିବା ପ୍ରସିଦ୍ଧ ଶାଓଲିନ ବୌଦ୍ଧ ମନ୍ଦିରର ପ୍ରମୁଖ ମହନ୍ତ ଶି ୟଙ୍ଗଜିନଙ୍କୁ ପଦରୁ ବହିଷ୍କାର କରାଯାଇଛି । ଏକାଧିକ ମହିଳାଙ୍କ ସହ ସମ୍ପର୍କ ରଖିବା ଓ କେତେକ ଅବୈଧ ସନ୍ତାନର ପିତା ହେବା ଏବଂ ମନ୍ଦିର ସମ୍ପତ୍ତି ଆଉ ପାଣ୍ଠି ହଡପ କରିବା ଅଭିଯୋଗରେ ତାଙ୍କୁ ବରଖାସ୍ତ କରାଯାଇଛି । ଚାଇନା ଡେଲି ରିପୋର୍ଟରେ ଏହି ସୂଚନା ଦିଆଯାଇଛି । ସରକାରୀ ଏଜେନ୍ସିଗୁଡିକ ଏହି ମାମଲାରେ ବିଭିନ୍ନ ଆରୋପ ନେଇ ତଦନ୍ତ ଆରମ୍ଭ କରିଛନ୍ତି । ଇତିମଧ୍ୟରେ ଚୀନର ବୌଦ୍ଧ ସଂଘ ଶି ୟଙ୍ଗଜିନଙ୍କଠାରୁ ତାଙ୍କ ଦୀକ୍ଷା ପ୍ରମାଣପତ୍ର



ଛଡାଇନେଇଛନ୍ତି । ୟଙ୍ଗଜିନ୍ କାର୍ଯ୍ୟ ବୌଦ୍ଧ ସମୁଦାୟର ପ୍ରତିଷ୍ଠା ଓ ଭିକ୍ଷୁଙ୍କ ଛବିକୁ ଗମ୍ଭୀର ଭାବେ କ୍ଷତି ପହଞ୍ଚାଇବା ସହ କଳଙ୍କିତ କରିଛି ବୋଲି ସଂଘ ତରଫରୁ କୁହାଯାଇଛି । ସେ ବୌଦ୍ଧ ଧର୍ମର ମୌଳିକ ସିଦ୍ଧାନ୍ତକୁ ଉଲ୍ଲଂଘନ କରିଛନ୍ତି । ୟଙ୍ଗଜିନ ୧୯୯୯ ରୁ ସାଓଲିନ୍ ମନ୍ଦିରର ମଠାଧିଶ ପଦ ଅଳଙ୍କୃତ କରିଥିଲେ । ସେ ଏହି ମନ୍ଦିରକୁ ଆଧୁନିକ ବିଜନେସ ମଡେଲରେ ପରିଣତ କରିଥିଲେ । ଏଥିପାଇଁ 'ସିଇଓ ମଙ୍କ୍' ଭାବେ ପ୍ରସିଦ୍ଧି ଲାଭ କରିଥିଲେ । ପୂର୍ବରୁ ମଧ୍ୟ ସେ ବିଭିନ୍ନ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖିବାର ଅଭିଯୋଗ ହୋଇଥିଲା । ଏହି ମନ୍ଦିର ବୌଦ୍ଧ ଆସ୍ଥା ଓ ମାର୍ଶାଲ ଆର୍ଟର କେନ୍ଦ୍ର ଭାବେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲା ।

## କର୍ଣ୍ଣେଲ ସୋଫିଆଙ୍କ ଉପରେ ଟିପ୍ପଣୀ

# ମନ୍ତ୍ରୀ ବିଜୟ ଶାହାଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): 'ଅପରେସନ ସିନ୍ଦୂର' ବିଷୟରେ ସୂଚନା ଦେଉଥିବା କର୍ଣ୍ଣେଲ ସୋଫିଆଙ୍କ ପ୍ରତି ବିବାଦୀୟ ଟିପ୍ପଣୀ ଦେଇ ଅନ୍‌ଲାଇନରେ କ୍ଷମା ମାଗିଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କୁ ସୁପ୍ରିମକୋର୍ଟ ସୋମବାର ତୀବ୍ର ଭର୍ତ୍ସନା କରିଛନ୍ତି । ମନ୍ତ୍ରୀଙ୍କ କ୍ଷମା



ପ୍ରାର୍ଥନାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି । କ୍ଷମା ପ୍ରାର୍ଥନାରେ ଆନ୍ତରିକତା ନ ଥିବା କହିଛନ୍ତି । କ୍ଷମା ପ୍ରାର୍ଥନାର ଭିଡିଓରେ ଲୋକଙ୍କ ଭାବନାକୁ ଆଘାତ ଦେଇଥିବା କଥାକୁ ସ୍ୱୀକାର କରାଯାଇ ନାହିଁ । ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ମନ୍ତ୍ରୀ ନିଜେ ଆତ୍ମଚିନ୍ତନ କରନ୍ତୁ । କେମିତି ଦୋଷର ଦଣ୍ଡ କେମିତି ଭୋଗିବେ ବିଚାର କରନ୍ତୁ । କୁଆଡେ ଗଲା ଆପଣଙ୍କ ସାର୍ବଜନୀନ କ୍ଷମା ପ୍ରାର୍ଥନା? ବାରମ୍ବାର ସୁପ୍ରିମକୋର୍ଟଙ୍କ ଧୈର୍ଯ୍ୟର ପରୀକ୍ଷା ନିଅନ୍ତୁ ନାହିଁ । ଯାଞ୍ଚ ନାମରେ କ'ଣ କରାଗଲା? ଏହାର ଉତ୍ତରରେ ମନ୍ତ୍ରୀଙ୍କ ଓକିଲ କହିଥିଲେ ଯେ ଅନ୍‌ଲାଇନରେ କ୍ଷମା ମଗା ଯାଇଛି । ଆଜି ଏହାର ରେକର୍ଡ କରାଯିବ । ଏହାକୁ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ଏଥିରୁ ମନ୍ତ୍ରୀଙ୍କ ଆଭିମୁଖ୍ୟ କ'ଣ ତାହା ଜଣାପଡୁଛି । ତାଙ୍କ ସଚ୍ଚୋଟତା ଉପରେ ସନ୍ଦେହ ସୃଷ୍ଟି ହେଉଛି । ତାଙ୍କ ବୟାନ ରେକର୍ଡ କରିବାର ଆବଶ୍ୟକତା କ'ଣ ଥିଲା? ଯେଉଁ ଲୋକଙ୍କୁ ଉତ୍ପୀଡ଼ନ ଦେଇଛନ୍ତି ତାଙ୍କର ବୟାନ ରେକର୍ଡ ହେବା ଉଚିତ ବୋଲି ସୁପ୍ରିମକୋର୍ଟ କହିଥିଲେ ।

# ଜୈସାଲମେରରେ ସ୍କୁଲ ଗେଟ୍ ପଡ଼ି ଛାତ୍ରଙ୍କ ମୃତ୍ୟୁ

ଜୈସାଲମେର, ୨୮ ।୭ (ଏଜେନ୍ସି): ରାଜସ୍ଥାନର ଜୈସାଲମେରର ପୁନମ ନଗରରେ ଏକ ସରକାରୀ ସ୍କୁଲ୍‌ରେ ଗେଟ୍ ପଡ଼ିବା ଫଳରେ ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଛି । ଜଣେ ଶିକ୍ଷକ ଓ ୫ ବର୍ଷର ଛୋଟ ଝିଅ ଏଥିରେ ଆହତ ହୋଇଛନ୍ତି । ରାଜକୀୟ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମେନ୍ ଏଣ୍ଟ୍ରିଗେଟ୍ ପଡ଼ିବା ଫଳରେ ଏହି ଘଟଣା ଘଟିଥିଲା । ସେପଟେ ଉଦୟପୁରରେ ଏକ ସ୍କୁଲ କୋଠରୀର ପ୍ଲାଷ୍ଟର ପଡ଼ିବା ଫଳରେ ୪୫ ଜଣ ପିଲ ଅଳ୍ପକେ ବର୍ତ୍ତିଯାଇଥିଲେ । ମୃତ ଛାତ୍ର ହେଉଛନ୍ତି ଅରବାଜ ଖାନ୍ (୭) । ଆରବାଜଙ୍କ ମୃତଦେହକୁ ନେଇ ପରିବାର ଓ ଗାଁ ଲୋକେ ଧାରଣାରେ ବସିଛନ୍ତି । ଏହି ଘଟଣାରେ ଗ୍ରାମ ବିକାଶ ଅଧିକାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି ।

# କେମିତି ଥିଲା ୩ ଘଣ୍ଟିଆ 'ଅପରେସନ ମହାଦେବ'

ଶ୍ରୀନଗର, ୨୮।୭ (ଏଜେନ୍ସି): ସୁରକ୍ଷାବାହିନୀ ସୋମବାର ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ସୁଲେମାନ ଶାହା ଓରଫ ହାସିମ ମୁସାକୁ ଖୋଜି ନିପାତ କରିଛି । ଏହି ଆତଙ୍କବାଦୀ ପୂର୍ବରୁ ପାକିସ୍ତାନ ସେନାର ଏସଏସଜି କମାଣ୍ଡୋ ଥିଲା । ତା'କୁ ନିପାତ କରିବା ପାଇଁ ଅପରେସନ ମହାଦେବ ଆରମ୍ଭ କରାଯାଇଥିଲା । ଶ୍ରୀନଗରରେ ଥିବା ମହାଦେବ ପର୍ବତ ନାମରେ ଏହି ଅଭିଯାନର ନାମ ରଖାଯାଇଥିଲା । ଏହି ମହାଦେବ ପାହାଡ଼ର ପାଦଦେଶରେ ଥିବା ଘଞ୍ଚ ଜଙ୍ଗଲରେ ଆତଙ୍କବାଦୀ ଲୁଚି ରହିଥିଲେ । ସୁରକ୍ଷାବାହିନୀ ଆତଙ୍କବାଦୀଙ୍କ ଉପରେ ତୀକ୍ଷଣ ଦୃଷ୍ଟି ରଖିଥିଲା । ଇଲେକ୍‌ଟ୍ରୋନିକ ଏବଂ ପ୍ରତ୍ୟକ୍ଷ ଭାବେ ଆତଙ୍କବାଦୀଙ୍କ ପ୍ରତ୍ୟେକ କାର୍ଯ୍ୟକଳାପର ନଜର ରଖା ଯାଉଥିଲା । ଜୁଲାଇ ପ୍ରାରମ୍ଭରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସେନାକୁ ସୂଚନା ମିଳି ଯାଇଥିଲା । ଏକ 'ଚାଇନିଜ୍ ଅଲଟ୍ରା ରେଡିଓ କମ୍ୟୁନିକେସନ' ସକ୍ରିୟ ହୋଇଥିବାର ସୂଚନା ମିଳିଥିଲା । ଏହା ପରେ ଅପରେସନ ମହାଦେବ ଆରମ୍ଭ କରାଯାଇଥିଲା । ବାର୍ତ୍ତା ହଟାଇବା ପାଇଁ ଲସ୍କର ଆତଙ୍କବାଦୀ ଚୀନ୍ ରେଡିଓ ବ୍ୟବହାର କରୁଥିଲେ । ପହଲଗାମ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳ ବୋଲି ସନ୍ଦେହ କରାଯାଉଥିବା ଡାଚିଗାମ ଜଙ୍ଗଲ ଉପରେ ସେନା ନଜର ରଖିଥିଲା । ଏହି ଶିଖରଟି ବହୁତ ଉଚ୍ଚରେ ଅବସ୍ଥିତ । ଏଠାରେ ଥିବା ଆତଙ୍କବାଦୀ ଗରିଲା ଯୁଦ୍ଧର ତାଲିମ ନେଇଥିଲେ ।

ସୁରକ୍ଷା ବାହିନୀ ମାତ୍ର ୧୪ ଦିନ ତଳେ ଲସ୍କର ଏବଂ ଜୈଶନ୍ ଆତଙ୍କବାଦୀଙ୍କୁ ଟ୍ରାକ୍ କରିଥିଲା । ଲସ୍କର ଏନକ୍ରିପ୍ଟେଡ୍ ମେସେଜ୍ ପାଇଁ ଚୀନ୍ ରେଡିଓ ବ୍ୟବହାର କରେ ଏବଂ ୨୦୧୬ ରେ ଏହାକୁ ଡବ୍ଲୁୱାଇ ଏସଏମଏସ ମଧ୍ୟ କୁହାଯାଉଥିଲା । ଜାଣିବାକୁ ମିଳିଥିଲା ଯେ ସମସ୍ତ ଆତଙ୍କବାଦୀ ବିଦେଶୀ ନାଗରିକ ଥିଲେ । ରିପୋର୍ଟ ଅନୁସାରେ, ସୁରକ୍ଷା ବାହିନୀ ଏକ ଗୁଇନ୍ଦା ସୂଚନା ଉପରେ କାର୍ଯ୍ୟ କରି ହରୱାନର ମୁଲନାର ଅଞ୍ଚଳରେ ଅପରେସନ୍ ଆରମ୍ଭ କରିଥିଲେ । ସେହି ଅଞ୍ଚଳରେ ଏବେ ତଲାସୀ ଅଭିଯାନ ଜାରି ରହିଛି ।

ଗତ କିଛି ଦିନ ଧରି ଏହି ଗୋଷ୍ଠୀକୁ ଟ୍ରାକ୍ କରାଯାଉଥିଲା ଏବଂ ରାତି ୨ ଟାରେ ଗୋଷ୍ଠୀଟି ଟି୮୨ ଅଲଟ୍ରାସେଟ୍ ଯୋଗାଯୋଗ ଡିଭାଇସ୍ ସକ୍ରିୟ କରା ଯାଇଥିଲା । ଏହା ଦ୍ୱାରା ଦାଚିଗାମ୍ ଜଙ୍ଗଲରେ ଲୁଚିଥିବା ଆତଙ୍କବାଦୀଙ୍କ ସଠିକ୍ ସ୍ଥାନର ସୂଚନା ମିଳିଥିଲା । ଆତଙ୍କବାଦୀଙ୍କ ପ୍ରଥମ ଫୁଟେଜ ଆଣିବା ପାଇଁ ସକାଳ ୮ଟାରେ ଡ୍ରୋନ୍ ପଠା ଯାଇଥିଲା । ସକାଳ ୯ଟା୩୦ରେ ରାଷ୍ଟ୍ରୀୟ ରାଇଫଲ୍ସ (ଆରଆର), ପାରା ସ୍ପେଶାଲ୍ ଫୋର୍ସର କମାଣ୍ଡୋମାନେ ସକାଳ ୧୦ଟାରେ ମହାଦେବ ପାହାଡ଼ ଉପରେ ଚଢ଼ିଥିଲେ । ମାତ୍ର ୩୦ ମିନିଟ୍ ମଧ୍ୟରେ ପାରା କମାଣ୍ଡୋମାନେ ଆତଙ୍କବାଦୀଙ୍କୁ ଚିହ୍ନଟ କରିଥିଲେ । ସକାଳ ୧୧ଟାରେ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ କରାଯାଇଥିଲା । ଏଥିରେ ଦୁଇ ଜଣ ନିହତ ହୋଇଥିଲେ । ଆଉ ଜଣେ ଆହତ ଆତଙ୍କବାଦୀ ପଳାଇବାକୁ ପ୍ରୟାସ କରୁଥିଲା । ତାକୁ ମଧ୍ୟ ନିହତ କରାଯାଇଥିଲା । ପରେ ଆଖପାଖର ୨ କିମି ଭିତରେ ସଫେଇ ଅଭିଯାନ ଆରମ୍ଭ କରାଯାଇଥିଲା । ୧୨ଟା ୪୫ରେ ଆତଙ୍କବାଦୀଙ୍କ ମୃତଦେହ ଚିହ୍ନଟ କରାଯାଇଥିଲା । ୩ ଘଣ୍ଟାରେ ଅଭିଯାନ ଶେଷ ହୋଇଥିଲା ।

**ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲା**

## ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କଲା କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର,୨୮ ।୭(ସମିସ): ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ରହ୍ମପୁର ଜେଏମ୍ଏଫ୍ସି (ଗ୍ରାମାଞ୍ଚଳ) ରିତିକା ଜେନାଙ୍କ କୋର୍ଟରେ ୫୭୪ପୃଷ୍ଠାର ଫାଇନାଲ ଚାର୍ଜସିଟ୍ ଦାଖଲ କରାଯାଇଛି। ଏଥିରେ ୫ଜଣ ସାବାଳକ ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ ଓ ୪ଜଣ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ଅନ୍ୟତମ ଅଭିଯୁକ୍ତ ଓଁ ପ୍ରଧାନଙ୍କ ନାମକୁ ଚାର୍ଜସିଟରୁ ବାଦ୍

- ୫୭୪ପୃଷ୍ଠାର ଚାର୍ଜସିଟରେ ଗିରଫ ୧୦ ମଧ୍ୟରୁ ୯ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି
- ଘଟଣାର ୪୩ ଦିନରେ ଦାଖଲ ଚାର୍ଜସିଟରେ ରହିଛି ୫୦ରୁ ଊର୍ଦ୍ଧ୍ୱ ସାକ୍ଷୀଙ୍କ ନାମ
- ସମ୍ପୃକ୍ତି ନଥିବା ଦର୍ଶାଇ ମାମଲାରୁ ଓମ୍‌ର ନାମକୁ ବାଦ ଦେଇଛି କ୍ରାଇମବ୍ରାଞ୍ଚ

ଦିଆଯାଇଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ଏହି ମାମଲାର ଚାର୍ଜଫ୍ରେମ ହେବ ବୋଲି ଜଣାପଡ଼ିଛି। ଏହାସହ ଘଟଣାରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଏହି ମାମଲାରେ ସାକ୍ଷୀ ଭାବେ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ, ଗତ ଜୁନ୍ ୧୫ ତାରିଖରେ ବ୍ରହ୍ମପୁରର ଏକ ପ୍ରେମୀଯୁଗଳ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ସେମାନେ ପାନ୍ଥନିବାସ ପଛପଟ ବେଳାଭୂମିରେ ବସିଥିବା ବେଳେ ରାତି ପ୍ରାୟ ୮ଟାରେ କିଛି ଯୁବକ ସେଠାରେ ପହଞ୍ଚି ଯୁବତୀଙ୍କୁ ଅସଦାଚରଣ କରିବା ସହ ପ୍ରେମିକକୁ ମାରପିଟ୍ କରିଥିଲେ। ପରେ ୧୦ଜଣଙ୍କ ମଧ୍ୟରୁ ୩ଜଣ ଯୁବକ ସମ୍ପୃକ୍ତ ଯୁବତୀଙ୍କୁ ସେଠାରୁ କିଛି ଦୂରକୁ ନେଇ ଏକ ନିକାଞ୍ଚନ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ। ଅନ୍ୟ ୭ଜଣ ଯୁବକ ଗଣଦୁଷ୍କର୍ମରେ ସହଯୋଗ କରିବା ସହ ପ୍ରେମିକକୁ ମାରପିଟ୍ କରିଥିଲେ। ଗଣଦୁଷ୍କର୍ମ ପରେ ଯୁବତୀଙ୍କଠାରୁ ନଗଦ ଏକ ହଜାର ଟଙ୍କା ଓ ଅନଲାଇନରେ ୩୦୦ଟଙ୍କା ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ରାତି ପ୍ରାୟ ୧୦ଟା ପରେ ପହଞ୍ଚି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ଦେଇଥିଲେ। ଏହି ଘଟଣାରେ ପୁଲିସ୍ ପର୍ଯ୍ୟାୟକ୍ରମେ ମୋଟ ୧୦ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ୪ ନାବାଳକଙ୍କୁ ଜେଜେବିରେ ହାଜର କରାଯାଇଥିଲା।

ଏହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଗତ ଜୁନ୍ ୧୭ ତାରିଖରେ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା। କ୍ରାଇମବ୍ରାଞ୍ଚ ଆଇଜି ଏସ.ସାଇନିଙ୍କ ନେତୃତ୍ୱରେ ଏକ ଟିମ ଗୋପାଳପୁରରେ ରହି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିଲା। ପରେ କୋର୍ଟଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନେଇ ଜେରା କରିଥିଲା। ଜେଲରେ ଥିବା ୬ଜଣ ଅଭିଯୁକ୍ତଙ୍କର ଓ ପରେ ବାଳସୁଧାର ଗୃହରେ ୪ଜଣ ନାବାଳକଙ୍କ ଟିଆଇ ପରେଡ୍ କରାଯାଇଥିଲା। ଏପରିକି ଅଭିଯୁକ୍ତଙ୍କର ଡିଏନଏ ପରୀକ୍ଷା ମଧ୍ୟ କରାଯାଇଥିଲା। ତେବେ ଘଟଣାର ୪୩ଦିନ ପରେ ଆଜି ସୋମବାର କ୍ରାଇମବ୍ରାଞ୍ଚ ଡିଏସପି ସରିତା ମହାପାତ୍ର ଓ ତାଙ୍କ ଟିମ ୫୭୪ ପୃଷ୍ଠା ସମ୍ବଳିତ ଫାଇନାଲ ଚାର୍ଜସିଟ କୋର୍ଟରେ ଦାଖଲ କରିଛନ୍ତି। ଦାଖଲ ଚାର୍ଜସିଟ୍‌ରେ ଓମ୍ ପ୍ରଧାନଙ୍କର ଏହି ଘଟଣାରେ ସମ୍ପୃକ୍ତି ନଥିବା ଦର୍ଶାଇ ମାମଲାରୁ ବାଦ ଦିଆଯାଇଛି।

## ବଦଳୁଛି ରଙ୍ଗ; ପିଲାଙ୍କୁ ମିଳୁନି ପୋଷାକ

ଭୁବନେଶ୍ୱର, ୨୮ ।୭(ସମିସ): ସରକାରଙ୍କ ରଙ୍ଗ ରାଜନୀତିର ଶିକାର ହୋଇଛି ଶିକ୍ଷାନୁଷ୍ଠାନ । ପ୍ରଥମେ ସ୍କୁଲ ଗୃହର ରଙ୍ଗ ପରିବର୍ତ୍ତନ କରାଯିବାକୁ କୁହାଗଲା, ପରେ ପିଲାମାନଙ୍କ ୟୁନିଫର୍ମର ରଙ୍ଗ ବଦଳାଇବାକୁ ନିଷ୍ପତ୍ତି ହେଲା। ଏବେ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଆଇକାଡର୍, ସାର୍ଟ ଓ ଟୋପିର ରଙ୍ଗ ବି ପରିବର୍ତ୍ତନ ହେବ। ଛାତ୍ରଛାତ୍ରୀମାନେ ଏଣିକି ଗେରୁଆ ରଙ୍ଗର ଆଇ-କାର୍ଡ ପକାଇବେ । ଅନୁରୂପ ଭାବରେ ସାର୍ଟ ଓ ଟୋପିରେ ଲାଗୁଥିବା ଧଳା ଲୋଗୋକୁ ପରିବର୍ତ୍ତନ କରାଯାଇ ଗେରୁଆ କରାଯାଇଛି ଏବଂ ଛାତ୍ରଛାତ୍ରୀ ଏହାକୁ ବ୍ୟବହାର କରିବେ। କେବଳ ସେତିକି ନୁହେଁ, ପୂର୍ବରୁ ଲୋଗୋରେ ଲେଖାଥିବା 'ଆମେ ଗଢ଼ିବୁ - ନୂଆ ଓଡ଼ିଶା'କୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ଏବେ ଲୋଗୋରେ ଗେରୁଆ ରଙ୍ଗରେ 'ବିଦ୍ୟାବନ୍ତ ବିଦ୍ୟାର୍ଥୀ - ବିକଶିତ ଓଡ଼ିଶା' ଲେଖା ରଖାଯାଇଛି। ମାତ୍ର ବିଡ଼ମ୍ବନା ହେଉଛି, ଏତେ ସବୁ ରଙ୍ଗ ପରିବର୍ତ୍ତନ ସତ୍ତ୍ୱେ ପିଲାମାନଙ୍କୁ ଠିକ୍ ସମୟରେ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରିବାରେ ସରକାର ବିଫଳ ହୋଇଛନ୍ତି । ଜୁଲାଇ ୧୫ ତାରିଖ ମଧ୍ୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପରିବର୍ତ୍ତିତ ରଙ୍ଗର ପୋଷାକ ପ୍ରଦାନ କରିବାକୁ ଗତ ଜୁନ୍ ୨୬ ତାରିଖରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ କାହାକୁ ମିଳିନି ପୋଷାକ। ଗୋଟିଏ ପଟେ ରଙ୍ଗ ପରିବର୍ତ୍ତନ କରାଯାଉଥିବା ବେଳେ ଅନ୍ୟପଟେ ଠିକ୍ ସମୟରେ ପୋଷାକ ପ୍ରଦାନ ନକରି ପାରିବା ସରକାରଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

- ବଣ୍ଟନ ପାଇଁ ଅବଧି ଥିଲା ଜୁଲାଇ ୧୫
- ଆରମ୍ଭ ହୋଇନି ପୋଷାକ କିଣା ପ୍ରକ୍ରିୟା
- ଏଯାଏଁ ଅନୁଦାନ ଦେଇ ନାହାନ୍ତି ସରକାର

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଥମ ଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଜୋତା ଓ ମୋଜା ପ୍ରଦାନ କରିବାକୁ ଓସେପା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପିଲାଙ୍କୁ ପୂର୍ବ ପରି ହଳେ ଜୋତା ଓ ୨ ହଳ ମୋଜା, ଗୋଟିଏ ଟି-ସାର୍ଟ, ଗୋଟିଏ ଟ୍ରାକ୍ ପ୍ୟାଣ୍ଟ, ଗୋଟିଏ ଟୋପି ଏବଂ ଆଇ-କାର୍ଡ ଜୁଲାଇ ୧୫ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଓସେପା କଡ଼ା ତାଗିଦ୍ କରିଥିଲା। ମାତ୍ର ଜୁଲାଇ ମାସ ଶେଷ ହେବାକୁ ବସିଥିଲେ ହେଁ ପୋଷାକ ବଣ୍ଟନ ତ ଦୂର କଥା, ପୋଷାକ କିଣିବା ପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇନାହିଁ। ଗତବର୍ଷ ପୋଷାକ ବଣ୍ଟନରେ ପ୍ରାୟ ଦୁଇମାସ ବିଳମ୍ବ ହୋଇଥିବାବେଳେ ଚଳିତବର୍ଷ ଆଉ କେତେଦିନ ଲାଗିବ ବୋଲି ଅଭିଭାବକ ଓ ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି। ସରକାର ରଙ୍ଗ ପରିବର୍ତ୍ତନ ନୁହେଁ, ବରଂ ସଠିକ୍ ସମୟରେ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କଲେ ଛାତ୍ରଛାତ୍ରୀମାନେ ଉପକୃତ ହେବେ ବୋଲି ବହୁ ଶିକ୍ଷକ ମତବ୍ୟକ୍ତ କରିଛନ୍ତି। ଶିକ୍ଷକଙ୍କ କହିବା କଥା, ବଣ୍ଟନ ପ୍ରକ୍ରିୟା ସାରି ଜୁଲାଇ ୩୧ ତାରିଖ ସୁଦ୍ଧା ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି। ହେଲେ ଏବେଯାଏଁ ସରକାର ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍ସି)କୁ ଏନେଇ ଅନୁଦାନ ଦେଇନାହାନ୍ତି। ତାହେଲେ ବିନିଯୋଗ ପ୍ରମାଣପତ୍ର କେମିତି ଦାଖଲ କରିବୁ ବୋଲି ଓଲଟା ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

**ବିଜେଡି ନେତ୍ରୀ ଡ. ଲେଖାଶ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ**

## ଜାତୀୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲା ବିଜେଡି

ଭୁବନେଶ୍ୱର,୨୮ ।୭(ସମିସ): ବିଜେଡିର ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ବିରୋଧରେନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ, ମହିଳା ବିରୋଧୀ ଓ କୁତ୍ସିତ ମନ୍ତବ୍ୟ ବିରୋଧରେ ଜାତୀୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛି ବିଜେଡି। ଦଳର ରାଜ୍ୟସଭା ପ୍ରତିନିଧି ମଣ୍ଡଳୀଙ୍କ ସହ ଡ. ସାମନ୍ତସିଂହାର ନିଜେ କମିଶନ ଅଧ୍ୟକ୍ଷାଙ୍କୁ ଭେଟି ଶ୍ରୀ ଖଟୁଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ ଫୋରମରେ ପ୍ରତିବାଦ ସତ୍ତ୍ୱେ ସମ୍ପୂର୍ଣ୍ଣ ଘଟଣାରେ ରାଜ୍ୟ ବିଜେପି ସରକାର ଓ ପୁଲିସର ନିରବତା ସମ୍ପର୍କରେ ସ୍ମାରକପତ୍ରରେ ଦଳ ଉଲ୍ଲେଖ କରିଛି ।

ସ୍ମାରକ ପତ୍ରରେ କୁହାଯାଇଛି ଯେ ଜୁଲାଇ ୨ ତାରିଖରେ ବାଲେଶ୍ୱରର ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଓ ବରିଷ୍ଠ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତ ସିଂହାର ଦଳୀୟ କାର୍ଯ୍ୟାଳୟ ଶଙ୍ଖ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ତେଲିପାଳ ଗ୍ରାମରେ ଏକ ଦନ୍ତା ହାତୀ ହତ୍ୟା ଓ ଏହାର ଦାନ୍ତ ଲୁଟ ଘଟଣା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ ଉଦ୍ଦିଷ୍ଟ ଥିଲା। ଦଳର ନିର୍ଦ୍ଦେଶ ଅନୁଯାୟୀ ଡ଼. ସାମନ୍ତସିଂହାର ଏହି ସାମ୍ବାଦିକ ସମ୍ମିଳନୀର ନେତୃତ୍ୱ ନେଇଥିଲେ। ଉପରୋକ୍ତ ହାତୀ ମୃତ୍ୟୁ ଘଟଣାରେ



ସ୍ଥାନୀୟ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ସଂପୃକ୍ତି ଥିବାନେଇ ଏଥିରେ ଅଭିଯୋଗ ହୋଇଥିଲା। ସମ୍ବାଦପତ୍ରରେ ପ୍ରକାଶିତ ନ୍ୟୁଜ, ଅଡିଓ କ୍ଲିପ ଓ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରୁ ୩ ଜଣ ଅଭିଯୁକ୍ତ ଗିରଫ ହୋଇଥିବାରୁ ବିଜେଡି ପକ୍ଷରୁ ଏହି ଅଭିଯୋଗ ଅଣାଯାଇଥିଲା ଏବଂ ଘଟଣାର ତ୍ୱରିତ୍ ଅନ୍ୱେଷାନ ଦାବି କରାଯାଇଥିଲା। ମାତ୍ର ଏହି ସାମ୍ବାଦିକ ସମ୍ମିଳନୀର ମାତ୍ର ଘଣ୍ଟାଏ ମଧ୍ୟରେ ଶ୍ରୀ ଖଟୁଆ ଏକ ସାମ୍ବାଦିକ ସମ୍ମିଳନୀରେ ଡ଼. ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ଓ ଅପଶବ୍ଦ ପ୍ରୟୋଗ

**ସନ୍ତୋଷ ଖଟୁଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି**

କରିଥିଲେ। ତାଙ୍କର କୁତ୍ସିତ ଓ ଅଶାଳୀନ ଭାଷାର ଭିଡିଓ ଫୁଟେଜ ରାଜ୍ୟବାପୀ ଗଣମାଧ୍ୟମରେ ପ୍ରସାରିତ ହେବା ସହ ଜାତୀୟ ଗଣମାଧ୍ୟମରେ ଶୀର୍ଷକ ପାଲଟିଥିଲା। ଶ୍ରୀ ଖଟୁଆଙ୍କ ଏପରି ବୟାନ ଡ. ସାମନ୍ତସିଂହାରଙ୍କ ମର୍ଯ୍ୟାଦା, ପ୍ରତିଷ୍ଠା କ୍ଷୁର୍ଣ୍ଣ କରିବା ସହ ତାଙ୍କୁ ଗଭୀର ମାନସିକ ଆଘାତ ଦେଇଛି।

ଶ୍ରୀ ଖଟୁଆଙ୍କ ଏପରି ମନ୍ତବ୍ୟ ଅତ୍ୟନ୍ତ ନିମ୍ନ ସ୍ତରର ରାଜନୀତି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। ଏଥିରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ବିଜେଡି ଏହି ଘଟଣାକୁ ନେଇ ଡ. ସାମନ୍ତସିଂହାରଙ୍କୁ ଦୃଢ଼ ଭାବେ ସମର୍ଥନ କରି ଆସିଛି ଏବଂ ତାଙ୍କ ପଛରେ ଛିଡ଼ା ହୋଇଛି। ଦଳର ଆଉ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମହିଳା କମିଶନଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା ବେଳେ ୧୫ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କମିଶନ ବାଲେଶ୍ୱର ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିଜେ ଡ. ସାମନ୍ତସିଂହାର ଭୁବନେଶ୍ୱର ମହିଳା ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ପୁଲିସ ଏହି ଘଟଣାରେ ସମ୍ପୂର୍ଣ୍ଣ ନିରବ ରହିଛି, ତେଣୁ ଏପରି ସମୟରେ ଜାତୀୟ ମହିଳା କମିଶନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି। ଘଟଣାର ତଦନ୍ତ ପାଇଁ କମିଶନ ତୁରନ୍ତ ଏକ ପ୍ରତିନିଧି ମଣ୍ଡଳୀକୁ ବାଲେଶ୍ୱର ନୀଳଗିରି ପଠାଇବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଛି। ସେହିପରି ଡ. ସାମନ୍ତ ସିଂହାର ଦାୟର କରିଥିବା ମାମଲା ଉପରେ ଶ୍ରୀ ଖଟୁଆଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କମିଶନ ରାଜ୍ୟ ସରକାର ଏବଂ ପୁଲିସକୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ଅନୁରୋଧ କରିଛି। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡ. ସସ୍ମିତ ପାତ୍ର, ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ ଓ ନିରଞ୍ଜନ ବିଶି ପ୍ରମୁଖ ଥିଲେ।

## ଦୁର୍ଘଟଣାରେ ବାପା-ପୁଅ ମୃତ

କଣ୍ଟାବାଞ୍ଜି, ୨୮ ।୭(ସମିସ): ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ଜାମଖୁଣ୍ଟା ବୁଲାଣି ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପ-ପୁଅଙ୍କ ଘଟଣାସ୍ଥଳ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ନୂଆପଡ଼ା ଜିଲ୍ଲା ଖଡିଆଳ ଥାନା ଅନ୍ତର୍ଗତ ଖାସବାହାଲ ଗାଁର ଅପିନ୍ଦ୍ର ଶବର (୩୬) ଓ ତାଙ୍କ ପୁଅ ହରିଓଁମ ଶବର(୧୨)। ଦୁହେଁ, ଭାବନୀପାଟଣା ପଟୁ ଖାସବାହାଲ ଗାଁକୁ ଫେରୁଥିବା ବେଳେ ଜାମଖୁଣ୍ଟା ବୁଲାଣି ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେବାରୁ ଏହି

**କ୍ଷତିପୂରଣ ଦାବିରେ ୧୬ ନଂ ରାଜ୍ୟ ରାଜପଥର ଅବରୋଧ**

ଅଘଟଣ ଘଟିଥିଲା। ପରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଖଡ଼ିଆଳ-ଭାବନୀପାଟଣା ୧୬ନଂ ରାଜ୍ୟ ରାଜପଥକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ଫଳରେ ଶହଶହ ଯାନବାହନ ଜାମ ହୋଇଥିବା ବେଳେ ଯାତାୟାତ ଠପ ହୋଇଯାଇଥିଲା। ଘଟଣାସ୍ଥଳରେ ବଙ୍ଗୋମୁଣ୍ଡା ତହସିଲଦାର ସହ ସିନ୍ଧେକେଲା ପୁଲିସ ପହଞ୍ଚି ପରିବାରଲୋକଙ୍କୁ ବୁଝାସୁଝା କରି ବଙ୍ଗୋମୁଣ୍ଡା ତହସିଲଦାର ରେଡ୍‌କ୍ରସ ପାଣ୍ଠିରୁ ପରିବାରଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ପରେ ଆନ୍ଦୋଳନରୁ ଓହରି ଯାଇଥିଲେ। ଏନେଇ ସିନ୍ଧେକେଲା ପୁଲିସ ଅଧିକ ତଦନ୍ତ ଆରମ୍ଭ କରିଛି।

## ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍ ଠାବ; ୫ ଗିରଫ

କେନ୍ଦୁଝର, ୨୮।୭ (ସମିସ): ଓଡ଼ିଶା ସମେତ ପଡ଼ୋଶୀ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ସୁନାଚେନ୍ ଲୁଟ୍‌ପାଟ୍ କରି ପୁଲିସ୍‌ର ନିଦ ହଜାଇ ଦେଇଥିବା ଏକ ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗକୁ ଆଜି କେନ୍ଦୁଝର ପୁଲିସ୍ ଠାବ କରିବା ସହ ଗ୍ୟାଙ୍ଗ୍‌ର ୫ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ, ଚିନ୍ମୟ ପ୍ରଧାନ, ବିଜୟ ପ୍ରଧାନ, ଏ. ଆଶୁ, ଏମ୍ ଅନୀଲ ଓ ସୁନୀଲ ଦାସ। ସେମାନଙ୍କଠାରୁ ପୁଲିସ୍ ୮ଟି ସୁନା ଚେନ, ୨୧ଟି ମୋବାଇଲ, ୧୪ଟି ବାଇକ୍ ଓ ନଗଦ ୧୧ହଜାର ଟଙ୍କା ଜବତ କରିଛି ପୁଲିସ। ଗିରଫ ଲୁଟେରାଙ୍କୁ ନେଇ ପୁଲିସ୍ ସହର ଭିତରେ ସିନ-ରିକ୍ରିଏସନ୍ କରାଇବା ପରେ ସେମାନଙ୍କୁ କୋର୍ଟଚାଲାଣ କରିଛି। ଜିଲ୍ଲା ପୁଲିସ୍‌କୁ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନୀତିନ



କୁଶଳକର ଦଗଡୁ ଏହି ସୂଚନା ଦେଇଛନ୍ତି।

ଗତ ୧୬ ତାରିଖ ସନ୍ଧ୍ୟାରେ କେନ୍ଦୁଝର ସହରର ବିଭିନ୍ନ ସ୍ଥାନରୁ ଚେନ୍ ଚୋରି ଅଭିଯୋଗ ହୋଇଥିଲା। ଲୁଟେରାମାନେ ସିରିଜ୍ ଲୁଟ୍ କରି ପୁଲିସ୍‌କୁ ନାକେଦମ୍ କରିଦେଇଥିଲେ। ଏହା ଏକ ଗ୍ୟାଙ୍ଗ୍‌ର କାମ ହୋଇଥିବା ସନ୍ଦେହରେ ଜିଲ୍ଲା ପୁଲିସ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ସିସିଟିଭି ଫୁଟେଜ୍, ସାଧାରଣ ଗୁଇନ୍ଦା ରିପୋର୍ଟ ଅନୁସାରେ ଜିଲ୍ଲା ପୁଲିସ ଏହି ଘଟଣାର ମୁଖ୍ୟ ସ୍ଥାନରେ ପହଞ୍ଚିଥିଲେ। ଘଟଣାରେ ପୁଲିସ ଯାଜପୁର ଜିଲ୍ଲାର ଦଶମାଣିଆ, ମୁଣ୍ଡମାଳ ଓ ପୂର୍ବକୋଟର ଗ୍ୟାଙ୍ଗ ସାମିଲ ବୋଲି ବୋଲି ଜାଣିବାକୁ ପାଇଥିଲା। ଯାଜପୁର ଜିଲ୍ଲା ପୁଲିସ ସହାୟତାରେ କେନ୍ଦୁଝରର ସ୍ୱତନ୍ତ୍ର ଟିମ୍ ଏହି ରାକେଟର ଗ୍ୟାଙ୍ଗ ସଦସ୍ୟଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ପୁଲିସ ଛାନଭିନ୍‌ରୁ ଜଣାପଡ଼ିଛି, ଓଡ଼ିଶା ଓ ଆଖପାଖ ରାଜ୍ୟରୁ ଏମାନେ ଏକ ହଜାରରୁ ଅଧିକ ଚେନ୍ ଲୁଟ୍ କରିଛନ୍ତି।

**ଭୁବନେଶ୍ୱର ଏମ୍ସରେ ଲଜ୍ଜା**

## ମହିଳା ଆଟେଣ୍ଡାଣ୍ଟଙ୍କୁ ନର୍ସିଂ ଅଫିସରଙ୍କ ଅସଦାଚରଣ

ଭୁବନେଶ୍ୱର, ୨୮ ।୭(ସମିସ): ଭୁବନେଶ୍ୱର ଏମ୍ସ ପରିସରରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ମହିଳା ଆଟେଣ୍ଡାଣ୍ଟଙ୍କୁ ଅସଦାଚରଣ କରିଛନ୍ତି ନର୍ସିଂ ଅଫିସର୍। ଗତ ରାତିରେ ଏହି ଘଟଣା ଘଟିଛି। ତେବେ ଅଭିଯୋଗ ପରେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବାରୁ ଆଟେଣ୍ଡାଣ୍ଟମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅପରାହ୍ଣରେ



- ରାତି ଅଧରେ ଡାକ୍ତରଙ୍କ ଚାମ୍ବରକୁ ଡକାଇ ଅସଦାଚରଣ
- କାର୍ଯ୍ୟାନୁଷ୍ଠାନ ଦାବିରେ ଆଟେଣ୍ଡାଣ୍ଟଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ
- ଆନ୍ଦୋଳନରେ ସାମିଲ ହେଲେ ସଫେଇ କର୍ମଚାରୀ
- ଡାକ୍ତରଖାନା ପରିସରରେ ପରିମଳ ବ୍ୟବସ୍ଥା ଠପ୍

ଶତାଧିକ କର୍ମଚାରୀ ଏମ୍ସ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅପରପକ୍ଷେ, ଆଟେଣ୍ଡାଣ୍ଟମାନଙ୍କ କାର୍ଯ୍ୟବନ୍ଦ ଯୋଗୁଁ ବିଭିନ୍ନ ୱାର୍ଡରେ ରୋଗୀସେବା ବାଧାପ୍ରାପ୍ତ ହୋଇଥିଲା। ସେହିପରି ସଫେଇ କର୍ମଚାରୀମାନେ ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଥିବାରୁ ସଫାସୁତୁରା କାମ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଥିଲା। ଏମ୍ସ କର୍ତ୍ତୃପକ୍ଷ ଓ ଖଣ୍ଡଗିରି ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇନଥିଲା। ସେପଟେ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୁଲିସ ସୂଚନା ଅନୁସାରେ, ସ୍ଥାନୀୟ ଅଞ୍ଚଳର ୨୨ବର୍ଷୀୟା ଜଣେ ଯୁବତୀ ବିଆଇଏସ୍ କମ୍ପାନୀ ଅଧୀନରେ ଏମ୍ସରେ ଆଟେଣ୍ଡାଣ୍ଟ ଭାବେ କାମ କରୁଛନ୍ତି। ଗତରାତି ସିଫ୍ଟରେ ଯୁବତୀଜଣଙ୍କ ଡି-୫ ୱାର୍ଡରେ ଡ୍ୟୁଟି କରି ସେମିନାର ହଲରେ ଥିଲେ। ବିଳମ୍ବିତ ରାତିରେ ନର୍ସିଂ ଅଫିସର୍ ତଥା ରାଜସ୍ଥାନର ନାନୁରାମ୍ ତାଙ୍କୁ ଫୋନ୍ କରି ଡାକ୍ତରଙ୍କ ଚାମ୍ବରକୁ ଡକାଇଥିଲେ। ନର୍ସିଂ ଅଫିସର୍ ଡାକୁଥିବାରୁ କୌଣସି କାମରେ ଡାକୁଥିବା ଭାବି ଯୁବତୀଜଣଙ୍କ ସେଠାକୁ ଯାଇଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପରେ ନାନୁ ରାମ୍ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଖାଲି ସେତିକି ନୁହେଁ, ପାଖରେ ବସିବାକୁ କହିବା ସହ ଅସଦାଚରଣ କରିଥିଲେ। ତେବେ ଯୁବତୀଜଣଙ୍କ ସେଠାରୁ ପଳାଇଯିବା ସହ ସୁପରଭାଇଜର୍‌ଙ୍କୁ ସମସ୍ତ କଥା କହିଥିଲେ। ପରେ ସୁପରଭାଇଜର୍ ଓ ପୀଡ଼ିତା ଡାକ୍ତରଖାନା ନିୟନ୍ତ୍ରଣ କକ୍ଷ (କଣ୍ଟ୍ରୋଲ ରୁମ୍)କୁ ଯାଇ ଅଭିଯୋଗ କରିଥିଲେ। ନର୍ସିଂ ଅଫିସର୍ ନାନୁ ରାମ୍ ମଧ୍ୟ ସେଠାକୁ ଆସି ନିଜ ଭୁଲ୍ ସ୍ୱୀକାର କରିବା ସହ ଅଣ୍ଡରଟେକିଂ ଲେଖିଥିଲେ। ପୀଡ଼ିତା ଆଜି ସକାଳୁ ପୁଣି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଲିଖିତ ଜଣାଇବା ସହନାନୁ ରାମ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ଫଳରେ ଘଟଣାକୁ ନେଇ ଆଟେଣ୍ଡାଣ୍ଟ ଓ ସଫେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।




# ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସରେ ଚାରାବଣ୍ଟନ

ସମ୍ବଲପୁର, ୨୮।୭ (ସମିସ)

ଜଳବାୟୁ ସନ୍ତୁଳନ ରକ୍ଷା ଏବଂ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ଲଗାଇବା ଅତ୍ୟାବଶ୍ୟକ। ଗଛ ବଞ୍ଚିଲେ ମଣିଷ ବଞ୍ଚିବ, ଜୀବଜନ୍ତୁ ବଞ୍ଚିରହିବେ। ସୁରକ୍ଷିତ ରହିବ ପରିବେଶ। ଆମ ପ୍ରକୃତି ହେବ ସୁରକ୍ଷିତ। ସାମ୍ପ୍ରତିକ ସମୟରେ ଏହି ଆହ୍ୱାନକୁ ନେଇ ଆଜି ଦୈନିକ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ‘ବିଶ୍ୱ ପରିବେଶ ସଂରକ୍ଷଣ ଦିବସ’ ସମ୍ବଲପୁରରେ ତିନୋଟି ପେଟ୍ରୋଲ ପମ୍ପରେ ପାଳନ କରାଯାଇଛି। ପେଟ୍ରୋଲ ଓ ଡିଜେଲ୍ ନେବାକୁ ଆସୁଥିବା ଶହ ଶହ ଗ୍ରାହକଙ୍କୁ ଆମ୍ବ, ପିଜୁଳି, ଲେମ୍ବୁ, ସଜନା, ଜାମୁ, ଅଁଳା, ନିମ୍ବ ଆଦି ଚାରାବଣ୍ଟନ କରାଯାଇଛି। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଗୋଲବଜାର ପେଟ୍ରୋଲ ପମ୍ପରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡଃ ସତ୍ୟ ନାରାୟଣ ନନ୍ଦ, ବୁଢ଼ାରଜା ପେଟ୍ରୋଲ ପମ୍ପରେ ପରିବେଶବିତ୍ ସୁବ୍ରତ ନାଥ ଓ ମୁଦିପଡ଼ା ପେଟ୍ରୋଲ ପମ୍ପରେ ମୃତ୍ତିକା ସଂରକ୍ଷଣ ପାଇଁ କାମ କରୁଥିବା ଚିନ୍ମୟ ଘେଁସ ଅତିଥି ଭାବେ ଯୋଗଦେଇ ଚାରାବଣ୍ଟନ ଶୁଭାରମ୍ଭ କରିଥିଲେ। ଏହାସହ ଅତିଥିମାନେ ଜନସାଧାରଣଙ୍କୁ ବୃକ୍ଷର ଉପକାରିତା ଏବଂ ପରିବେଶ ସଂରକ୍ଷଣ ଦିଗରେ ଭୂମିକା ବିଷୟରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ପେଟ୍ରୋଲ ପମ୍ପର ମାଲିକ ଓ ସମ୍ବଲପୁରବାସୀ ଉପସ୍ଥିତ ଥିଲେ। ସକାଳ ଓ ନନ୍ଦିଘୋଷ ପରିବାରର ସଦସ୍ୟମାନେ ସହଯୋଗ କରିଥିଲେ। ପରିବେଶ ସଂରକ୍ଷଣ ପାଇଁ ଦୈନିକ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ର ଅନନ୍ୟ ଉଦ୍ୟମକୁ ସାଧାରଣରେ ସ୍ୱାଗତ କରାଯାଇଛି। ସମ୍ବଲପୁର ନନ୍ଦିଘୋଷ ଟିଭିର ସମୀର ଷଡ଼ଙ୍ଗୀ ଓ ନିଲୁ ସାହୁ, ସକାଳ ଜିଲ୍ଲା ପ୍ରତିନିଧି ସୁକାନ୍ତ କୁମାର କର, ଶୁଭମ ଖଡ଼ିରତ୍ନ, ନରସିଂହ ବଗର୍ତ୍ତୀ, ପ୍ରସାରଣ ବିଭାଗର ସନତ ସ୍ୱାଇଁ, ବିଜ୍ଞାପନ ବିଭାଗର ବ୍ରିଜେଶ ଷଡ଼ଙ୍ଗୀ, ସୁଧୀର ସିଂ, ନିରଞ୍ଜନ ଲେଙ୍କା, ଯୁଗଳ ପ୍ରଧାନ, ଗୋଲକ ମୋହନ ଛତ୍ରିଆ, ଉପେନ୍ଦ୍ର ବରିହା, ଅଜୟ ସୁନା, ସୌମ୍ୟରଞ୍ଜନ ସିଂ, ଅମିତ ସିଂ, ରାମ ନାରାୟଣ ବାଗ, ରିତେନ ବନଛୋର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।












ସମ୍ବଲପୁର ଜିଲ୍ଲା ଶାସନ ନିକଟସ୍ଥ ଷଡ଼ାସିଂଘାରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଅବସରରେ ଚାରାରୋପଣ କରୁଛନ୍ତି ମୀନକେତନ ବେରିହା, ସୁବଳ ଝାଙ୍କର, ମହନା ବାଗ, ଅଲେଖ ପାତ୍ର ପ୍ରମୁଖ।

## ସ୍ତ୍ରୀକୁ ହତ୍ୟା !, ସ୍ୱାମୀ ଅଟକ

ସମ୍ବଲପୁର, ୨୮।୭ (ସମିସ): ଅଇଁଠାପାଲି ଥାନାଞ୍ଚଳରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ସେ ହେଲେ କରମଟୋଲି ବାସିନ୍ଦା କୁଲ୍‌ମୁଣି ମୁଣ୍ଡା(୪୮)। ସ୍ୱାମୀ ଲୋରେନ୍ସ ମୁଣ୍ଡାକୁ ପୁଲିସ ଅଟକ ରଖି ପଚରାଉଚରା କରାଯାଉଥିବା ସଦର ଏସଡ଼ିପିଓ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଦମ୍ପତି ଝାଡ଼ଖଣ୍ଡ ବୋଲି ଜଣାପଡ଼ିଛି। ଉଭୟ ପରସ୍ପରକୁ ଦ୍ୱିତୀୟ ବିବାହ କରିଥିଲେ। ଏଠାରେ ଶ୍ରମିକ ଭାବରେ କାମ କରନ୍ତି। ପ୍ରତିଦିନ କୁଲ୍‌ମଣି ତାଙ୍କ ଝିଅ ପାଖକୁ ଯାଆନ୍ତି। ଆଜି ନଯିବାରୁ ଅପରାହ୍ନ ସମୟରେ ଝିଅ ତା ବାପ ଘରକୁ ଯାଇଥଲେ। ଭିତରୁ କବାଟ ବନ୍ଦ ଥିବାରୁ ସେ କାବଟ ବାଡେଇ ପଡ଼ୋଶୀଙ୍କ ସାହାଯ୍ୟରେ ଭିତରକୁ ପଶିଥିଲେ। ସେଠାରେ କେହି ନଥିବା ଦେଖିବାକୁ ପାଇ ମାକୁ ଖୋଜିଥିଲେ। ଏକ ରୁମ ଭିତରୁ ବନ୍ଦ ଥିବାରୁ ସେ କବାଟ ଭାଙ୍ଗି ଭିତରକୁ ପସିଥିଲେ। ସେଠାରେ ତାଙ୍କ ମା’ର ମୃତଦେହ ଥିବା ଦେଖିବାକୁ ପାଇଥିଲେ। ଏହକୁ ଧାନଅଖାରେ ଘୋଡ଼ାଯାଇଥିଲା। ଏହାପରେ ସେ ଏ ସମ୍ପର୍କରେ ପୁଲିସରୁ ଜଣାଇଥିଲେ। ପୁଲିସ ଘଟଣା ସ୍ଥଳରେ ତଦନ୍ତ ଆରମ୍ଭ କରିଛି। ମାଜିଷ୍ଟ୍ରେଟଙ୍କ ଅନୁମତି ନମିଳିବାରୁ ଶବ ଉଦ୍ଧାର କରାଯାଇନି। ଆସନ୍ତା କାଲି ଅନୁମତି ମିଳିବାପରେ ଶବ ବ୍ୟବଚ୍ଛେଦ କରାଯିବ। ତଦନ୍ତ ପରେ ଘଟଣାର ସତ୍ୟାସତ ଜଣାପଡ଼ିବ ବୋଲି ପୁଲିସ ପ୍ରକାଶ କରିଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

ରେଢ଼ାଖୋଲ, ୨୮।୬(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ସୋମବାର ଦିନ ଚଢ଼ଉ କରି ବେଆଇନ ଚୋରା ଚାଲାଣ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ବୌଦ୍ଧ ଜିଲ୍ଲାର ଅରୁଣ ରଣା। ଅଭିଯୁକ୍ତଙ୍କ ପାଖରୁ ଅବକାରୀ ବିଭାଗ ୫ କେଜି ଗଞ୍ଜେଇ ଜବତ କରିଛି। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ଅବକାରୀ ବିଭାଗ ଇନ୍ସପେକ୍ଟର ଦୃବଦଳ ବିଶ୍ୱାଳଙ୍କ ନେତୃତ୍ୱରେ କନ୍ଧରା ଛକ ନିକଟରେ ପାଟ୍ରୋଲିଂ ଚାଲିଥିବା ବେଳେ ବୌଦ୍ଧରୁ ରେଢ଼ାଖୋଲ ଅଭିମୁଖେ ଆସୁଥିବା ବାଇକ୍‌କୁ ଯାଞ୍ଚ କରିଥିଲେ।ବାଇକ୍ ଡିକିରୁ ୫ କେଜି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରି ଉକ୍ତ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ୬୧୫ରେ ପହଞ୍ଚିଲା ହୀରାକୁଦ ଜଳସ୍ତର

ସମ୍ବଲପୁର, ୨୮।୭ (ସମିସ) : ଉପରମୁଣ୍ଡରେ ବର୍ଷା ଯୋଗୁଁ ବଢୁଛି ହୀରାକୁଦ ଜଳଭଣ୍ଡାରର ଜଳସ୍ତର। ହୀରାକୁଦ ଜଳସ୍ତର ୬୧୫.୧୦ ଫୁଟ୍ ଥିବାବେଳେ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳସ୍ତର ବୃଦ୍ଧିକୁ ଦେଖି ଅଧିକ ସଂଖ୍ୟକ ଗେଟ୍ ଖୋଲାଯିବାର ସମ୍ଭାବନା ରହିଛି। ଗତ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୧୭.୨୯ ଫୁଟ୍ ରହିଥିଲା।

ଆଜି ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୫.୧୦ ଫୁଟ୍ ରହିଛି। ନଦୀବନ୍ଧର ବାମପଟର ୧୩ଟି ଓ ଡାହାଣ ପଟର ୭ଟି ମୋଟ ୨୦ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩, ୦୨, ୫୧୪ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩, ୪୫, ୪୧୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩, ୦୫, ୬୦୦ ଘନଫୁଟ, ପାୱାର ଚେନାଲ ଦେଇ ୩୫, ୮୦୭ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩, ୭୭୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧.୭୩ ମିମି ଏବଂ ତଳମୁଣ୍ଡରେ ୧.୫୯ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୨, ୮୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୭, ୩୯୧ କ୍ୟୁସେକ୍, ଖଇରମାଲଠାରେ ୪, ୪୨, ୦୦୦ କ୍ୟୁସେକ୍, ବାରମୁଲଠାରେ ୪, ୦୪, ୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୪, ୮୦, ୦୨୭ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଦ୍ରୌପଦୀ ଆଜି ମଧ ବିବସନା ହେଉଛନ୍ତି, କୋଟି ବସ୍ତ୍ର ଦେବାକୁ କେହିନାହାନ୍ତି

ସମ୍ବଲପୁର, ୨୮।୭ (ସମିସ) : ଦ୍ରୌପଦୀ ଆଜି ମଧ ବିବସନା ହେଉଛନ୍ତି ମାତ୍ର ବ୍ୟକ୍ତିତ୍ୱ ଓ ଚେତନାର ଅଭାବରେ କୋଟି ବସ୍ତ୍ର ଦେବାକୁ ଆଜି କେହି ନାହାନ୍ତି ବୋଲି କହିଛନ୍ତି ମୁକ୍ତକଣ୍ଠ ପ୍ରଧାନ। ସୈରିନ୍ଧ୍ରୀ ନାୟକ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନଠାରେ ଏକ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ସୈରିନ୍ଧ୍ରୀ ନାୟକ ମେମୋରିଆଲ ଟ୍ରଷ୍ଟ ସଭାପତି ଡଃ ନିରୂପମା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମାରକୀ ବକ୍ତୃତାରେ ଶ୍ରୀ ପ୍ରଧାନ ଆହୁରି ମଧ କହିଲେ ଯେ, ପୂର୍ବେ ବ୍ୟକ୍ତିତ୍ୱର ବିକାଶ ଆଧାରିତ ଶିକ୍ଷା, ସାହିତ୍ୟ, ପରମ୍ପରା ଥିଲା। ବେଦ ପୁରାଣ ଏଥିରେ ସହାୟକ ଗ୍ରନ୍ଥ ଥିଲା। ବେଦ ପଠନ ସମସ୍ତଙ୍କ ପକ୍ଷେ ସମ୍ଭବପର ନୁହେଁ, ସେଥିପାଇଁ ଉପନିଷଦ ସୃଷ୍ଟି ହେଲା। ମାତ୍ର ପ୍ରକୃତିର ମଣିଷ ପ୍ରକୃତିଠାରୁ ଦୂରେଇ ଗଲା। ଅଧ୍ୟୟନ ଡିଗ୍ରୀ ବା ଚାକିରୀ ସର୍ବସ୍ୱ ହୋଇ ରହିଗଲା। ଏହାର ଉପରାନ୍ତ ଆଉ ଅଧ୍ୟୟନର ପ୍ରୟୋଜନ ନଥିବା ବିବେଚନା କରାଗଲା। ବେଦ, ପୁରାଣ ପଠନକୁ ସେକ୍ୟୁଲାର ନୁହେଁ, ରିଲିଜିୟସ ଅଧ୍ୟୟନ ବୋଲି ଆଖ୍ୟାୟିତ କରାଗଲା। ଫଳରେ ଭୋଗବାଦ ମଣିଷ ଜୀବନର ଲକ୍ଷ୍ୟ ପାଲଟିଗଲା। ଭୋଗବାଦ ମଣିଷର ସବୁ ସୁ-ଗୁଣକୁ ଚୋରାଇନେଲା। ତ୍ୟାଗ, ତିତିକ୍ଷା, ସାହିତ୍ୟର ଅବହେଳାରୁ ଆମେ ଆମ ପୂର୍ବ ଗୌରବକୁ ହରାଇ ବସିଛୁ। ଚେତନା ଓ ବ୍ୟକ୍ତିତ୍ୱର ଉତ୍ତରଣକୁ ମଣିଷ ନିଜର ପ୍ରୟୋଜନ ବୋଲି ବିବେଚନା କଲେ ସମାଜରେ ଘଟୁଥିବା ବିଘଟନ, ବ୍ୟଭିଚାରର ମାତ୍ରା ଯଥେଷ୍ଟ ହ୍ରାସ ପାଇବ ବୋଲି ସେ ମତ ରଖିଥିଲେ। ବିଶିଷ୍ଟ କବି ଓ ଲେଖକ ମନୋରଞ୍ଜନ ସାହୁ ନିଜର ପାରମ୍ପରିକ ଶୈଳୀରେ କଟାକ୍ଷ ପୂର୍ଣ୍ଣ କବିତା ଆବୃତ୍ତି କରିଥିଲେ। ସୈରିନ୍ଧ୍ରୀ ନାୟକ ମେମୋରିଆଲ ଟ୍ରଷ୍ଟ ସମ୍ପାଦକ ଦୀପକ କୁମାର ପଣ୍ଡା ସ୍ୱାଗତ ଭାଷଣ ଏବଂ ଶେଷରେ ରବୀନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




## ଜିଲ୍ଲା ଓକିଲ ସଂଘ ପରିସରରେ ଅତ୍ୟାଧୁନିକ ଇ-ଲାଇବ୍ରେରୀ ସ୍ଥାପନ ଦାବି

ସମ୍ବଲପୁର, ୨୮।୭ (ସମିସ) : ସମ୍ବଲପୁର ଜିଲ୍ଲା ଓକିଲ ସଂଘ ପରିସରରେ ଏକ ଅତ୍ୟାଧୁନିକ ଇ-ଲାଇବ୍ରେରୀ ସ୍ଥାପନ କରିବାକୁ ନେଇ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପଶ୍ଚିମ ଓଡ଼ିଶାର ସର୍ବବୃହତ ଓକିଲ ସଂଘର ପ୍ରାୟ ୨ ହଜାର ସଦସ୍ୟ ରହିଛନ୍ତି। ସଂଘ କାର୍ଯ୍ୟାଳୟ ପରିସରରେ ଏକ ଲାଇବ୍ରେରୀ ଉପର ମହଲାରେ ଥିବାରୁ ଅନେକ ବରିଷ୍ଠ ସଦସ୍ୟ ଯିବା ଆସିବାରେ କଷ୍ଟ ହେଉଛି। ଏଣୁ ଗୋଟିଏ ନୂତନ ଇ-ଲାଇବ୍ରେରୀ ଯାହାକି ଅତ୍ୟାଧୁନିକ ପ୍ରଣାଳୀରେ କରାଗଲେ ସମସ୍ତ ସଦସ୍ୟ ଉପକୃତ ହୋଇପାରନ୍ତେ। ଯୁଗପଯୋଗୀ ଭାବେ ଏକ ଡିଜିଟାଲ ଆଇନଗତ ଗବେଷକ, ଉପକରଣ, ଅନଲାଇନ ପତ୍ରିକା, ଇ-କୋର୍ଟ ସେବା ଏବଂ କାଗଜବିହୀନ ଫାଇଲିଙ୍ଗ ସୁବିଧା ଉପରେ ନିର୍ଭରଶୀଳତାକୁ ସାହାଯ୍ୟ କରିବ। ଇ-ଲାଇବ୍ରେରୀ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାପାଇଁ ବିଧାୟକ ପାଣ୍ଠି ବା କମ୍ପାନୀ ସିଏସ୍‌ଆର୍ ପାଣ୍ଠି ମାଧ୍ୟମରେ ପ୍ରଦାନ କରିବାକୁ ବିଧାୟକ ଶ୍ରୀ ମିଶ୍ରଙ୍କୁ ଅନୁରୋଧ କରାଯାଇଥିଲା। ପ୍ରତିନିଧି ଦଳରେ ସଂଘର ସହସମ୍ପାଦକ ପ୍ରଦୀପ ସୂପକାର, ଉପସଭାପତି ଅରବିନ୍ଦ ନାୟକ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରତୀକ ମହାପାତ୍ର ଏବଂ ସଂଘର ବରିଷ୍ଠ ସଦସ୍ୟ ଫଣୀଭୂଷଣ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

## ସାମ୍ବାଦିକ ନବୀନ ଦାଶଙ୍କ ପରଲୋକ

ସମ୍ବଲପୁର, ୨୮।୭ (ସମିସ): ଗତ ୧୯ ତାରିଖ ଦୁର୍ଘଟଣାରେ ଗୁରୁତର ହୋଇ ଭିମସାର୍ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ସାମ୍ବାଦିକ ନବୀନ ଦାଶ (୪୨)ଙ୍କ ସୋମବାର ପୂର୍ବାହ୍ଣ ୧୧.୪୫ ମିନିଟ ପରଲୋକ ଘଟିଛି।



ଭିମସାର୍‌ରେ ନବୀନ ଦାସଙ୍କ ଶବ ବ୍ୟବଚ୍ଛେଦ ପରେ ସ୍ଥାନୀୟ ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ବିକାଶ ମୁଖାଗ୍ନି ଦେଇଥିଲେ।ନବୀନ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଶୋକର ଛାୟାର ଖେଳିଯାଇଛି। କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଗଭୀର ଶୋକପ୍ରକାଶ କରିଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀ, ପୂର୍ବତନ ବିଧାୟକ ନାଉରୀ ନାଏକ, ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁ, ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ବିଜେପି ଜିଲ୍ଲା ସଭାପତି ଗିରୀଶ ପଟେଲ, ଡଃ ପ୍ରମୋଦ ରଥ, ସରୋଜ ସାହୁ, ସୁଧୀର ବହିଦାର, କଂଗ୍ରେସ ନେତା ଜୟଶଙ୍କର ମିଶ୍ର, ଚାଷୀ ନେତା ଅଶୋକ ପ୍ରଧାନ, ନାଟ୍ୟକାର ଭୋଳା ମହତ୍ତମ, ସାମାଜିକ କର୍ମୀ ରାମଦାସ ପଣ୍ଡାଙ୍କ ସମେତ ବରିଷ୍ଠ ଓ କନିଷ୍ଠ ସାମ୍ବାଦିକମାନେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏହାସହ ଜିଲ୍ଲା ଓକିଲ ସଂଘ, ସେତୁ, ଓଡ଼ିଶା ସାଂସ୍କୃତିକ ସମାଜ, ଉତ୍ସର୍ଗ, ସମ୍ବଲ, ବରିଷ୍ଠ ନାଗରିକ ସଂଘ ଆଦି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକପ୍ରକାଶ କରାଯାଇଛି। ସେହିପରି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, କେନ୍ଦ୍ରମନ୍ତ୍ରୀ ତଥା ସାଂସଦଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, ବିଡ଼ିଓ ରବୀନ୍ଦ୍ର ସେଠୀ, ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ, ବ୍ଲକ ସାମ୍ବାଦିକ ୟୁନିଅନ୍ ସଭାପତି କ୍ଷିତିରଞ୍ଜନ ପଧାନ, ସମାଜସେବୀ ଆଦିପ୍ରସାଦ ମହାକୁଲ, ଆଡଭୋକେଟ ସରୋଜ ପଟ୍ଟନାୟକ, କାନନବାଲା ପଟ୍ଟନାୟକ, ବିଜେପି ଜମନକିରା ମଣ୍ଡଳ ସଭାପତି ବିଜୟ କୁମାର ନାଏକ, ଗୁଣ୍ଡୁରୁଟୁଆଁ ମଣ୍ଡଳ ସଭାପତି ମନୋଜ ମାଝୀ, ବ୍ଲକ କଂଗ୍ରେସ ସଭାପତି କେଦାରନାଥ ବରିହା, ବରିଷ୍ଠ ନାଗରିକ ପରିଷଦ ସଂଘ ସଭାପତି ଗୋକୁଳାନନ୍ଦ ଦାନୀ, ମୁକ୍ତେଶ୍ୱର ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ପି.କେ କନ୍ନପା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶ୍ରୀକାନ୍ତ ପଟେଲ, ଯୁବ ନାଗରିକ ସୁରକ୍ଷା ମଞ୍ଚ ସଭାପତି ଅବଦୁଲ ଗୁଲାମ କାଦିର୍ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି।

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ ସୁମନ୍ତ ନାରାୟଣ ଆଚାର୍ଯ୍ୟ
ଆବିର୍ଭାବ: ୦୬.୦୬.୧୯୬୨
ତିରୋଧାନ: ୦୯.୦୮.୨୦୨୪
✓ ରୀନା ଦାଶ
ଆବିର୍ଭାବ: ୧୧.୦୭.୧୯୭୩
ତିରୋଧାନ: ୨୫.୦୧.୨୦୨୫
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର - ରାଜା, ଝିଅ- ମାମୁନି, ଜ୍ୱାଇଁ- ନିଳାଦ୍ରି, ନାତି- ଈଶାନ, ଆତ୍ମୀୟ ସ୍ୱଜନ

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଡଃ ସରୋଜ କୁମାର ସାମନ୍ତ
ଅଧ୍ୟକ୍ଷ ତଥା ସଂପାଦକ
ଗଞ୍ଜାମ ଆଇନ ମହାବିଦ୍ୟାଳୟ, ଆମ୍ବପୁଆ, ବ୍ରହ୍ମପୁର
ଆବିର୍ଭାବ - ତା. ୨୧. ୦୩. ୧୯୭୯ / ତିରୋଧାନ - ତା. ୧୮. ୦୭.୨୦୨୫
ହେ ପୁଣ୍ୟାତ୍ମା, ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ। ଆପଣଙ୍କ ଅମଳିନ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନରୁ ଏବେ ଆମେ ବଞ୍ଚିତ। ଅଶ୍ରୁସିକ୍ତ ନୟନରେ ଆପଣଙ୍କ ସ୍ମୃତିକୁ ଝୁରିବା ବ୍ୟତିରକେ ଅନ୍ୟ ଉପାୟ ନାହିଁ। ଈଶ୍ୱରଙ୍କ ଏ ଚରାଚର ସୃଷ୍ଟିରେ ଆପଣ ଯେଉଁଠି ଥିଲେ ବି ଆଲୋକବର୍ତ୍ତିକା ହୋଇ ଆମକୁ ଆଶୀର୍ବାଦ କରୁଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭ କରୁ, ଆଜି ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ଶୋକସନ୍ତପ୍ତ
ଗଭୀର ଶ୍ରଦ୍ଧାଞ୍ଜଳି ସହ ମାନସ ମୋହିନୀ ସାମନ୍ତ (ମା), ସଂଜିପ ସାମନ୍ତ (ଭାଇ), ସରିତା ଓ ସୁନିତା (ଭଉଣୀ), ନମିତା (ଧର୍ମପତ୍ନୀ), ଶ୍ରଦ୍ଧା (ଝିଅ), ତନୁଶ୍ରୀ, ସୋନାକ୍ଷୀ, ମାନିକଲାଲ, ଆନନ୍ଦ, ମୁକେଶ, ମନୋଜ, ମାନସୀ ଓ ମିନତୀଙ୍କ ସମେତ ସାମନ୍ତ ପରିବାର ସଦସ୍ୟ ଓ ବନ୍ଧୁ ବର୍ଗ

ଗ୍ରାମୀଣ ଆବାସ ଯୋଜନା ପ୍ରହସନ

## ପଲିଥିନ୍ ତଳେ ବିତୁଛି ଜୀବନ

କୁଚିଣ୍ଡା, ୨୮।୭ (ସମିସ)

ଗ୍ରାମାଞ୍ଚଳର ଗରିବ ପରିବାରକୁ ପକ୍କା ଓ ନିରାପଦ ଆଶ୍ରୟ ସ୍ଥଳ ଯୋଗାଇ ଦେବାର ମହତ ଉଦ୍ଦେଶ୍ୟରେ ସରକାର ଗ୍ରାମୀଣ ଆବାସ ଯୋଜନାରେ ଲକ୍ଷ ଲକ୍ଷ ଘର ଯୋଗାଇ ଦେଉଛନ୍ତି, ମାତ୍ର କିଛି ଚାଲାକ ଓ ପ୍ରଭାବଶାଳୀ ବ୍ୟକ୍ତି ନିର୍ବାଚିତ ପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କୁ ହାତ କରି ଏହାର ସୁବିଧା ନେଇ ଯାଉଥିବା ବେଳେ ପ୍ରକୃତ ହିତାଧିକାରୀ ପାଇଁ ଏହି ଯୋଜନାରେ ଘର ପାଇବା ସାତ ସପନ ହୋଇଛି। ବଙ୍କମା ପଞ୍ଚାୟତର ସରଧାପାଲି ଗ୍ରାମରେ ଏମିତି ଘଟଣା ଦେଖିବାକୁ ମିଳିଛି।ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବଙ୍କମା ପଞ୍ଚାୟତର ସରଧାପାଲି ଗ୍ରାମର ଚନ୍ଦନ ନାୟକ ତାଙ୍କ ସ୍ତ୍ରୀ ଓ ଚାରି ଛୁଆଙ୍କ ସହ ଏକ ମାଟି ଘରେ ରହୁଥିଲେ। ଗତ ୨୦୨୨ ମସିହା ଜୁଲାଇ ମାସରେ ବର୍ଷାରେ ତାଙ୍କର ଭଙ୍ଗା ଦଦରା ମାଟି ଘରଟି ସମ୍ପୂର୍ଣ ଭାଙ୍ଗି ଯାଇଥିଲା। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧି ଓ ସରକାରୀ ଅଧିକାରୀ ମାନେ ତାଙ୍କ ନିକଟକୁ ଯାଇ କିଛି ଶୁଖିଲା ଖାଦ୍ୟ ଦେଇ ତାଙ୍କୁ ଅତି ଶୀଘ୍ର ଘର ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତି ମଧ୍ୟରେ ତିନି ବର୍ଷ ବିତି ଯାଇଥିଲେ ମଧ ଚନ୍ଦନଙ୍କ ପରିବାରକୁ କୌଣସି ଯୋଜନାରେ ହେଲେ ମଧ ଘର ଖଣ୍ଡିଏ ମିଳିପାରି ନାହିଁ।ଆଜିକୁ ତିନି ବର୍ଷ ହେବ ପଲିଥିନ୍ ତଳେ ଜୀବନକୁ ବିପଦରେ ପକାଇ ନିଜ ପରିବାର ସହ ରହୁଛନ୍ତି। ପ୍ରଶାସନ ଏହି ଗରିବ ପରିବାରକୁ ତୁରନ୍ତ ଘର ପ୍ରଦାନ କରିବାକୁ ଜନସାଧାରଣରେ ଦାବି ହେଉଛି।



# ବିପନ୍ନ, ଅସହାୟ ପରିବାର ପାଖେ ପହଞ୍ଚିଲେ ବିଧାୟକ



ରିଆମାଳ,୨୮।୭(ସମିସ): ବିପନ୍ନ ଓ ଅସହାୟ ପରିବାରଙ୍କୁ ଭେଟି ଦେବଗଡ଼ ଜିଲ୍ଲା ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ରିଆମାଳ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ଦୁଃଖ ବୁଝିଛନ୍ତି। ବ୍ଲକ୍‌ର କୁଣ୍ଡେଇଗୋଳା ପଞ୍ଚାୟତ ଅଧୀନ କୁରଡପଶି ଗାଁର ସ୍ୱର୍ଗତ କିଶୋରି ପେଣ୍ଡେଇଙ୍କ ସ୍ତ୍ରୀ ପଦ୍ମିନୀ ପେଣ୍ଡେଇ ଓ ଦୁଇ ଶିଶୁ ବାଳକ କାହ୍ନା ଓ ସୁଦାମା ଝାଟିମାଟି ଘରେ ରହି ଅତି ଦୟନୀୟ ଜୀବନଯାପନ କରୁଛନ୍ତି। ରହିବା ପାଇଁ ଭଲ ଘର ଖଣ୍ଡିଏ ନାହିଁ। ମାଟି ଲେପା, ପାଳ ଛୁଆଁ ହୋଇଥିବା ଭଙ୍ଗା ଦଦରା ଘରେ ରହୁଛନ୍ତି। ପିନ୍ଧିବାକୁ ଭଲ କପଡା ନ ଥିବା ବେଳେ ଦୁଇ ପୁଅଙ୍କ ଦେହରେ କପଡା ମଧ ନାହିଁ। ଅତି କଷ୍ଟଦାୟକ ଜୀବନ ବିତାଉଛନ୍ତି। ସ୍ୱାମୀ କିଶୋରିର ଦେହାନ୍ତ ହେବା ଦେଢ଼ ବର୍ଷ ବିତିଗଲା। ଏଣେ ନିଜର କହିଲେ କେହି ନାହିଁ। ସରକାରୀ ସ୍ତରରୁ ଅନ୍ତୋଦୟ ଚାଉଳ ଓ ଭତ୍ତା ପାଇ ତିନି ପ୍ରାଣୀ କୁଟୁମ୍ବ ଚଳିଥାନ୍ତି। ସେତିକିରେ ଦୁଇ ପୁଅଙ୍କୁ ଭଲ ଖାଇବା ଦେବା ସମ୍ଭବ ହୋଇପାରୁ ନାହିଁ। ଏକ ମାସରୁ ଉର୍ଦ୍ଧ୍ୱ ହେଲା ଲଘୁଚାପ ଜନିତ ଲଗାଣ ବର୍ଷାରେ ଘରର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଏମିତି ଦୟନୀୟ ଅବସ୍ଥାରେ ଚଳୁଥିବା ଖବର ପାଇ ଉଭୟ ବିଧାୟକ ଓ ସମିତି ଅଧ୍ୟକ୍ଷ ସେମାନଙ୍କ ପାଖେ ପହଞ୍ଚିଥିଲେ। ବିଧାୟକ ବିଭିନ୍ନ ଅଧିକାରୀଙ୍କ ସହ କଥାବାର୍ତ୍ତା ହୋଇ ସାହାଯ୍ୟ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଦୁଇ ପୁଅ କାହ୍ନା ଓ ସୁଦାମାଙ୍କୁ ଶିଶୁ ବିଭାଗରେ ରଖି ସ୍ୱାସ୍ଥ୍ୟ, ପାଠ, ଖାଦ୍ୟ, କପଡା ଯୋଗାଇ ଦେବାକୁ ବିଧାୟକ, ସମିତି ଅଧ୍ୟକ୍ଷ ଚେଷ୍ଟା କରିବାକୁ କହିଛନ୍ତି। ସେହିପରି ଜମିପଟ୍ଟା ନ ଥିବା ଯୋଗୁଁ ସରକାରୀ ଆବାସଗୃହ ଖଣ୍ଡେ ମିଳି ପାରୁନାହିଁ। ଯଥାଶୀଘ୍ର ଜମିପଟ୍ଟା ସହ ବାସଗୃହ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ବାରକୋଟ ବିଜେଡି ବ୍ଲକ୍ ସଭାପତି ହିରାଲାଲ ସାହୁ ଓ ଗାଁର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବନ୍ୟା ପାଣିରେ ନଷ୍ଟ ହେଲା ଶହଶହ ଏକର ଧାନ ଚାଷ



## କ୍ଷତିପୂରଣ ଦାବି କଲେ ଚାଷୀ

ଝାରସୁଗୁଡ଼ା,୨୮।୭(ସମିସ)

ଲଗାଣ ବର୍ଷା ଯୋଗୁଁ ଝାରସୁଗୁଡା ଜିଲ୍ଲାରେ ଇବ ନଦୀ ଏବଂ ମହାନଦୀ କୂଳ ଲଙ୍ଘି ନଦୀ କୂଳିଆ ଅଞ୍ଚଳର ଶତାଧିକ ଚାଷ ଜମିରେ ବନ୍ୟା ପାଣି ମାଡିଯାଇଛି। ଫଳରେ ଇବ, ପୁଡ଼ାପାଲି, ଜମେରା, ଜମାପାଲି, ମରାକୁଟା, ଗଣ୍ଡଘୋରା, ବଢ଼େଇକଁଟା, ନୂଆଁଡିହି ପରି ଇବ ନଦୀ କୂଳିଆ ଗାଁ ଗୁଡିକର ହଜାର ହଜାର ଏକର ଚାଷ ଜମି ପ୍ରଭାବିତ ହେବାସହ ଶତାଧିକ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ବନ୍ୟା ପାଣି ଯୋଗୁ ଏକର ଏକର ଚାଷ ଜମି ମାଟିରେ ପୋତି ହୋଇଯାଇଛି। ଅଧିକାଂଶ ଜମିରେ ଏବେ ବି ଆଣ୍ଠୁଏ ଉଚ୍ଚର ପାଣି ଲହଡି ମାରୁଛି। ପୁଣି ଅନେକ ଜମିର ଧାନ ପଚିସଢ଼ି ନଷ୍ଟ ହୋଇଛି। ବିଲରୁ ପାଣି ଶୁଖିବା ପରେ ସେଥିରେ ଚାଷ କରିଥିବା ଧାନର ଅବସ୍ଥା କିପରି ଥିବ ତାହା ଭାବି ଚାଷୀଙ୍କ ଆଖିରୁ ନିଦ ହଜି ଗଲାଣି। ସେହିପରି ମହାନଦୀ କୂଳ ଲଙ୍ଘି ସେମଲିଆ, ସୁଖାସୋଢ଼ା, ମୁହୁଦି, ଚିଖିଲି ପରି ଅଞ୍ଚଳର ଶତାଧିକ ଚାଷ ଜମିରେ ବନ୍ୟା ଜଳ ମାଡି ଯାଇଛି। ଫଳରେ ସେଠାରେ ହୋଇଥିବା ଧାନଠୁ ନେଇ ବିଭିନ୍ନ ପନିପରିବା ଚାଷ ନଷ୍ଟ ହୋଇଛି। କ୍ଷୟକ୍ଷତିକୁ ସରକାର ଆକଳନ କରି ଶୀଘ୍ର କ୍ଷତିପୂରଣ ଯୋଗାଇବାକୁ ପଦକ୍ଷେପ ନିଅନ୍ତୁ ବୋଲି ଚାଷୀ ଦାବି ଉପସ୍ଥାପନ କରିଛନ୍ତି।

# ଟାଉନସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

ଅତାବିରା,୨୮।୭(ସମିସ): ଟାଉନସ୍ତରୀୟ ସ୍ୱାଧିନତା ଦିବସ ପାଳନ ପାଇଁ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ପ୍ରସ୍ତୁତି ସଭା ଦ୍ୱାରା ଉଦ୍ୟମ ଆରମ୍ଭ ହୋଇଛି। କୋଶଲ ଏକ୍ସ ସର୍ଭିସମେନ ଆସୋସିଏସନ୍ ଆହ୍ୱାନ କ୍ରମେ ଓକିଲ ସଂଘ, ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚ, ବରିଷ୍ଠ ନାଗରିକ, ମାରୱାଡ଼ି ଯୁବାମଞ୍ଚ, କୃଷକ ସଂଗଠନ, ଜନକଲ୍ୟାଣ କୁଲତା ସମାଜ, ଦୁର୍ଗା ମନ୍ଦିର କମିଟି, ଟ୍ରକ ମାଲିକ ସଂଘ, ମୁସଲିମ ସମାଜ, କୋଶଳ ଆନ୍ଧ୍ର କଲଚରାଲ୍ ଆସୋସିଏସନ୍, ବଣିକ ସଂଘ, ଭିଏସ୍‌ଏସ୍ କ୍ଲବ୍ ପ୍ରମୁଖ ଅନୁଷ୍ଠାନର ସଦସ୍ୟ ଯୋଗ ଦେଇଥିଲେ। ଅତାବିରା ଏନ୍‌ଏସିରେ ୩/୪ ଥର ଟାଉନସ୍ତରୀୟ ସାମୂହିକ ସ୍ୱାଧିନତା ଦିବସ ଓ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ପରେ ସାମୂହିକ ଟାଉନସ୍ତରୀୟ ସ୍ୱାଧିନତା ଦିବସ ପାଳନ ଏକ ପ୍ରକାର ବନ୍ଦ ହୋଇଯାଇଥିବା ବେଳେ ପୁଣି ଏକତ୍ର ଭାବେ ପାଳିବାକୁ ଉଦ୍ୟମ ଆରମ୍ଭ ହୋଇଛି।

# ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

ପଦ୍ମପୁର,୨୮।୭(ସମିସ): ପଦ୍ମପୁର ଉପଖଣ୍ଡ ସଦର ମହୁକୁମାଠାରେ ଉପଖଣ୍ଡସ୍ତରୀୟ ସ୍ୱାଧିନତା ଦିବସ ୨୦୨୫କୁ ମହାସମାରୋହରେ ପାଳନ କରିବାକୁ ପଦ୍ମପୁର ଉପଜିଲ୍ଲାପାଳଙ୍କ ସଭାଗୃହ ଠାରେ ଉପଜିଲ୍ଲାପାଳ ସେହ୍ନା ଅରୁଗୁଲାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଦ୍ମପୁର ଡେପୁଟି କଲେକ୍ଟର ନେପାଳି ମୁଣ୍ଡା, ଉପଜିଲ୍ଲାପାଳଙ୍କ ସହାୟକ ସୁଶାନ୍ତ ପତି, ଆଦର୍ଶ ଥାନା ଅଧିକାରୀ ମମତା ନାୟକ ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ। ରାଧାମାଧବ ସତ୍ୟସାଇ ସେବା ସମିତି ଦ୍ୱାରା ପ୍ରାତଃ ୪.୩୦ମିରୁ ପ୍ରଭାତ ଫେରୀ ଗୋପାଳଜୀ ମନ୍ଦିର ଠାରୁ ଆରମ୍ଭ ହେବ। ସହରରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଗୁଡିକରେ ମାଲ୍ୟାର୍ପଣ କରାଯିବ। ସ୍ୱାଧିନତା ଦିବସ ଉପଲକ୍ଷେ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକର ଛାତ୍ରଛାତ୍ରୀଙ୍କୁ ନେଇ ମାତୃଭାଷା ଓଡ଼ିଆ, ଇଂରାଜୀରେ ବକ୍ତୃତା, ତର୍କ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଇଂରାଜୀ ତର୍କ, ଓଡ଼ିଆ ପ୍ରବନ୍ଧ, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯିବ। ସ୍ୱାଧିନତା ଦିବସ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସହ ଯୋଗ୍ୟ ତଥା ଉପଖଣ୍ଡ ସ୍ତରରେ ଗୌରବାନ୍ୱିତ ହୋଇଥିବା ବ୍ୟକ୍ତିମାନଙ୍କୁ ମୁଖ୍ୟ ଅତିଥି ଦ୍ୱାରା ସମ୍ମାନିତ କରାଯିବା ପାଇଁ ବୈଠକରେ ପ୍ରସ୍ତାବ ଗୃହିତ ହୋଇଛି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ମହେନ୍ଦ୍ର ସାହୁ, ସମସ୍ତଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ। ଶେଷରେ ଉପଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କୋଲାବିରାରେ ଜନ ଅଭିଯୋଗ ଶୁଣାଣି ଶିବିର




ଝାରସୁଗୁଡା,୨୮।୭(ସମିସ): କୋଲାବିରା ପଞ୍ଚାୟତ ସମିତି ସଭାଗୃହରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ କୁଣାଳ ମୋତିରାମ ଚୌହାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଆଇଏଏସ୍ ପ୍ରବେଶନର ପ୍ରଜ୍ଞାନନ୍ଦ ଗିରି, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁତ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୦ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୭ଟି ସାମୂହିକ ଓ ୨୩ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଶିବିରରେ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳ ଶ୍ରୀ ଚୌହାନ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କର କାର୍ଯ୍ୟକ୍ଷେତ୍ରରେ ସହଯୋଗ କାମନା କରିଥିଲେ। ସମୟାନୁବର୍ତ୍ତୀ ହେବା, କାର୍ଯ୍ୟାଳୟ ପରିସର ପରିଷ୍କାର ଓ ପରିଚ୍ଛନ୍ନ ରଖିବା ଓ ପ୍ଲାଷ୍ଟିକର ବ୍ୟବହାର ହ୍ରାସ ପାଇଁ ପରାମର୍ଶ ଦେଇଥିଲେ। ଅଭିଯୋଗ ଶୁଣାଣି ଦିନ ବିଭାଗୀୟ ଅଧିକାରୀମାନେ ସମ୍ପୃକ୍ତ ବ୍ଲକ୍‌ରେ ଥିବା ନିଜ ନିଜ କ୍ଷେତ୍ରୀୟ କାର୍ଯ୍ୟାଳୟ ପରିଦର୍ଶନ ସହ ହିତାଧିକାରୀମାନଙ୍କ ସହ ଆଲୋଚନା କରି ତତ୍ ସମ୍ପର୍କିତ ବିବରଣୀ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ବାଇକ ଚୋରି, ଦୁଇ ଅଭିଯୁକ୍ତ ଗିରଫ

ଝାରସୁଗୁଡା,୨୮।୭(ସମିସ): ଝାରସୁଗୁଡା ଜିଲ୍ଲା ଓରିଏଣ୍ଟ ଥାନା ଅଞ୍ଚଳରୁ ବାଇକ ଚୋରି ଅଭିଯୋଗରେ ସୋମବାର ଦୁଇଜଣ ଅଭିଯୁକ୍ତକୁ ଓରିଏଣ୍ଟ ପୁଲିସ ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗତ ଜୁନ ୧୯ ତାରିଖରେ ଓରିଏଣ୍ଟ ଥାନା ଅଧୀନ ଦୁର୍ଗାନଗର ନିବାସୀ ରାଜେନ୍ଦ୍ର ସାହୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରାଯାଇ ଓରିଏଣ୍ଟ ପୁଲିସ ପକ୍ଷରୁ ତଦନ୍ତ କରାଯାଇଥିଲା।



ତଦନ୍ତରେ ସୋମାବାର ଦୁଇଜଣ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଓରିଏଣ୍ଟ ଥାନା ମଣ୍ଡଳିଆ ଅଞ୍ଚଳର ଜଜବିର ସିଂହ ଓରଫ ବୁଚି (୩୩) ଏବଂ ଘନଶ୍ୟାମ ହରିଜନ ଓରଫ ଅଜିତ(୩୮) ନିକଟରୁ ଚୋରି ବାଇକ୍‌କୁ ଜବତ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ୱେବ୍ ମିଡିଆ ସଂଘର ବାର୍ଷିକୋତ୍ସବ ରକ୍ତଦାନ

ବରଗଡ଼,୨୮।୭(ସମିସ): ପଶ୍ଚିମ ଓଡ଼ିଶା ୱେବ ମିଡିଆ ସଂଘର ପଞ୍ଚମ ବାର୍ଷିକ ଉତ୍ସବ ପାଳନ ଅବସରରେ ବରଗଡ଼ ଯଦୁମଣି ପ୍ରଧାନ ଅଡିଟୋରିୟମରେ ସଂକଳ୍ପ ପରିବାର ଓ ମିଡିଆ ସଂଘର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ବିଜେପୁର ବିଧାୟକ ସନତ ଗଡତିଆ ଯୋଗ ଦେଇଥିଲେ। ଶିବିରରେ ମୋଟ ୨୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ୱେବ ମିଡିଆ ସଂଘ ସଭାପତି ଅସିତ ସାହୁ, ସମ୍ପାଦକ ବଳରାମ ଦୀପଙ୍କ ସହିତ ସଂକଳ୍ପ ପରିବାରର ସମ୍ପାଦକ ଜି.ରମେଶ, ଶେଷଦେବ ପ୍ରଧାନ, ସୁରେନ୍ଦ୍ର ଭୁଏ, ନୀଲେଶ ପ୍ରଧାନ, ଚିନ୍ମୟ ପାଣ୍ଡେ, ଚନ୍ଦନ ପଧାନ, ବାସୁ, ନବୀନ, ଯଶବନ୍ତି ପ୍ରମୁଖ ଶିବିର ପରିଚାଳନା କରିଥିଲେ। ବରଗଡ଼ ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହରେ ସାହାଯ୍ୟ କରିଥିଲେ।

**ଭେଡେନ:** ସେହିପରି ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ଅଁଏଲାପାଲି ପଞ୍ଚାୟତ ଧୁବେନପାଲି ଠାରେ ଧୁବେନପାଲି ଗ୍ରାମବାସୀ ଓ ଅମୃତ୍ କୁଟୁମ୍ବ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିର ଅମୃତ୍ କୁଟୁମ୍ବର ସଭାପତି ଆନନ୍ଦ ସୁନାଙ୍କ ସଂଯୋଜନାରେ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସତ୍ୟବାନ ଦାଶ, ସମ୍ମାନିତ ଅତିଥି ଭାବେ ଦେବାଶିଷ ମିଶ୍ର, ଅମୃତ କୁଟୁମ୍ବର ବରିଷ୍ଠ ସଦସ୍ୟ ଭବାନୀ ଶଙ୍କର ପାଢ଼ୀ ଯୋଗ ଦେଇଥିଲେ। ବୀରସୁରେନ୍ଦ୍ର ସାଏ ମେଡିକାଲ ହସ୍ପିଟାଲ ବୁର୍ଲା ରକ୍ତଭଣ୍ଡାର ଅଧିକାରୀ ଡ.ମନୋଜିତ ବୈଷ୍ଣବ, ଟେକନିସିଆନ ଦେବାଶିଷ ମିଶ୍ର, ସନ୍ତୋଷ ଟାଡା, ଜନକ ବେହେରା, ପାଏନୁ ଭୋଇ ଓ ସଂଜୀବ ବେରା ପ୍ରମୁଖ ଭ୍ରାମ୍ୟମାଣ ଯାନ ଦ୍ୱାରା ରକ୍ତ ସଂଗ୍ରହ କରିଥିଲେ। ମୋଟ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ତୁଷବନ୍ତ ବେହେରା, ପ୍ରକାଶ ଦାଶ, ଭୀମ ଦୁବସାଗର, ଶମ୍ଭୁ ପଧାନ, ଭୀଷ୍ମ ସିଂ ଛନ୍ଦ, ଜନ୍ମେଜୟ ମିଶ୍ର, ସୁସନଜିତ୍ ତ୍ରିପାଠୀ, ଶେଷଦେବ କର୍ଣ୍ଣ, ସୂରଜ ବେହେରା, ପ୍ରହଲ୍ଲାଦ ମେହେର, ଗୋପୀ ମେହେର, ଗୁଲେଖ ମେଲ୍ଲି ଓ ଧୁବେନପାଲି ଗ୍ରାମବାସୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସରେ ଛାତ୍ରୀ ଅର୍ଚ୍ଚନା ସମ୍ବର୍ଦ୍ଧିତ

ବରପାଲି,୨୮।୭(ସମିସ): ବରପାଲି କଦଲିପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଛାତ୍ରୀ ଅର୍ଚ୍ଚନା ସାହୁ ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସରେ ପୁରସ୍କୃତ ହୋଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ତରୀୟ ୨୦୨୨-୨୫ ଶିକ୍ଷାବର୍ଷ ଓଡ଼ିଆ ବିଭାଗ ସମ୍ମାନ ସ୍ନାତକରେ ସର୍ବୋଚ୍ଚ ନମ୍ବର (୯.୦୮) ରଖିଥିଲେ। ତେଣୁ ଓଡ଼ିଶା ସାହିତ୍ୟ ଏକାଡେମୀ ୬୮ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ପରିସରରେ ଆୟୋଜିତ ସମାରୋହରେ ତାଙ୍କୁ ସମ୍ମାନିତ କର।



ହୋଇଥିଲା। ଉତ୍ସବରେ ଅତିଥି ମାନଙ୍କ ଗହଣରେ ପ୍ରମାଣ ପତ୍ର, ଉପଢୌକନ, ମୋମେଣ୍ଟୋ ଗ୍ରହଣ କରି ମହାବିଦ୍ୟାଳୟ ସମ୍ମାନକୁ ଦ୍ୱିଗୁଣିତ କରିଛନ୍ତି।

# ଅଲିମ ରାଷ୍ଟ୍ରୀୟ ମୁସଲିମ୍ ମୋର୍ଚ୍ଚା ଜିଲ୍ଲା ସଭାପତି

ବରଗଡ଼,୨୮।୭(ସମିସ): ରାଷ୍ଟ୍ରୀୟ ମୁସଲିମ୍ ମୋର୍ଚ୍ଚା ତରଫରୁ ସଂଗଠନକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ପାଇଁ ନୂତନ ସଭାପତି ଭାବେ ମହମ୍ମଦ୍ ଅଲିମଙ୍କୁ ନିଯୁକ୍ତ କରାଯାଇଛି। ସଂଗଠନର ରାଜ୍ୟ ସଭାପତି ମହମ୍ମଦ୍ ମକସୁଦ୍ ଆଲମଙ୍କ ଦ୍ୱାରା ଏହି ନିଯୁକ୍ତିପତ୍ର ଜାରି କରାଯାଇଛି। ତଁଜିମ୍‌ର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ମାନବତା, ଏକତା, ଭାଇଚାରା ମୂଲ୍ୟବୋଧକୁ ଅଗ୍ରାଧିକାର ଦେଇ ସଂଗଠନ ପ୍ରତି ଦୃଢ଼ ନିଷ୍ଠା ସହିତ କାର୍ଯ୍ୟ କରିବା ଉପରେ



ଜୋର ଦିଆଯାଇଛି। ନିଯୁକ୍ତି ସନ୍ଦର୍ଭରେ ରାଷ୍ଟ୍ରୀୟ ମୁସଲିମ୍ ମୋର୍ଚ୍ଚାର ଭୁବନେଶ୍ୱର ସ୍ଥିତ ପ୍ରାନ୍ତୀୟ କାର୍ଯ୍ୟାଳୟ ଓ ନୂଆଦିଲ୍ଲୀ ସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟକୁ ମଧ୍ୟ ଅବଗତ କରାଯାଇଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଚାରାରୋପଣ



ଝାରସୁଗୁଡ଼ା,୨୮।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ରାଜପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବନ ବିଭାଗ ସହାୟତାରେ ବସୁନ୍ଧରା ନଦୀକୂଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ବନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ରାଜପୁର ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ସାମିଲ ହୋଇ ୨୦୦ରୁ ଉର୍ଦ୍ଧ୍ୱ ଚାରା ଲଗାଇଥିଲେ। ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ ମଧ୍ୟ ଚାରାରୋପଣ କରିଥିଲେ।

# ନୂତନ ଜିଲ୍ଲାପାଳଙ୍କୁ ହକି ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ଝାରସୁଗୁଡ଼ା,୨୮।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ ପକ୍ଷରୁ ସୋମବାର ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ହକି ଆସୋସିଏସନର ସଭାପତି କୁଣାଲ ମୋତିରାମ ଚୌହାନଙ୍କୁ ଭେଟି ସ୍ୱାଗତ କରିବା ସହିତ ଅଭିନନ୍ଦନ ଜଣାଇ ହକି ଆସୋସିଏସନର ମୁଖପତ୍ର (ମ୍ୟାଗାଜିନ ୨୦୨୫) ପ୍ରଦାନ କରିଥିଲେ। ଏହି ଅବସରରେ ଝାରସୁଗୁଡା ଜିଲ୍ଲାରେ ହକିର ସ୍ଥିତି ଓ ବିକାଶ ପାଇଁ ଆଲୋଚନା କରିଥିଲେ। ଜିଲ୍ଲା ହକି ସଂଘ ପକ୍ଷରୁ ସଦସ୍ୟ ସିମନ ବରୁଆ, ପ୍ରଜ୍ୱଳ ପଟେଲ, ଅଶ୍ୱିନୀ ପାଣ୍ଡେ, ଅଭିଷେକ ଲାଟ, ବିଜୟ ବେହେରା, କ୍ଲେମେଣ୍ଟରୋନାଲ୍ଡ ଓ ହକି ଆସୋସିଏସନର ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ସଚେତନତା ଓ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ

ବରଗଡ଼,୨୮।୭(ସମିସ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ରାଣା ପ୍ରତାପ ସ୍କୁଲର ମିଳିତ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଫାଇଲେରିଆ ରୋଗ ଓ ତାର ପ୍ରତିକାର କିପରି କରାଯାଇପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଦୁଇ ଜଣ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି ଗୋଟିଏ ମଶା ଆପଣଙ୍କୁ ଜୀବନ ସାରା ବିକଳାଙ୍ଗ କରି ଦେଇ ପାରେ ତେଣୁ ସତର୍କତା ଅବଲମ୍ବନ ଓ ବ୍ୟାପକ ସଚେତନତା ସହିତ ଔଷଧ ସେବନରେ ହିଁ ଜୀବନ ସୁରକ୍ଷିତ ରହିବ ବୋଲି ମତବ୍ୟକ୍ତ କରି ଆସନ୍ତା ଅଗଷ୍ଟ ୧୦ରୁ ୧୯ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଛାତ୍ରୀ ଶାଲିନି ସା ଧନ୍ୟବାଦ ଅର୍ପଣ କରିଥିଲେ।


# ମାନ୍ଦଲ ଓ ଢୋଲ ବାଦକଙ୍କ କର୍ମଶାଳା

ବରଗଡ଼,୨୮।୭(ସମିସ): ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଲୋକବାଦ୍ୟ ମାନ୍ଦଲ ଓ ଢୋଲ ବଜାଇବା ପାଇଁ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଚୈତନ୍ୟ ପାଇକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବ୍ଲକ୍‌ରୁ ଆସିଥିବା ମାନ୍ଦଲ ବାଦକ ଓ ଢୋଲ ବାଦକ ମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ସାଧନ କର୍ମୀ କଳାକାର ଖଗେଶ୍ୱର ସାହୁ, ନରେନ୍ଦ୍ର କଣ୍ଟା, ସତରଙ୍ଗୀ ବାଗ ଅନିରୁଦ୍ଧ ପାଇକ ସୁଶାନ୍ତ ବାରିକ, ସୌକିଲାଲ ଲୁହା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ଶତାଧିକ ଢୋଲ୍ ଓ ମାନ୍ଦଲ ବାଦକଙ୍କୁ ଲୋକ ବାଦ୍ୟ ପରିବେଷଣ ପାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



# ଅଳିଆଗଦା ପାଲଟିଛି ଧନୁଯାତ୍ରା ପଡ଼ିଆ

ଇବଥର୍ମାଲ,୨୮।୭(ସମିସ)




କଥାରେ ଅଛି 'ଗାଁ ପରିମଳ ଧୋବା ତୁଠରୁ'। ଏହାର ଉଦାହରଣ ଝାରସୁଗୁଡା ଜିଲ୍ଲାର ଅନ୍ୟତମ ଶିଳ୍ପ ନଗରୀ ବନ୍ଧବାହାଲରେ ଦେଖିବାକୁ ମିଳିଛି। ଲଖନପୁର କୋଇଲା କ୍ଷେତ୍ର କଲୋନୀ ଅଞ୍ଚଳରେ ଗଦାଗଦା ଅଳିଆ ପଡିଛି। ବିଳମ୍ବରେ ହେଲେବି ମଝିରେ ମଝିରେ ସଫା ହେଉଛି। ମାତ୍ର ବନ୍ଧବାହାଲ ପ୍ରବେଶ ପଥରେ ଥିବା ଧନୁଯାତ୍ରା ପଡିଆକୁ ଯେ କେହି ଦେଖିବ ନାକ ଟେକିବ। ସମଗ୍ର ପଡିଆରେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ିରହିଛି। ପୁଣି ବର୍ଷା ଦିନ ହୋଇଥିବାରୁ ପୂତିଗନ୍ଧମୟ ପରିବେଶରେ ନାକ ଫାଟି ଯାଉଛି। ପାଖରେ ଥିବା ଦୋକାନବଜାର ଓ ପଡିଆକୁ ଲାଗି ଥିବା ସ୍କୁଲ ଉପରେ ଏହାର କୁପ୍ରଭାବ ପଡୁଥିଲେ ବି କାହାରି ଯେମିତି ନିଘା ନାହିଁ। ବନ୍ଧବାହାଲ ଦୀନବାନ୍ଧବ କ୍ଷେତ୍ର ରଥଯାତ୍ରା କମିଟି ରଥଯାତ୍ରା ବେଳକୁ ଏହି ପଡିଆରେ ମୀନାବଜାର ପଡ଼ିଥିଲା। ବାହୁଡା ସରି ମୀନାବଜାର ଯିବାର ଅନେକ ଦିନ ବିତିଯାଇଥିଲେ ମଧ ପଡିଆଟି ସଫା ହୋଇ ପାରୁନି। ଫଳରେ ଖେଳାଳି ମାନଙ୍କ ସହ ଯେଉଁମାନେ ସକାଳେ ସନ୍ଧ୍ୟାରେ ଏଠି କସରତ ଅଭ୍ୟାସ କରୁଥିଲେ ସେଥିରୁ ବଞ୍ଚିତ ହେଉଛନ୍ତି। ପଡିଆକୁ ଲାଗି ବେଲପାହାଡ ଇବଥର୍ମାଲ ମୁଖ୍ୟରାସ୍ତା ଯାଇଥିବାରୁ ପୂତିଗନ୍ଧମୟ ପରିବେଶ ଯୋଗୁଁ ଯାତ୍ରୀ ମାନେ ହନ୍ତସନ୍ତ ହେଉଛନ୍ତି। କଙ୍କଡାକୁ ଗୋଳିପାଣି ସୁହାଏ ଭଳି ମଦ ଖାଇ ଲୋକେ ପଡିଆ ଭିତରକୁ ମଦବୋତଲ ଫିଙ୍ଗୁଥିବାରୁ ପଡ଼ିଆ ସାରା ମଦ ବୋତଲ ଗଡୁଛି। ମୀନାବଜାର ଉଠିଯିବା ପରେ କମିଟି ପଡିଆକୁ ସଫା କରିବା କଥା। ହେଲେ ତାହା ହୋଇ ନଥିବାରୁ ଦିନକୁଦିନ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଏ ସନ୍ଦର୍ଭରେ ମନ୍ଦିର କମିଟି ମୁଖ୍ୟ ତଥା ଲଖନପୁର କୋଇଲାକ୍ଷେତ୍ର ଏରିଆ ପର୍ସନାଲ ମ୍ୟାନେଜର ପ୍ରଦୀପଙ୍କୁ ପଚରାଯାଇଥିଲା। ସମସ୍ୟାକୁ ହାଲୁକା ଭାବେ ନେଇ ଉପର ଠାଉରିଆ ଭାବେ ସଫା କରାଯିବ ବୋଲି କହିଛନ୍ତି ସିନା କେବେ କରାଯିବ ପ୍ରଶ୍ନର ଉତ୍ତର ସନ୍ତୋଷ ଜନକ ଦେଇନାହାନ୍ତି। ଯେତେ ଶୀଘ୍ର ହେବ ପଡିଆକୁ ସଫା କରାଯିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

# ଫାଇଲେରିଆ ନିରାକରଣ ସମନ୍ୱୟ ସମିତି ସଭା

ପଦ୍ମପୁର,୨୮।୭(ସମିସ): ଉପଜିଲ୍ଲାପାଳଙ୍କ ସଭାଗୃହରେ ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପଖଣ୍ଡ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ ଉପରେ ଗୋଷ୍ଠୀ ସମନ୍ୱୟ ସମିତି ସଭା ଉପଜିଲ୍ଲାପାଳ ସ୍ନେହା ଅରୁଗୁଲାଙ୍କ ଅଧ୍ୟକ୍ଷତାରେଅନୁଷ୍ଠିତ ହୋଇଯାଇଛି। ସଭାରେ ଉପଖଣ୍ଡ ଚିକିତ୍ସାଧିକାରୀ ଡ.ଆଶୁତୋଷ ହୋତା, ଥାନାଧିକାରୀ ମମତା ନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ ଲୋକନାଥ ଭୋଇ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗୋଳି ରାଉତ, ବିପିଏମ ସେଖ ୱାସୀମ ରାଜା, ପିଏଚଇଓ ଶିବ ପ୍ରସାଦ ବେହେରା ତଥା ବିଭିନ୍ନ ସ୍କୁଲର ଶିକ୍ଷକ ଉପସ୍ଥିତ ଥିଲେ। ଜୁନିଅର ହସ୍ପିଟାଲ ମ୍ୟାନେଜର ଦିବ୍ୟ କିଶୋର ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭିବିଡିଟିଏସ ପଙ୍କଜ ମେହେର ସାମୂହିକ ଔଷଧ ସେବନର କାରଣ ଓ ଆବଶ୍ୟକତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ।

# ସମ୍ପାଦକୀୟ



ବୟସର ପ୍ରଭାବ ଶାରୀରିକ ତୁଳନାରେ ମାନସିକ ସ୍ତରରେ ଅଧିକ। ସେ ବିଷୟରେ ଚିନ୍ତା ନ କଲେ ତା'ର ପ୍ରଭାବ ଶରୀର ଉପରେ ପଡ଼ିବ ନାହିଁ।

-ମାର୍କ ଟ୍ୱେନ୍

ସକାଳ
THE SAKALA

## ବୈଷମ୍ୟର ବିଡ଼ମ୍ବନା

ଆମ ଦେଶରେ ଆର୍ଥିକ ଅସମାନତା ବଢ଼ି ଚାଲିଥିବାରୁ ବର୍ଦ୍ଧିତ ମୁଣ୍ଡପିଛା ଆୟ ଅର୍ଥହୀନ ହୋଇପଡ଼ିଛି। ଅସଲରେ ଜିଡିପି ବା ସାମଗ୍ରିକ ଆୟର ମୁଖ୍ୟାଂଶ ଧନୀଙ୍କ ନିୟନ୍ତ୍ରଣରେ ଥିବାରୁ ଲୋକସଂଖ୍ୟାର ଏକ ବୃହତ୍ ଅଂଶର ଆର୍ଥିକ ସ୍ଥିତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟୁନାହିଁ। ବର୍ଦ୍ଧିତ ମୁଣ୍ଡପିଛା ଆୟ ଯାହା ଦର୍ଶାଯାଇଛି ସେହି ଅନୁପାତରେ ବ୍ୟୟ କରିବାର ଶକ୍ତି ଓ ସାମର୍ଥ୍ୟ ବଢୁନାହିଁ। ୧୪୬ କୋଟି ଜନତାଙ୍କୁ ନେଇ ମୁଣ୍ଡ ଟେକିଥିବା ବଜାର ଅର୍ଥନୀତି ଯେଉଁ ହାରରେ ଗତିଶୀଳ ହୋବାକଥା ତାହା ପରିଲକ୍ଷିତ ହେଉନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ କି ଦେଶର ଏକ ପ୍ରତିଶତ ଧନୀ ପରିବାରଙ୍କ ନିକଟରେ ପ୍ରାୟ ୧୧.୭ ଲକ୍ଷ କୋଟି ଡଲାର ମୂଲ୍ୟର ସମ୍ପତ୍ତି ମହଜୁଦ୍ ଅଛି। ଏଥିରେ ପ୍ରାୟ ୨.୭ ଲକ୍ଷ କୋଟିର ଲିକ୍ୟୁଇଡ୍ ଆର୍ଥିକ ସମ୍ପତ୍ତି ମଧ୍ୟ ଅନ୍ତର୍ଭୁକ୍ତ। ଏସବୁ ସତ୍ତ୍ୱେ ଅର୍ଥନୀତିରେ ବର୍ଦ୍ଧିତ ଜଡିପିର ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ସେହି ମୋଟ ଉପାର୍ଜନ ବା ଆୟ ଏତେ ବିପୁଳ ଜନସଂଖ୍ୟା ମଧ୍ୟରେ ବିଭାଜିତ ହୋଇ ଯେଉଁ ମୁଣ୍ଡପିଛା ଆୟ ଦର୍ଶାଯାଇଛି ତାହାର ଯେ ମୁଖ୍ୟ ଅଂଶ ଧନଶାଳୀଙ୍କ ନିୟନ୍ତ୍ରଣରେ ଯେ ରହିଯାଉଛି ଏକଥା ଗ୍ରହଣ କରିବାକୁ ପଡ଼ିବ। ତେଣୁ ମୁଣ୍ଡପିଛା ଆୟ ବଢୁଛି ବୋଲି ଯେଉଁ ପରିସଂଖ୍ୟାନ ସାମନାକୁ ଆସୁଛି ତାହା କ'ଣ ଯଥାର୍ଥରେ ଆମ ସାଧାରଣ ଜନତାଙ୍କ ଆୟର ଅନୁରୂପ? ଆମକୁ ଏଠାରେ କହିବାକୁ ପଡ଼ିବ ଯେ ଅର୍ଥନୀତିର ଅସଲ ସ୍ୱରୂପ ସାମନାକୁ ଆସୁନାହିଁ।

ଉପରୋକ୍ତ ତର୍ଜମା ସତ୍ତ୍ୱେ ସମଗ୍ର ବିଶ୍ୱର ଅର୍ଥନୀତି ଏହି ପରିସଂଖ୍ୟାନ ଗତ ବୈଶିଷ୍ଟ୍ୟକୁ ସ୍ୱୀକୃତି ଦେଇଚାଲିଛି। ଆମ ଦେଶ ମଧ୍ୟ ସେହି ପରିସଂଖ୍ୟାନ ଭିତ୍ତିରେ ୪ର୍ଥ ଅର୍ଥନୀତିର ମର୍ଯ୍ୟାଦା ହାସଲ କରିଛି। ୨୦୧୩-୧୪ ରୁ ୨୦୨୪-୨୫ ବିତ୍ତୀୟ ବର୍ଷ ମଧ୍ୟରେ ବର୍ଦ୍ଧିତ ମୁଣ୍ଡପିଛା ଆୟକୁ ଭିତ୍ତିକରି ଦେଶର ଆର୍ଥିକ ପ୍ରଗତି ଘଟୁଛି ବୋଲି ସରକାର ଦାବି କରୁଛନ୍ତି। ତେବେ ଧନୀ ଓ ଗରିବଙ୍କ ମଧ୍ୟରେ ଯେଉଁ ହାରରେ ପାର୍ଥକ୍ୟ ବଢୁଛି ତାହା ନିଶ୍ଚୟ ଉଦ୍‌ବେଗଜନକ। ନିକଟରେ କେନ୍ଦ୍ର ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ସଂସଦରେ ଅର୍ଥନୀତିର ଯେଉଁ ଚିତ୍ର ଉପସ୍ଥାପନ କରିଛନ୍ତି ତାହା ସ୍ୱତନ୍ତ୍ର ଆଲୋଚନା ଦାବି କରେ। ଦେଶରେ ମୁଣ୍ଡପିଛା ଆୟ ୨୦୨୪-୨୫ ଆର୍ଥିକ ବର୍ଷରେ ୧,୧୪,୭୧୦ ଟଙ୍କାକୁ ବୃଦ୍ଧି ପାଇଛି। ଦଶବର୍ଷ ତଳେ ମୁଣ୍ଡପିଛା ନେଟ୍ ଜାତୀୟ ଆୟ ୭୨,୮୦୫ଟଙ୍କାରେ ସୀମିତ ଥିଲା। ଏହି ସମୟ ମଧ୍ୟରେ ଓଡ଼ିଶାର ଅର୍ଥନୀତି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରାଜ୍ୟର ହାରାହାରି ମୁଣ୍ଡପିଛା ଆୟ ୫୪,୨୦୯ ଟଙ୍କାରୁ ୧୦୬୯୧୮ ଟଙ୍କାକୁ ବୃଦ୍ଧି ପାଇଛି। ଏହି ଦଶକରେ ଓଡ଼ିଶାରେ ମୁଣ୍ଡପିଛା ଆୟ ୯୨.୭ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ନବୀନ ସରକାରଙ୍କ ବିତ୍ତୀୟ ସୁପରିଚାଳନା ଯୋଗୁଁ ମୁଣ୍ଡପିଛା ଆୟ ବୃଦ୍ଧି ପ୍ରାୟ ଦ୍ୱିଗୁଣିତ ହୋଇଛି। ଦ୍ରୁତ ଅର୍ଥନୈତିକ ପ୍ରଗତି ଓ ମୁଣ୍ଡ ପିଛା ଆୟରେ ତାହାର ପ୍ରଭାବ ଦୃଷ୍ଟିରୁ ଆମେ ସମଗ୍ର ଦେଶରେ ପ୍ରଥମ।

ଏହି ସଫଳତା ଦାବି କଲାବେଳେ ଅନ୍ୟରାଜ୍ୟର ସ୍ଥିତି ସହ ତୁଳନାତ୍ମକ ତଥ୍ୟ ଉପସ୍ଥାପନ କରିବା ଜରୁରୀ ମନେ ହୁଏ। ଆମ ପଛକୁ କର୍ଣ୍ଣାଟକର ମୁଣ୍ଡ ପିଛା ଆୟ ବୃଦ୍ଧି ହାର ୯୩.୬% ହୋଇଛି। ଦେଶ ବା ରାଜ୍ୟରେ ମୁଣ୍ଡପିଛା ଆୟବୃଦ୍ଧି ଆର୍ଥିକ ସୁପରିଚାଳନା ଉପରେ ନିର୍ଭର କରେ। ଏକଥା ସତ ଯେ ସାମଗ୍ରିକ ଭାବେ ଦେଶର ସବୁ ରାଜ୍ୟରେ ମୁଣ୍ଡପିଛା ଆୟ ବଢ଼ିଛି, କିନ୍ତୁ ଅନୁପାତ ପରସ୍ପରଠାରୁ ଭିନ୍ନ। ଆର୍ଥିକ ବିକାଶର ଦିଗ ନିର୍ଣ୍ଣୟ, ଆଞ୍ଚଳିକ ସ୍ଥିତି ଦୃଷ୍ଟିରୁ ସୁବିଧା ସୁଯୋଗର ଅଭାବ, ସଂରଚନାଗତ ଅସମାନତା, ସର୍ବୋପରି ଶାସନତନ୍ତ୍ରରେ ଥିବା ପାର୍ଥକ୍ୟ ମୁଣ୍ଡପିଛି ଆୟ ବୃଦ୍ଧିକୁ ପ୍ରଭାବିତ କରିଥାଏ ବୋଲି ମନ୍ତ୍ରୀ ଶ୍ରୀଚୌଧୁରୀ ସ୍ୱୀକାର କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଯେଉଁସବୁ କ୍ଷେତ୍ରକୁ ଓଡ଼ିଶା ସରକାର ପ୍ରାଥମିକତା ପ୍ରଦାନ କରିଛନ୍ତି ତାହା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ। ମୁଣ୍ଡପିଛା ଆୟ କ୍ଷେତ୍ରରେ ଆମଠାରୁ ପଛରେ ପଡ଼ିଥିବା ରାଜ୍ୟ ମଧ୍ୟରେ ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଆସାମ ଅନ୍ୟତମ। ୨୦୨୩-୨୪ ରେ ବିହାରର ମୁଣ୍ଡପିଛା ଆୟ ୩୨,୨୨୭, ମଧ୍ୟପ୍ରଦେଶରେ ୭୦୪୩୪, ଛତିଶଗଡ଼ରେ ୯୩,୧୬୧, ରାଜସ୍ଥାନରେ ୯୬,୬୩୮ ଓ ଆସାମରେ ହାରାହାରି ମୁଣ୍ଡପିଛା ଆୟ ୮୧,୧୨୭ ଟଙ୍କା ହୋଇଛି। ମନ୍ତ୍ରୀଙ୍କ ମନ୍ତବ୍ୟ ଅନୁଯାୟୀ ଏସବୁ ରାଜ୍ୟରେ ଶାସନତାନ୍ତ୍ରିକ ପାର୍ଥକ୍ୟରୁ ପ୍ରଗତି ଆଶନୁରୂପ ହୋଇପାରିନାହିଁ ବୋଲି ଧରିନେବାକୁ ହେବ।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ, ଗତ ଦଶବର୍ଷରେ ଦେଶର ଆର୍ଥିକ ପ୍ରଗତି ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ ମଧ୍ୟ ଆନ୍ତଃ ରାଜ୍ୟ ପରିସଂଖ୍ୟାନରୁ ଅସମାନତା ବାରି ହୋଇପଡୁଛି। ମୁଣ୍ଡପିଛା ଆୟଦୃଷ୍ଟିରୁ କର୍ଣ୍ଣାଟକ ସବୁଠାରୁ ଆଗରେ ଥିବା ବେଳେ ବିହାର ସବୁଠାରୁ ଗରିବ ରାଜ୍ୟ ଭାବରେ ପରିଗଣିତ ହୋଉଛି। ଏକଦା ଅନ୍ୟତମ ଦରିଦ୍ର ରାଜ୍ୟ ରୂପେ ଓଡ଼ିଶାର କୁଖ୍ୟାତି ଥିଲା। ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ଠାରୁ ଆମର ରାଜ୍ୟର ବିକାଶ ଯେ ଅଧିକ ଗତିଶୀଳ ହୋଇଛି ଏକଥା ସ୍ୱୀକାର କରିବାକୁ ପଡ଼ିବ। ତଥାକଥିତ ବିମାରୁ ରାଜ୍ୟର କବଳରୁ ଆମେ ମୁକ୍ତ ହୋଇଛେ। ଆମେ ଜାତୀୟ ହାରକୁ ଅତିକ୍ରମ କରିପାରି ନ ଥିଲେ ମଧ୍ୟ ନିକଟବର୍ତ୍ତୀ ହୋଇଛୁ। ମୁଣ୍ଡପିଛା ଆୟ ହାର ବୃଦ୍ଧି କ୍ଷେତ୍ରରେ ୯୦ ପ୍ରତିଶତ ଅତିକ୍ରମ କରିଛନ୍ତି କେବଳ ଦୁଇଟି ରାଜ୍ୟ। ପ୍ରଥମରେ ଓଡ଼ିଶା ଓ ଦ୍ୱିତୀୟରେ କର୍ଣ୍ଣାଟକ।

ବର୍ଣ୍ଣଷ୍ଟିନ୍ ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁଯାୟୀ ଆମ ଦେଶରେ ସବୁଠାରୁ ଧନୀ ଲୋକ ଅଧିକରୁ ଅଧିକ ବିତ୍ତଶାଳୀ ହେଉଛନ୍ତି। ସେମାନଙ୍କର ୨.୭ ଲକ୍ଷ କୋଟି ଡଲାର ଲିକ୍ୟୁଇଡ୍ ଆର୍ଥିକ ସଂପତ୍ତିର ସୁପରିଚାଳନା କ୍ଷେତ୍ରରେ ପ୍ରପର୍ଟି ମ୍ୟାନେଜରଙ୍କ ପ୍ରାଧାନ୍ୟ ବୃଦ୍ଧି ପାଇଛି। ତେବେ ଏହି ସଂଖ୍ୟା କେବଳ ୧୧ ପ୍ରତିଶତରେ ସୀମିତ ରହିଛି। ସେମାନଙ୍କର ବର୍ଦ୍ଧିତ ସଂଚୟ ଓ ଧନର ମୁଖ୍ୟାଂଶ ଆର୍ଥିକ ସଂପତ୍ତିରେ ରୂପାନ୍ତରିତ ହୋଇଛି। ଭାରତର ପୁଞ୍ଜି ବଜାରରେ ସେମାନଙ୍କର ପ୍ରାଧାନ୍ୟ ବାରି ହୋଇ ପଡ଼ିଛି। ଏସବୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ଘୋଷିତ ମୁଣ୍ଡପିଛା ଆୟ ସାମଗ୍ରିକ ବିକାଶର କଥା କୁହେନି। ଦେଶର ବୃହତ୍ତର ବର୍ଗଙ୍କ କ୍ରୟଶକ୍ତି ନ ବଢ଼ିବା ପର୍ଯ୍ୟନ୍ତ ଆମ ବଜାର ଅର୍ଥନୀତି ବିଶ୍ୱର ବିତ୍ତଶାଳୀ ରାଷ୍ଟ୍ରଙ୍କୁ ଆକୃଷ୍ଟ କରିପାରିବନି। ତେଣୁ ସରକାରଙ୍କୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ହେବ।

# ଅଙ୍ଗାରକ କୃଷି ପଦ୍ଧତି

ବିଦ୍ୟାଧର ମହାରଣା

ଜୀବଜଗତର ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଶରୀରରେ ଅଙ୍ଗାର ରହିଛି। ମାଟି, ଜଳ ଓ ବାୟୁରେ ମଧ୍ୟ ଅଙ୍ଗାର ସଜୀବ ଓ ନିର୍ଜୀବ ଆକାରରେ ରହିଛି। ଅଙ୍ଗାରଚକ୍ର ମାଧ୍ୟମରେ ସଜୀବ ଅଙ୍ଗାର ଓ ନିର୍ଜୀବ ଅଙ୍ଗାର ମଧ୍ୟରେ ପରିବର୍ତ୍ତନ ହୋଇଥାଏ। ବାୟୁ ପ୍ରଦୂଷଣ ହେଲେ ଏଥିରେ ଅଙ୍ଗାରକାମ୍ଳ ବାଷ୍ପ ପରିମାଣ ବୃଦ୍ଧି ପାଏ। ଯେହେତୁ ସବୁଜଗୃହ ବାଷ୍ପ ବିଶ୍ୱର ଉତ୍ତାପ ବୃଦ୍ଧି କରି ଜଳବାୟୁ ପରିବର୍ତ୍ତନର ଏକ ମୁଖ୍ୟ କାରଣ ଏବଂ ସବୁଜଗୃହ ବାଷ୍ପ ମଧ୍ୟରେ ଅଙ୍ଗାରକାମ୍ଳ ବାଷ୍ପ ଅନ୍ୟତମ, ଏହାକୁ ବାୟୁମଣ୍ଡଳକୁ ତ୍ୟାଗ ନକରି ମୃତ୍ତିକା ମଧ୍ୟରେ ସାଇତି ରଖିବାକୁ ପ୍ରୟାସ କରାଯାଉଛି। ଏହାକୁ ଅଙ୍ଗାର କୃଷି(କାର୍ବନ ଫାର୍ମିଙ୍ଗ) ବା ଅଙ୍ଗାର ପୃଥକୀକରଣ କୁହାଯାଏ। ବିଭିନ୍ନ ଭୂମି ପରିଚାଳନା କୌଶଳ ଅନୁସରଣ କରି ବାୟୁମଣ୍ଡଳର ଅଙ୍ଗାରକାମ୍ଳ ବାଷ୍ପକୁ ମୃତ୍ତିକା ମଧ୍ୟରେ ଗଚ୍ଛିତ କରି ରଖାଯାଏ। ଏହାଦ୍ୱାରା ବାୟୁମଣ୍ଡଳକୁ ଅଧିକ ଅଙ୍ଗାରକାମ୍ଳ ବାଷ୍ପ ଉତ୍ସର୍ଜନ ନହୋଇ ମୃତ୍ତିକା ମଧ୍ୟରେ ବହୁଦିନ ପର୍ଯ୍ୟନ୍ତ ଗଚ୍ଛିତ ହୋଇ ରହେ।

ଅଙ୍ଗାରକ କୃଷି କେତେକଙ୍କ ପାଇଁ ନୂଆ ହୋଇପାରେ, କିନ୍ତୁ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏହାର ବିଶେଷ ଗୁରୁତ୍ୱ ରହିଛି। ଏହାକୁ ମଧ୍ୟ ପ୍ୟାରିସ ଚୁକ୍ତି ୨୦୧୫ରେ ଉଲ୍ଲେଖ କରାଯାଇଛି। ବାୟୁମଣ୍ଡଳରେ ସାଧାରଣତଃ ୦.୦୪% ଅଙ୍ଗାରକାମ୍ଳ ବାଷ୍ପ ଥାଏ। କିନ୍ତୁ ଜୀବାଶ୍ମ ଇନ୍ଧନରୁ ଓ କଳକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ ଓ କାର୍ବନ୍ ମନୋଅକ୍ସାଇଡ୍ ନିର୍ଗତ ହୋଇ ବାୟୁମଣ୍ଡଳକୁ ପ୍ରଦୂଷିତ କରେ। ପ୍ରାକ୍-ଶିଳ୍ପ ସମୟରେ ବାୟୁରେ ୨୮୦ ନିୟୁତାଂଶ ପର୍ଯ୍ୟନ୍ତ ଅଙ୍ଗାରକାମ୍ଳ ବାଷ୍ପ ରହୁଥିଲା ବେଳେ ଏବେ ଏହା ୪୨୬ ନିୟୁତାଂଶ ପର୍ଯ୍ୟନ୍ତ ବଢ଼ିଲାଣି। ସାଧାରଣତଃ ୩୫୦ ନିୟୁତାଂଶରୁ ଏହା ଅଧିକ ହେଲେ ଆମ ପାଇଁ ବିପଦଜନକ ହୋଇଥାଏ। ଏହାର ସମାଧାନ ପାଇଁ ଅଧିକ ଅଙ୍ଗାରକ ପୃଥକୀକରଣ କରି ଉଦ୍ଭିଦ ଓ ମୃତ୍ତିକା ମଧ୍ୟରେ ଗଚ୍ଛିତ ରଖା ଯାଇପାରେ। ଏହାଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି ହେବା ସହ କୃଷକଙ୍କ ରୋଜଗାର ବୃଦ୍ଧି ପାଇବ।

ଅଙ୍ଗାରକ କୃଷିର କେତେକ ବିଶେଷ ଦିଗ ହେଉଛି ଅଙ୍ଗାର ପୃଥକୀକରଣ, ପୁନରୁତ୍ଥାନ ପ୍ରକ୍ରିୟା, ସ୍ୱେଚ୍ଛାପୂର୍ବକ ଅଙ୍ଗାରକ ବଜାରରେ ଅଂଶଗ୍ରହଣ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ। ଅଙ୍ଗାରକ କୃଷି ପ୍ରଥମରେ ଅଷ୍ଟ୍ରେଲିଆ ୨୦୧୨ ମସିହାରେ ଆରମ୍ଭ କରିଥିଲା। ଘରୋଇ ଜମି ମାଲିକ କୃଷି ଓ ବନୀକରଣ ମଧ୍ୟରେ କାର୍ବନ୍ କ୍ରେଡିଟ୍ ହାସଲ କରିବା ପାଇଁ ଅଙ୍ଗାରକ କୃଷି ଅନୁଷ୍ଠାନ ପ୍ରୋତ୍ସାହନ ଯୋଗାଇ ଦେଉଥିଲେ। ଭାରତରେ ମଧ୍ୟ ୫୦ ଗୋଟି ଅଙ୍ଗାରକ କୃଷି ପ୍ରକଳ୍ପ ଦ୍ୱାରା ୧୬.୫ ନିୟୁତ ହେକ୍ଟର ଜମିରେ ଏହାକୁ ଆରମ୍ଭ କରାଗଲାଣି। ହରିୟାନା ଓ ମଧ୍ୟପ୍ରଦେଶ ଅନୁଧ୍ୟାନରୁ ଜଣାଯାଏ ଯେ ଏହି କୃଷି ମୁଖ୍ୟତଃ ବଡ଼ ଚାଷୀ ଗ୍ରହଣ କରୁଛନ୍ତି।

ମୋଟ ଉପରେ ଅଙ୍ଗାରକ କୃଷି ମୁଖ୍ୟତଃ ପାଞ୍ଚଟି ପଦ୍ଧତି ଅନୁସରଣ କରେ। ପ୍ରଥମ ପଦ୍ଧତି ହେଉଛି କୃଷି ବନୀକରଣ। ବନ ଜଙ୍ଗଲରେ ଅଙ୍ଗାର ଅବଶୋଷିତ ହୋଇ ବହୁଦିନ ପର୍ଯ୍ୟନ୍ତ ଗଚ୍ଛିତ ହୋଇରହେ। କିନ୍ତୁ ଜଙ୍ଗଲ କ୍ଷୟ ଯୋଗୁଁ ବାୟୁମଣ୍ଡଳକୁ ପ୍ରାୟ ୧୫-୨୦ ଶତାଂଶ ପର୍ଯ୍ୟନ୍ତ ସବୁଜଗୃହ ବାଷ୍ପ ଉତ୍ସର୍ଜନ ହୋଇଥାଏ। ଆମେ ଯଦି ସଂଧାରଣୀୟ ବନୀକରଣ କରିପାରିବା ତେବେ ଏହି ଜଙ୍ଗଲ ଏକ ଅଙ୍ଗାର କୁଣ୍ଡ ସଦୃଶ ଅଙ୍ଗାରକୁ ବହୁଦିନ ଧରି ଗଚ୍ଛିତ କରି ରଖିପାରିବ। ଫସଲ ସହିତ ବୃକ୍ଷଚାଷକୁ କୃଷି ବନୀକରଣ କୁହଯାଏ। ଏହାଦ୍ୱାରା ମୃତ୍ତିକାରେ ଅଧିକ ଅଙ୍ଗାର ଗଚ୍ଛିତ ହୋଇ ରହେ ଏବଂ ଜୈବବିଭିନ୍ନତା ବୃଦ୍ଧି ପାଏ। ଗଛର ପତ୍ର ଝଡ଼ି ମାଟିରେ ମିଶିଲେ ଏଗୁଡ଼ିକ ଜୈବିକ ଅଙ୍ଗାରରେ ପରିଣତ ହୋଇ ମୃତ୍ତିକା ମଧ୍ୟରେ ଗଚ୍ଛିତ ହୋଇ ରହେ।

ଦ୍ୱିତୀୟ ପଦ୍ଧତି ହେଉଛି ସଂରକ୍ଷଣ କୃଷି। ଏହି ପଦ୍ଧତିରେ ଅଙ୍ଗାର ପୃଥକୀକରଣ ପାଇଁ ବ୍ୟାପକ ସୁଯୋଗ ରହିଛି। ଜମିରେ ଆବରଣ ଫସଲ ଚାଷ କଲେ ମୃତ୍ତିକା କ୍ଷୟ ହ୍ରାସ ପାଏ ଏବଂ ମୃତ୍ତିକା ମଧ୍ୟରେ ଅଙ୍ଗାର ଗଚ୍ଛିତ ହୋଇ ରହେ। ପାରମ୍ପରିକ କୃଷିରେ ଅଧିକ କର୍ଷଣ କରିବା ଫଳରେ ମୃତ୍ତିକା କ୍ଷୟ ହୁଏ ଏବଂ ମାଟି ବସିଯାଇ ଉପ ମୃତ୍ତିକାରେ ଏକ କଠିନ ସ୍ତର ସୃଷ୍ଟି ହେବା ଫଳରେ ଜଳ ନିଷ୍କାସନ ଅସୁବିଧା ହୁଏ। ବାରମ୍ବାର ଚାଷ କଲେ ମୃତ୍ତିକାର ଉପକାରୀ ଅଣୁଜୀବ ସଂଖ୍ୟା କମିଯାଏ। ଶୂନ୍ୟ କର୍ଷଣ ବା ସର୍ବନିମ୍ନ କର୍ଷଣ ଯୋଗୁଁ ମୃତ୍ତିକାର ସଂରଚନା ପରିବର୍ତ୍ତନ ହୁଏନାହିଁ ଏବଂ ଅଧିକ ଅଙ୍ଗାର ପୃଥକୀକରଣ ସମ୍ଭବ ହୁଏ। ମୃତ୍ତିକାରେ ଉପକାରୀ ଅଣୁଜୀବ ସଂଖ୍ୟା ବୃଦ୍ଧିପାଏ ଏବଂ ହ୍ୟୁମସ ଗଠିତ ହୋଇ ମୃତ୍ତିକାର ଉର୍ବରତା ଓ ଜଳଧାରଣ ଶକ୍ତି ବୃଦ୍ଧିପାଏ। ସର୍ବନିମ୍ନ କର୍ଷଣ ସହିତ ଛାଦନ ବ୍ୟବସ୍ଥା କଲେ ମୃତ୍ତିକାର ଜୈବିକ ଗୁଣରେ ଉନ୍ନତିକରଣ ହୋଇଥାଏ ଏବଂ ମୃତ୍ତିକାର ଉର୍ବରତା ବୃଦ୍ଧି ପାଏ। ମୃତ୍ତିକାକୁ ସର୍ବନିମ୍ନ କର୍ଷଣ ସହିତ ଫସଲ ବିବିଧିକରଣ, ଫସଲ ପର୍ଯ୍ୟାୟ, ଅନ୍ତଃ ଫସଲ, ଛାଦନ ଓ ଉନ୍ନତ ଜଳ ପରିଚାଳନା କଲେ ମୃତ୍ତିକା ମଧ୍ୟରେ ଅଧିକ ପରିମାଣର ଅଙ୍ଗାରକ ସଞ୍ଚିତ ହୋଇ ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି କରିବା ସହ ଅଧିକ ଫସଲ ଅମଳ ଦେଇଥାଏ।

ତୃତୀୟ ପଦକ୍ଷେପ ହେଉଛି ପଶୁମାନଙ୍କ ପାଇଁ ନିୟନ୍ତ୍ରିତ ଚାରଣ। ପଶୁପାଳନ ଯୋଗୁଁ ମଳ ମୂତ୍ର ଜମି ରହିଲେ ଏଥିରୁ ମିଥେନ ବାଷ୍ପ ବାୟୁମଣ୍ଡଳକୁ ନିର୍ଗତ ହୁଏ। ଏହା ମଧ୍ୟ ସବୁଜ ଗୃହ ବାଷ୍ପ ପରିମାଣ ବୃଦ୍ଧିକରି ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି କରାଏ। ପାଳି କରି ଗୃହପାଳିତ ପଶୁମାନଙ୍କୁ ଚାରଣ କଲେ ଜୈବିକ ଅଙ୍ଗାର ମାଟିରେ ସଞ୍ଚିତ ହୋଇ ରହେ ଓ ମିଥେନ ଗ୍ୟାସ୍ ନିର୍ଗମନ ହ୍ରାସ ପାଏ। ଚତୁର୍ଥ ପଦକ୍ଷେପ ହେଉଛି ସନ୍ତସନ୍ତିଆ ଜମିର ସଠିକ ପରିଚାଳନା। ଏହି ଜମି ଅଙ୍ଗାର କୁଣ୍ଡ ସଦୃଶ କାମ କରେ। ରୁଆ ଧାନରେ ଅଧିକ ଜଳ ବ୍ୟବହାର ହୁଏ ଏବଂ ଜମିରୁ ମିଥେନ ବାଷ୍ପ ନିର୍ଗତ ହୁଏ। କିନ୍ତୁ ବୁଣା ଧାନରେ ବେଶୀ ଠିଆ ପାଣି ରହୁ ନଥିବାରୁ ମିଥେନ ବାଷ୍ପ ବାହାରେ ନାହିଁ। ସୁତରାଂ ଜମିରୁ ଜଳ ନିଷ୍କାସନ ସହିତ ରୁଆଧାନ ପରିବର୍ତ୍ତେ ଧାନବୁଣା କଲେ ମିଥେନ ଗ୍ୟାସ୍ ନିର୍ଗମନ ହ୍ରାସ ପାଏ। ଜମିରେ ଉତ୍ତମ ଜଳ ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ପଞ୍ଚମ ପଦକ୍ଷେପ ହେଉଛି ବାୟୋଚାର ବ୍ୟବହାର। ବାୟୋଚାର ଏକ ପ୍ରକାରର ଜୈବିକ ଅଙ୍ଗାର ବା ଚାରକୋଲ୍। ଏହାକୁ ଉଦ୍ଭିଦ ଜୀବାଳି ବା ବାୟୋମାସକୁ ବିନା ଅମ୍ଳଜାନରେ ବିଘଟନ କରି ପ୍ରସ୍ତୁତ କରାଯାଏ। ବାୟୋଚାର ମାଟିରେ ପ୍ରୟୋଗ କଲେ ଏହା ମୃତ୍ତିକା ସଂଶୋଧନ କରିବା ସହିତ ମୃତ୍ତିକାରେ ଜୈବିକ ଅଙ୍ଗାର ପରିମାଣ ବୃଦ୍ଧି କରେ। ଫଳରେ ମାଟିରେ ଅଧିକ ଅଙ୍ଗାର ଗଚ୍ଛିତ ହୋଇଥାଏ। ବାୟୋଚାର ମାଟିରେ ପ୍ରୟୋଗ କରିବା ଫଳରେ ମୃତ୍ତିକାରେ ଜଳ ଧାରଣ ଶକ୍ତି, ଉର୍ବରତା ଏବଂ ଉପକାରୀ ଅଣୁଜୀବଙ୍କର ସଂଖ୍ୟା ବୃଦ୍ଧି ପାଏ। ଏହାଯୋଗୁଁ ମୃତ୍ତିକାରେ ପୋଷକଚକ୍ର ବୃଦ୍ଧି ପାଇ ଫସଲ ପାଇଁ ଅଧିକ ଖାଦ୍ୟ ସାର ମିଳେ। ବାୟୋଚାର ମୃତ୍ତିକାରେ ଅଙ୍ଗାରକୁ ଶହ ଶହ ବର୍ଷ ସାଇତି ରଖିପାରେ ଏବଂ ବାୟୁମଣ୍ଡଳକୁ ସବୁଜ ଗୃହ ବାଷ୍ପ ନିର୍ଗମନକୁ ରୋକାଯାଇ ପାରେ। ସ୍ୱେଚ୍ଛାମୂଳକ ଭାବରେ କାର୍ବନ୍ କ୍ରେଡିଟ୍ ବିକ୍ରୟ କରିବାକୁ ଚାଷୀମାନେ ଅଙ୍ଗାରକ ଗଚ୍ଛିତ ଚାଷପ୍ରଣାଳୀ ଅନୁସରଣ କରିପାରନ୍ତି। ଏହାଦ୍ୱାରା ସେମାନେ ଅଙ୍ଗାର ବଜାରରେ ଅଂଶଗ୍ରହଣ କରି କିଛି ରୋଜଗାର କରିପାରିବେ। ଜାତୀୟସ୍ତରରେ କିମ୍ବା ଆନ୍ତର୍ଜାତିକ ସ୍ତରରେ ସ୍ୱେଚ୍ଛାକୃତ ଭାବରେ ଅଙ୍ଗାରକ ବଜାର ମାଧ୍ୟମରେ ଜଳବାୟୁ ଲକ୍ଷ୍ୟ ପୂରଣ କରାଯାଇ ପାରିବ।

ଅଙ୍ଗାରକ କୃଷି ପାଇଁ କେତେକ ଅସୁବିଧା ମଧ୍ୟ ରହୁଛି। ଆମର ଖଣ୍ଡ ବିଖଣ୍ଡିତ ଚାଷଜମି ଓ କ୍ଷୁଦ୍ର ଯୋତ ବଡ଼ଧରଣର ଅଙ୍ଗାରକ କୃଷି ପାଇଁ ଉପଯୁକ୍ତ ହୋଇ ନପାରେ। ଏଣୁ ଭୂସଂସ୍କାର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିବା ଆବଶ୍ୟକ। ଚାଷୀଙ୍କ ମଧ୍ୟରେ ସଚେତନତା ଏବଂ ଆର୍ଥିକ ସହାୟତା ଅଭାବ ଅଙ୍ଗାରକ କୃଷି ପାଇଁ ପ୍ରତିବନ୍ଧକ ସାଜିପାରେ। ସରକାରୀ ସ୍ତରରେ କାର୍ବନ୍ ବଜାର ଓ କାର୍ବନ୍ କ୍ରେଡିଟ୍ ପାଇଁ ଉପଯୁକ୍ତ ନୀତି ପ୍ରଣୟନ ହେବା ଜରୁରୀ। ସରକାର, ଗବେଷକ, କୃଷକ ଓ ଅନ୍ତର୍ଜାତୀୟ ଅନୁଷ୍ଠାନ ମଧ୍ୟରେ ସହଯୋଗିତା ନହେଲେ ଅଙ୍ଗାରକ କୃଷି ସମ୍ଭବ ହେବ ନାହିଁ। ସାରାଂଶରେ କୁହାଯାଇପାରେ ଯେ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ସମାଧାନ କରିବା ସହିତ କୃଷି ଉତ୍ପାଦନ ସ୍ଥିର ରଖିବାକୁ ହେଲେ ଅଙ୍ଗାର କୃଷି ଅଧିକ ଉପାଦେୟ ହୋଇପାରିବ। ଏହା ମଧ୍ୟ କୃଷକମାନଙ୍କର ଅର୍ଥନୈତିକ ବିକାଶ ପାଇଁ ସହାୟକ ହୋଇ ପାରିବ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# କଲମ ମୁନରୁ ସତ ଝରୁ

ରାକେଶ କୁମାର ପାଢ଼ୀ

ପବିତ୍ର ଗଣତନ୍ତ୍ରର ଚାରୋଟି ସ୍ତମ୍ଭ ହେଲା ବିଧାନସଭା, ପ୍ରଶାସନ, ନ୍ୟାୟାଳୟ ଓ ଗଣମାଧ୍ୟମ। ବିଧାନସଭାରୁ ଯେଉଁ ଆଇନ ପ୍ରଣୟନ ହେବ ତା'କୁ ପ୍ରଶାସନ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରିବ। ଏହି ଶୃଙ୍ଖଳାରେ କୌଣସି ତ୍ରୁଟିବିଚ୍ୟୁତି ଘଟିଲେ ନ୍ୟାୟପାଳିକା ତା'କୁ ଶୃଙ୍ଖଳିତ କରିବ ଏବଂ ଆବଶ୍ୟକସ୍ଥଳେ ଦଣ୍ଡବିଧାନ କରିବ। ବ୍ୟବସ୍ଥାରୁ ଦୂରେଇ ରହି ମୁକ୍ତ ଓ ଅବାଧ ଦାୟିତ୍ୱ ଚତୁର୍ଥସ୍ତମ୍ଭ ଗଣମାଧ୍ୟମର ରହିଛି। ସମ୍ପ୍ରତି ଏହାକୁ ଅବଲୋକନ କଲେ ଏହି ଚାରୋଟି ସ୍ତମ୍ଭ ନିଜ ଗୁରୁଦାୟିତ୍ୱ ସଠିକ ନିର୍ବାହ କରୁଛନ୍ତି କି ସେ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ସମସ୍ତ ବ୍ୟବସ୍ଥା ଉପରେ ପରସ୍ତପରସ୍ତ ଧୂଳି ଜମିଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜନୈତିକ ବ୍ୟବସ୍ଥା କେବଳ ଏକ କ୍ଷମତାକେନ୍ଦ୍ରରେ ପରିଣତ ହୋଇଥିବା ବେଳେ ଦଳଗୁଡ଼ିକ ନିଜ ନୀତି ଆଦର୍ଶକୁ ଜଳାଞ୍ଜଳି ଦେଇଦେଇଥିବା ଭଳି ମନେ ହୁଏ। ପୁରପଲ୍ଲୀରୁ ଦିଲ୍ଲୀ ଯାଏଁ ଏହା ପ୍ରତୀୟମାନ। ବିହାରର ଆୟାରାମ ଗୟାରାମ ନୀତୀଶଙ୍କ ଠାରୁ ଆରମ୍ଭ କରି ମହାରାଷ୍ଟ୍ରର ଶିବସେନା, ଏନସିପି ଭଳି ଅନେକ ଦୃଷ୍ଟାନ୍ତ ରହିଛି। ସେହିଭଳି ପ୍ରଶାସନିକ କଳ ରାଜନୀତିକୁ ସୁହାଇଲା ଭଳି କାମ କରିବା ଅବା ରାଜନୀତିକୁ ନିଜ ପ୍ରରୋଚନାରେ ଚଳାଇବାକୁ ଉଦ୍ୟତ ହେଉଥିବାରୁ ସମାଜରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନିକ ଅଧିକାରୀଙ୍କ ଉପରେ ନିୟମିତ ଭିଜିଲାନ୍ସ ଚଢ଼ଉ ଓ ପୁଳା ପୁଳା କଳାଧନ ଜବତ ଘଟଣା ଏହାକୁ ପ୍ରତିପାଦିତ କରୁଛି। ଏପରିକି ରାଜନୈତିକ ସ୍ୱାର୍ଥ ସିଦ୍ଧି ପାଇଁ ନ୍ୟାୟପାଳିକାକୁ ମଧ୍ୟ ଅସ୍ତ୍ର ରୂପରେ ବ୍ୟବହାର କରିବାର ହୀନ ପ୍ରୟାସକୁ ନ୍ୟାୟପାଳିକା ଅନେକାଂଶରେ ନିନ୍ଦା କରନ୍ତି।

ମୁକ୍ତ ଓ ଅବାଧ ଦାୟିତ୍ୱ ନିର୍ବାହ କରୁଥିବା ଗଣମାଧ୍ୟମ ମଧ୍ୟ ରାଜନୈତିକ ପ୍ରଭାବରୁ ମୁକ୍ତ ନୁହେଁ। ବୈଷୟିକ ଜ୍ଞାନକୌଶଳ ପାରମ୍ପରିକ ଗଣମାଧ୍ୟମକୁ ବହୁ ପଛକୁ ଠେଲି ଦେଇଥିବା ଆଲୋଚନା ହୁଏ। ଡିଜିଟାଲ ଯୁଗରେ କମେଣ୍ଟ, ଲାଇକ, ସେୟାର ଜରିଆରେ ଲୋକେ ତ୍ୱରିତ ବେଗରେ ଖବର ପାଉଛନ୍ତି ଏବଂ ସେଥିରେ ପ୍ରତିକ୍ରିୟା ଦେବାର ସୁଯୋଗ ବି ଅଛି। ତେବେ ଏ ସମସ୍ତ ବିଭ୍ରାଟ ପାଇଁ ଦାୟୀ କିଏ? ବୈଷୟିକ ଜ୍ଞାନକୌଶଳ ନା ବିଚାରଧାରାର ଅବମୂଲ୍ୟାୟନ? ଡିଜିଟାଲ ବା ସୋସିଆଲ ମିଡିଆ ଯୁଗରେ ସାମ୍ବାଦିକର ସ୍ଥିତି କ'ଣ? ଏଭଳି ଅନେକ ପ୍ରଶ୍ନ ଏବେ ଅସମାହିତ ଥିବା ମନେ ହୁଏ। ଗଣମାଧ୍ୟମ ହିଁ ଲୋକଙ୍କ ଜାଗ୍ରତପ୍ରହରୀ ଭଳି କାମ କରିବା କଥା। କିନ୍ତୁ କ୍ଷମତା ପିପାସୁଙ୍କ ସକାଶେ କ୍ରୀଡ଼ନକ ଭଳି କାମ କରିବା, ରାଜନୈତିକ ଅଭିସନ୍ଧିରେ ଖବର ପ୍ରସାରଣ କରିବା, ସର୍ବୋପରି ନିଜ ନୀତିଆଦର୍ଶ ଭୁଲି ସତକୁ ମିଛ, ମିଛକୁ ସତ ଭଳି ଖବର ଉପସ୍ଥାପନା ହିଁ ଆଜି ଗଣମାଧ୍ୟମଠାରୁ ଲୋକଙ୍କୁ ଦୂରେଇ ନେଇଛି କହିଲେ ଅତ୍ୟୁକ୍ତି ହେବ ନାହି। ସତ ତଳିତଳାନ୍ତ ହୋଇଛି। ମିଛ ଓ ଗୁଜବ ପ୍ରାଧାନ୍ୟ ବିସ୍ତାର କରିଛି। ଏସବୁରେ ଡିଜିଟାଲ ମିଡିଆ ସବୁଠୁ ବଳି ଯାଇଛି। ତେଣୁ ଲୋକେ ନ୍ୟୁଜ ବା ଖବର ତୁଳନାରେ ନିଜର ମନୋରଞ୍ଜନ ଓ ଓଟିଟି ପ୍ଲାଟଫର୍ମକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଲୋକଙ୍କ ସକାଶେ କେଉଁ ଖବର ସତ, କେଉଁଟା ମିଛ ତାହା ଜାଣିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। 'ଅପରେସନ ସିନ୍ଦୂର' ସମୟରେ 'ପ୍ରେସ ଇନଫରମେସନ ବ୍ୟୁରୋ (ପିଆଇବି)'ର ଫ୍ୟାକ୍ଟ ଚେକ ୟୁନିଟ କେବଳ ଭାରତରେ ୧୮ଟି ଭିନ୍ନ ଭିନ୍ନ ମିଥ୍ୟା ଖବର ବଡ଼ ବଡ଼ ଚ୍ୟାନଲରେ ପ୍ରକାଶ ପାଇଥିବା ଜାଣିବାକୁ ପାଇଥିଲା। ସେହିପରି ପାକିସ୍ତାନରେ ଏହି ସଂଖ୍ୟା ୪୦ରୁ ଊର୍ଦ୍ଧ୍ୱ। ତା'ସହ ପାଖାପାଖି କେବଳ ଗୁଜବ ଓ ମିଥ୍ୟା ଖବର ପ୍ରଚାର ପ୍ରସାର ପାଇଁ ଲୋକଙ୍କ ଅଯଥା ପ୍ରାଣହାନି ଘଟିବା ବି ନଜିର ରହିଛି। ମୁଖ୍ୟତଃ ସୋସିଆଲ ମିଡିଆର ପ୍ରଭାବ ଏହାକୁ ଆହୁରି ଦୁର୍ବିସହ କରିଛି। ଖ୍ୟାତନାମା ରାଜନେତା, ତାରକା କିମ୍ବା ପ୍ରସିଦ୍ଧ ବ୍ୟକ୍ତିଙ୍କ ସମ୍ପର୍କିତ ଗୁଜବ ଏକ ପ୍ରହସନରେ ପରିଣତ ହୋଇଛି। ତା' ସହ ବୋମା ଗୁଜବ, ପିଲା ଚୋର ମାତିବା ଭଳି ଅନେକ ଖବରରେ ଲୋକେ ବ୍ୟସ୍ତ ଓ ବିବ୍ରତ। ଲଗାମବିହୀନ ଏହି ଡିଜିଟାଲ ମିଡିଆର ଧାରା ଏତେମାତ୍ରାରେ ବୃଦ୍ଧି ପାଇଛି ଯେ ଏଠାରେ ସତ ଖୋଜିବା ମୂର୍ଖାମୀ ଛଡ଼ା ଆଉ କିଛି ନୁହେଁ।

ଏଭଳି ଏକ ଅନିଶ୍ଚିତ ପୃଥିବୀ, ଯେଉଁଠି ସର୍ବତ୍ର ଧୂଆଁମୟ, କୁହୁଡ଼ିମୟ, ଧୂଳିଧୂସରମୟ, ଯୁଦ୍ଧମୟ, ସେଠାରେ ମିଞ୍ଜି ମିଞ୍ଜି ହୋଇ କ୍ୱଚିତ ଗଣମାଧ୍ୟମରେ ସତ୍ୟର ଶିଖା ଜଳୁଥିବା ପରିଲକ୍ଷିତ ହୁଏ, ଯାହାକି ସମାଜ ପାଇଁ ଆଶାର ଆଲୋକ ସାଜିପାରେ। 'ଅପରେସନ ସିନ୍ଦୂର' ସମୟରେ ଲୋକେ ଭାରତ କିମ୍ବା ପାକିସ୍ତାନ ଗଣମାଧ୍ୟମ ଛାଡ଼ି ସତ୍ୟର ଅନୁସନ୍ଧାନରେ ବିବିସି, ରଏଟର ଓ କିଛି ଅନ୍ୟ ପ୍ରମୁଖ ଅନ୍ତର୍ଜାତୀୟ ଖବର ପ୍ରସାରଣକୁ ଖୋଜିଥିଲେ। ଯେଉଁଠି ଅନେକ ପାରମ୍ପରିକ ଗଣମାଧ୍ୟମ ମରି ହଜିବାକୁ ବସିଲେଣି, ସେଠି ବିବିସି ୧୦୫ବର୍ଷ ହେଲା ଆଜିଯାଏଁ କେମିତି ବଞ୍ଚିଛି ଏବଂ ଡିଜିଟାଲ ପ୍ଲାଟଫର୍ମରେ ତା'ର ଲୋକପ୍ରିୟତା ନିରନ୍ତର କେମିତି ବୃଦ୍ଧି ପାଇବାରେ ଲାଗିଛି ତାହା ଅନୁଶୀଳନର ବିଷୟ ନିଶ୍ଚୟ। ସରକାର ଖବର ପ୍ରସାରଣକୁ ସିନା ସ୍ୱଳ୍ପକାଳ ସକାଶେ ଚାପିଦେବେ, କିନ୍ତୁ ପ୍ରକୃତ ଖବରକୁ ମାରିବ କିଏ? ସତ କେବେ ଲୁଚି ରହେନା। ତାହା ଆଜି ନହେଲେ କାଲି ଆତ୍ମପ୍ରକାଶ ପାଇବ।

ତେବେ ଏହାକୁ ପରିପ୍ରକାଶ କରିବାର ଦାୟିତ୍ୱ ନେଇଥିବା ସାମ୍ବାଦିକ ଜଣକ ନିଷ୍କପଟ ହୋଇ ସମୟାନୁସାରେ ଏହାକୁ ପରିପ୍ରକାଶ କଲେ କୌଣସି ଶକ୍ତି ଏହାକୁ ମାରି ପାରିବନି। ବୈଷୟିକ ଜ୍ଞାନକୌଶଳ ହେଉ କିମ୍ବା ପାରମ୍ପରିକ ଗଣମାଧ୍ୟମ, ସତ୍ୟକୁ ପାଥେୟ କରି ନିଜକୁ ଆଧୁନିକତାରେ ରୂପାନ୍ତରଣ କରି ଲେଖନୀ ମୁନର ସ୍ରୋତକୁ ସତ୍ୟରେ ବ୍ରତୀ କଲେ ପାଠକପାଠିକା, ଦର୍ଶକ, ଶ୍ରୋତା କେହି ମୁହଁ ଫେରାଇବେନି ବରଂ ପ୍ରଶଂସାରେ ପୋତିଦେବେ। ଅଥଚ ଏହାର ମୂଳଦୁଆ ସତ୍ୟରୁ ହିଁ ପରିପ୍ରକାଶ ହେବା ଆବଶ୍ୟକ। ଏହାହିଁ ସବୁ ସମସ୍ୟା ସମାଧାନର ମୂଳମନ୍ତ୍ର। ଯଦି ସମସ୍ତେ ସତ କହିବା, ସତ ଲେଖିବା, ସତ୍ୟରେ ଯଦି ବଞ୍ଚିବା ତେବେ ଆମ ଗାଁ, ଆମ ସହର, ଆମ ଦେଶ, ଆମ ପୃଥିବୀ ସବୁ ଦିଗରୁ ସମୃଦ୍ଧ ଓ ସୁନ୍ଦର ହେବ। ଅରାଜକତା ଲୋପ ପାଇବ। ସମସ୍ତେ ସ୍ୱଚ୍ଛ ହେବେ। ସମସ୍ତ ବ୍ୟବସ୍ଥା ଆପଣାଛାଏଁ ସଠିକ ମାର୍ଗ ଖୋଜିବ। ଚାଲନ୍ତୁ ସମସ୍ତେ ପଣ କରିବା; ଫେଣାରୁ ମହୁ ଭଳି କଲମ ମୁନରୁ ସତ ଝରୁ। ଏଠାରେ ପ୍ରଖ୍ୟାତ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦଙ୍କ କାଳଜୟୀ କବିତା ପଂକ୍ତିକୁ ସାମ୍ବାଦିକମାନେ ଜୀବନମନ୍ତ୍ର କରିବା ଉଚିତ, ଯାହା ଦୃପ୍ତ ଓ ନିର୍ଭୀକ ଭାବରେ ଘୋଷଣା କରେ - 'ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି। ମୋତେ ଏତିକି ଶିଖାଅ ସାଇଁ ହେ ମୋର ଧନ ଜନ ଲୋଡ଼ା ନାହିଁ ହେ...'।

ଜୟପୁର, ମୋ: ୮୨୪୯୨୭୭୭୬୩

## ବିକଳ୍ପ ଚିନି ଓ ସ୍ୱାସ୍ଥ୍ୟ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ସୁମିଷ୍ଟ ଖାଦ୍ୟ ଲାଗି ଆମର ଆକର୍ଷଣ ଜନ୍ମଗତ। ଏହା ମୂଳରେ ରହିଛି ବିବର୍ତ୍ତନୀୟ ପ୍ରଭାବ। ଆଦ୍ୟକାଳରେ ମଣିଷକୁ ପ୍ରବଳ ଶାରୀରିକ ଶ୍ରମ କରିବାକୁ ପଡୁଥିଲା। ସେଥିପାଇଁ ତା'ର ଆବଶ୍ୟକ ହେଉଥିଲା ଅଧିକ ଶକ୍ତି। ସୁମିଷ୍ଟ ପାଚିଲା ଫଳ ଭୋଜନ ଦ୍ୱାରା ସେ ଏହା ପ୍ରାପ୍ତ ହେଉଥିଲା। କ୍ରମେ ଏପ୍ରକୃତି ତା'ର ଜୈବିକ ଚରିତ୍ରରେ ଲିପିବଦ୍ଧ ହୋଇଗଲା। ଆମ ମସ୍ତିଷ୍କରେ ସୁମିଷ୍ଟ ଖାଦ୍ୟ ଅଧିକ ମାତ୍ରାରେ କ୍ଷରଣ ଘଟାଇଥାଏ 'ଡୋପାମିନ୍' ହରମୋନ୍। ଏହା ଆମକୁ ଆନନ୍ଦଦାୟୀ ଅନୁଭବ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେ ଖାଦ୍ୟପ୍ରତି ଆକର୍ଷଣ ବୃଦ୍ଧି କରିଥାଏ। ପୁନଶ୍ଚ ଏପରି ଖାଦ୍ୟ ଶରୀରରେ 'ସେରୋଟୋନିନ୍' ନାମକ ସ୍ନାୟୁ ସଂଚରକର ମଧ୍ୟ ମାତ୍ରାବୃଦ୍ଧି ଘଟାଏ, ଯାହାକି ଆମ ଭାବନାକୁ ଉତ୍ତୋଳିତ କରେ ଏବଂ ମନକୁ ପ୍ରଫୁଲ୍ଲ ରଖେ। ଅତଏବ ଆମେ ଅଧିକରୁ ଅଧିକ ସୁମିଷ୍ଟ ଖାଦ୍ୟ ଖାଇବାକୁ ଆଗ୍ରହୀ ହେଉ। ତେବେ ଏହାର ପରିଣାମ ନକାରାତ୍ମକ ହେବାରେ ଲାଗିଛି। ଏହା ସୃଷ୍ଟି କରୁଛି ନାନାଦି ସ୍ୱାସ୍ଥ୍ୟ ସମସ୍ୟା, ଯେପରିକି ଶରୀରର ଓଜନ ବୃଦ୍ଧି, ପୃଥୁଳତା, ଟାଇପ୍-୨ ମଧୁମେହ, ନାନାପ୍ରକାର ହୃଦ୍‌ରୋଗ, ଚର୍ବିଳ ଯକୃତ, ଦନ୍ତରୋଗ, ବିବିଧ କର୍କଟ ରୋଗ ଇତ୍ୟାଦି। ତେଣୁ ଏଭଳି ଖାଦ୍ୟକୁ ସୀମିତ କରବା ଲାଗି ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ତେବେ ଜିହ୍ୱାଲାଳସା ଆମକୁ ତାହା କରିବାକୁ ହେଉନି।

ବର୍ତ୍ତମାନ ଆମ ସୁମିଷ୍ଟ ଖାଦ୍ୟଗୁଡ଼ିକର ପ୍ରସ୍ତୁତିରେ ମୁଖ୍ୟତଃ ବ୍ୟବହାର ହେଉଥିବା ମିଷ୍ଟକାରୀ ପଦାର୍ଥ ଟି ହେଲା ଚିନି। ଏହାର ରାସାୟନିକ ନାମ 'ସୁକ୍ରୋଜ୍'। ସ୍ୱାସ୍ଥ୍ୟ ସଚେତନ ଲୋକେ ଏବେ ଏହା ବଦଳରେ ବ୍ୟବହାର କରିବାକୁ ଲାଗିଲେଣି 'ବିକଳ୍ପ ଚିନି' ବୋଲି କୁହାଯାଉଥିବା ଭିନ୍ନ ଭିନ୍ନ ରସାୟନରେ ପ୍ରସ୍ତୁତ ପଦାର୍ଥମାନ। ଏ ଗୁଡ଼ିକ ମଧ୍ୟରେ ସବୁଠାରୁ ଜନପ୍ରିୟ ହେଲା 'ସ୍ପ୍ଲେଣ୍ଡା'। ତହିଁରେ ଥିବା ମିଷ୍ଟକାରୀ ତତ୍ତ୍ୱଟି ହେଲା 'ସୁକ୍ରଲୋଜ୍'। ପ୍ରଥମେ ପ୍ରଥମେ ଏହାକୁ ନିରାପଦ ବୋଲି ମନେ କରାଯାଉଥିଲା। କିନ୍ତୁ ପରେ ଲୋକଲୋଚନର ଗୋଚରକୁ ଆସିଲାଣି ଏହାର ବିବିଧ ସ୍ୱାସ୍ଥ୍ୟ ହାନିକାରକ ଗୁଣ। ତନ୍ମଧ୍ୟରୁ ଗୋଟିଏ ହେଲା ଯେ 'ସୁକ୍ରାଲୋଜ୍' ହଜମ ହେଲା ବେଳେ ସେଥିରୁ ସୃଷ୍ଟି ହେଉଥିବା 'ଜିନ୍‌ଗରଳ ବା ଜିନୋଟକ୍ସିକ୍ ରସାୟନ। ଏହା ଆମ ଜିନୀୟ ପଦାର୍ଥ ଡିଏନ୍‌ଏକୁ କ୍ଷତି ପହଞ୍ଚାଏ।

ଗବେଷଣାରୁ ଜଣାପଡ଼ିଛି ଯେ ଏହି ରସାୟନଗୁଡ଼ିକ ଆମ ଖାଦ୍ୟନଳୀ ମଧ୍ୟରେ ସୃଷ୍ଟି ହୋଇଥା'ନ୍ତି। ତନ୍ମଧ୍ୟରୁ ଅନ୍ୟତମ ହେଲା 'ସୁକ୍ରୋଲେଜ୍ ୬ ଏସିଟେଟ୍। ଏହା ଏକ 'ଜିନ୍‌ଗରଳ' ବୋଲି ସୂଚନା ଦେଇଛନ୍ତି ସୁସାନ ସ୍ଲିଫ୍‌ମ୍ୟାନ୍। ଡ୍ୟୁକ୍ ବିଶ୍ୱବିଦ୍ୟାଳୟ ଠାରେ ଆସୋସିଏଟ୍ ପ୍ରଫେସର୍ ରୂପେ କାର୍ଯ୍ୟରତ ବେଳେ ସେ ଦେଖିବାକୁ ପାଇଥିଲେ ଯେ ଏଥିରେ ଥିବା ସେହି ପଦାର୍ଥଟି ଆମେ ଥରକରେ ପିଉଥିବା ପାନୀୟରେ ୟୁରୋପିୟାନ୍ ଫୁଡ ସେଫଟି ଅଥରିଟିର ନିର୍ଦ୍ଧାରିତ ପରିମାଣ (ବ୍ୟକ୍ତି ପ୍ରତି ଦିନକୁ ୦.୧୫ ମାଇକ୍ରୋଗ୍ରାମ୍) ଠାରୁ ଯଥେଷ୍ଟ ଅଧିକ।

ସ୍ଲିଫମ୍ୟାନ ଏବଂ ତାଙ୍କ ସହଯୋଗୀମାନେ ଏଥିପାଇଁ କରିଥିବା ଅଧ୍ୟୟନରେ ଏକ 'ଜୀବେତର' ପରୀକ୍ଷା କରିଥିଲେ। ଏଥିରେ ମଣିଷର କିଛି ରକ୍ତକୋଷକୁ ଏହି ରସାୟନରେ ମିଶାଇ ତା'ର ବିଷାକ୍ତ ପଣ ନିର୍ଦ୍ଧାରଣ କରିଥିଲେ। ତହିଁରୁ ପ୍ରମାଣିତ ହୋଇଥିଲା ଯେ ଏହା ପ୍ରକୃତରେ ଏକ 'ଜିନ୍‌ଗରଳ' ଯାହାକି ଡିଏନ୍‌ଏକୁ ଭଙ୍ଗ କରିଥାଏ। ତତ୍ପରେ ସେମାନେ ଅନ୍ୟ ଏକ ପରୀକ୍ଷାରେ ଖାଦ୍ୟନଳୀର ତନ୍ତୁଗୁଡ଼ିକୁ ମଧ୍ୟ ସୁକ୍ରୋଲେଜ ୬ ଏସିଟେଟ୍ ସହିତ ମିଶାଇଥିଲେ। ଏଥିରୁ ମଧ୍ୟ ଅନୁରୂପ ଫଳାଫଳ ମିଳିଥିଲା। ଏହି ରସାୟନ ସେଠାରେ ଜିନୀୟ କାର୍ଯ୍ୟକଳାପକୁ ମଧ୍ୟ ପ୍ରଭାବିତ କରୁଥିବା ସେଥିରୁ ଜଣାପଡ଼ିଲା।

ଏହି ଅଧ୍ୟୟନ ପରେ ସୁକ୍ରୋଲୋଜ୍ ଏବଂ ତହିଁରୁ ଜାତ ଚୟାପଚୟ ପଦାର୍ଥ ସହିତ ସଂପୃକ୍ତ ବହୁ ସ୍ୱାସ୍ଥ୍ୟ ସମସ୍ୟା ଲୋକଲୋଚନକୁ ଆସିଲାଣି। ସେଥିପାଇଁ ଏହା ଉପରେ ଅଧିକ ପରୀକ୍ଷା ନିରୀକ୍ଷା କରି ବିଭିନ୍ନ ଖାଦ୍ୟରେ ମିଶୁଥିବା ଏହାର ପରିମାଣକୁ ନିୟନ୍ତ୍ରଣ କରିବା ଦିଗରେ ପଦକ୍ଷେପ ନେବା ଏବଂ ଆବଶ୍ୟକ ହେଲେ ଏହାକୁ ନିଷିଦ୍ଧ ମଧ୍ୟ କରିବା ଜନସ୍ୱାସ୍ଥ୍ୟ ପାଇଁ ମଙ୍ଗଳକର ହୋଇପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବୃଦ୍ଧାଶ୍ରମ ନର୍ସଙ୍କ ଆତ୍ମହତ୍ୟା ଉଦ୍ୟମ

ଯୋଡ଼ା,୨୮।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ସହରରେ ଡିଏମଏଫ୍ ଦ୍ୱାରା ନିର୍ମାଣ କରାଯାଇଥିବା ଏବଂ ଆଭା ଫାଉଣ୍ଡେସନ ଦ୍ୱାରା ପରିଚାଳିତ ହେଉଥିବା ବୃଦ୍ଧାଶ୍ରମର ଜିଏନ୍ଏମ (ନର୍ସ) ଲୋପାମୁଦ୍ରା ବାରିକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ରବିବାର ସନ୍ଧ୍ୟାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଟାଟା ଷ୍ଟିଲ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସୋମବାର ସକାଳୁ ତାଙ୍କ ଅବସ୍ଥା ସ୍ଥିର ହେବା ପରେ ସେ ଗଣମାଧ୍ୟମକୁ ବିସ୍ଫୋରକ ବୟାନ ଦେଇଛନ୍ତି। ଗତ ଜୁନ ୧୨ ତାରିଖରେ ବୃଦ୍ଧାଶ୍ରମର ଜନୈକ ଅନ୍ତେବାସିନୀଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ କେନ୍ଦୁଝର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ସହିତ ନର୍ସ ଲୋପାମୁଦ୍ରାଙ୍କ ସହିତ ସଫେଇ କର୍ମଚାରୀ ସୁଷମା କାରୁଆ କଟକ ଡାକ୍ତରଖାନା ଯାଇଥିଲେ। ସେଠାରେ ସୁଷମାଙ୍କ ସହିତ ନର୍ସ ଲୋପାମୁଦ୍ରାଙ୍କ ମଧ୍ୟରେ ବିବାଦ ହୋଇଥିଲା। ବିବାଦ ପରେ ସୁଷମା ଲୋପାମୁଦ୍ରାଙ୍କ ନାମରେ ଜାତିଆଣ ଭିତ୍ତିକ ଆକ୍ଷେପ କରିଥିବା ଅଭିଯୋଗ କରିଥିବା ବେଳେ ସେ ଏହାକୁ ଖଣ୍ଡନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୦୦୦ କୋଟିର...

ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଇଓଡବ୍ଲ୍ୟୁ କହିଛି ଯେ ଜମି ବିକ୍ରି ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ମଧ୍ୟ ପାଳନ କରାଯାଇନାହିଁ। ଏହିସବୁ ଜମି ବିକ୍ରି କ୍ଷେତ୍ରରେ ମୋଟ ୭୨ କୋଟି ୮୨ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି। ଏମିତିକି ଜମି ବିକ୍ରି କରିବା ପରେ ମଧ୍ୟ ସାହାରାରେ ନିବେଶ କରିଥିବା ଲୋକଙ୍କୁ ଟଙ୍କା ଫେରସ୍ତ କରାଯାଇନାହିଁ। କୋର୍ଟ ସାହାରା ସମ୍ପତ୍ତି ବିକ୍ରି କରିବା ନେଇ ପୂର୍ବରୁ ଦେଇଥିବା ଅନୁମତିରେ ସର୍ତ୍ତାବଳୀ ଲାଗୁ କରିଥିଲେ। ସର୍ତ୍ତ ଅନୁଯାୟୀ, ଜମି କ୍ରେତା ସିଧାସଳଖ ଅର୍ଥକୁ ସେବି-ସୋହାରା ରିଫଣ୍ଡ ଆକାଉଣ୍ଟରେ ଟଙ୍କା ଜମା କରିବେ। କିନ୍ତୁ ଏହି ଘଟଣାରେ ତାହା ଏହା କରାଯାଇ ନ ଥିଲା।ସୂଚନା ଦେଇ ଇଓଡବ୍ଲ୍ୟୁ କହିଛି ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଭୋପାଳରେ ଜମି ବିକ୍ରି କରିବା ପରେ ଟଙ୍କା ସିଧାସଳଖ ରିଫଣ୍ଡ ଆକାଉଣ୍ଟ ନମ୍ବରରେ ଜମା କରାଯିବା କଥା। କିନ୍ତୁ ଏପରି ନ କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଇଛି।

## ପହଲଗାମ ଆକ୍ରମଣର...

(ଏସଏସଜି)ର ପୂର୍ବତନ କମାଣ୍ଡୋ ଥିଲା। ପରେ ସେ ବିଶ୍ୱ ଆତଙ୍କବାଦୀ ହାଫିଜ ସୟୀଦର ଆତଙ୍କବାଦୀ ସଂଗଠନ ଏଲଇଟିରେ ସାମିଲ ହୋଇଥିଲା।

ସେନା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗୁଇନ୍ଦା ସୂଚନା ମିଳିବା ପରେ ସୋମବାର ସକାଳ ୧୧ଟାରେ ଲିଡବାସର ହରୱାନ ଜଙ୍ଗଲରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ପହଲଗାମ ଆକ୍ରମଣରେ ଆତଙ୍କବାଦୀ ଯେଉଁ ଉପକରଣ ବ୍ୟବହାର କରିଥିଲେ ଏହି ଆତଙ୍କବାଦୀ ସେହିଭଳି ସାମଗ୍ରୀ ରଖିଥିବା ସୂଚନା ମିଳିଥିଲା। ସୁରକ୍ଷା ବାହିନୀ ଅଭିଯାନ ଆରମ୍ଭ କରିବା ସମୟରେ ଦୂରରୁ ଗୁଳି ମାଡ଼ର ଶବ୍ଦ ଶୁଭି ଥିଲା। ଏହାକୁ ଦେଖି ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ମୁତୟନ ବୃଦ୍ଧି କରାଯାଇଥିଲା। ପ୍ରାୟ ୧୧ଟା ୩୦ରେ ୨୪ ରାଷ୍ଟ୍ରୀୟ ରାଇଫଲ୍ସ ଏବଂ ୪ ପାରା ୟୁନିଟର ଯବାନମାନେ ତିନି ଆତଙ୍କବାଦୀ ଥିବା ଜାଣିବାକୁ ପାଇଥିଲେ। ଏହା ପରେ ଅଚାନକ ଆକ୍ରମଣ କରି ଆତଙ୍କବାଦୀଙ୍କୁ ନିପାତ କରିଥିଲେ। ସୂଚନାଯୋଗ୍ୟ ଯେ ଏପ୍ରିଲ ୨୨ ତାରିଖରେ ହୋଇଥିବା ପହଲଗାମ ଆତଙ୍କବାଦୀ ଅକ୍ରମଣରେ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଏହି ଆକ୍ରମଣରେ ୫ରୁ ୭ ଜଣ ଆତଙ୍କବାଦୀ ସାମିଲ ଥିବା କୁହାଯାଉଛି।

## ଇସିଙ୍କ ଉପରେ...

ପ୍ରମାଣପତ୍ର ଚୂଡ଼ାନ୍ତ ନୁହେଁ, ତେବେ ସମାନ ଯୁକ୍ତି ଆଧାର ଏବଂ ଇପିଆଇସି ପାଇଁ ପ୍ରଯୁଜ୍ୟ ହୋଇପାରିବ। ଖଣ୍ଡପୀଠ ପଚାରି ଥିଲେ ଯେ ଯଦି ଗ୍ରହଣ କରାଯାଇଥିବା ଅନ୍ୟ ୧୦ ପ୍ରମାଣପତ୍ର କାଲି ଜାଲ ବୋଲି ଜଣାପଡେ ତେବେ ତାହାର ସୁଧାର କରିବା ପାଇଁ କି ବ୍ୟବସ୍ଥା ଆପଣା ଯାଇଛି। ଏହି ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ବ୍ୟକ୍ତିଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିବାକୁ ମଧ୍ୟ କୋର୍ଟ କହିଛନ୍ତି। ଏହି ପ୍ରକ୍ରିୟା ଉପରେ ରୋକ୍ ଲାଗଇବାକୁ ମନା କରିଦେଇ କୋର୍ଟ କହିଲେ ଯେ ଆବଶ୍ୟକ ପଡ଼ିଲେ କୋର୍ଟ ହସ୍ତକ୍ଷେପ କରିପାରିବେ ଏବଂ ପ୍ରମାଣ ମିଳିଲେ ଏହି ସଂଶୋଧନ ପ୍ରକ୍ରିୟାକୁ ରଦ୍ଦ ମଧ୍ୟ କରାଯାଇପାରିବ।

## ବିରୋଧୀ-ଶାସକ...

ଆଡ୍ଡାକୁ ଟାର୍ଗେଟ କରାଯାଇଥିଲା ଏବଂ ୭ଟିକୁ ସଂପୂର୍ଣ୍ଣ ରୂପେ ଧ୍ୱଂସ କରି ଦିଆଯାଇଛି। ୪ ଦିନ ଧରି ଚାଲିଥିବା ଏହି କାର୍ଯ୍ୟାନୁଷ୍ଠାନ କାହାରି ଚାପରେ ବନ୍ଦ ହୋଇନଥିଲା। ଭାରତୀୟ ସେନା ଏହାର ଲକ୍ଷ୍ୟ ହାସଲ କରିବା ପରେ କାର୍ଯ୍ୟାନୁଷ୍ଠାନ ବନ୍ଦ କରିଥିଲା। ପାକିସ୍ତାନ ଯଦି ଭବିଷ୍ୟତରେ ପୁଣି ଆତଙ୍କବାଦୀ ଆକ୍ରମଣ କରେ ଅପରେସନ ସିନ୍ଦୂର ମାଧ୍ୟମରେ ପୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଭାରତୀୟ ସେନା। ଏହି ଅବସରରେ ସେ କହିଥିଲେ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଏବଂ ଅନ୍ୟ ଦୁଇ ଜଣ ଆତଙ୍କବାଦୀଙ୍କୁ ନିରାପତ୍ତା ବାହିନୀର ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ (ଅପରେସନ ମହାଦେବ)ରେ ସଫା କରିଦିଆଯାଇଛି। ଭାରତୀୟ ସେନାର ମନୋବଳକୁ ଦୁର୍ବଳ କଲା ଭଳି ପ୍ରଶ୍ନ କରୁଥିବାରୁ ସେ ବିରୋଧୀ ଦଳଙ୍କର ତୀବ୍ର ସମାଲୋଚନା କରିଥିଲେ।

ବିରୋଧୀ ଦଳ ପକ୍ଷରୁ ଆଲୋଚନା ଆରମ୍ଭ କରି କଂଗ୍ରେସ ସାଂସଦ ଗୌରବ ଗୋଗୋଇ କହିଲେ ଯେ ପହଲଗାମ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ସଂପର୍କରେ ବିଭ୍ରାନ୍ତି ସୃଷ୍ଟି କରାଯାଇଛି। ସତ କଣ ଜଣାପଡୁନାହିଁ। ତେଣୁ ଦେଶବାସୀ ସତ କଣ ତାହା ଜାଣିବାକୁ ଚାହୁଁଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ରୋକିବାର ବିଫଳ ହୋଇଥିବା ସରକାର ଗୁଇନ୍ଦା ସଂସ୍ଥାକୁ ଦୋଷ ଦେଉଛନ୍ତି। ଦେଶରେ ହିଂସା ଏବଂ ଅସ୍ଥିରତା ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର କରିଥିବା ଆତଙ୍କବାଦୀ ପହଲଗାମରେ କେମିତି ଆକ୍ରମଣ କଲେ ଏବଂ ସରକାର ଏହି ଆକ୍ରମଣକୁ ରୋକିବାରେ କାହିଁକି ବିଫଳ ହେଲେ। ଅପରେସନ ସିନ୍ଦୂରରେ ୫-୬ଟା ଜେଟ୍ ବିମାନ ଖସିଛି ବୋଲି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ କହୁଛନ୍ତି। ପୁଣି ଇଣ୍ଡୋନେସିଆରେ ଭାରତର ପ୍ରତିରକ୍ଷା ଅଧିକାରୀ ମଧ୍ୟ କହୁଛନ୍ତି ଯେ ଭାରତ ଏହି କାର୍ଯ୍ୟାନୁଷ୍ଠାନରେ କିଛି ଜେଟ୍ ହରାଇଛି। ସେ କହିଥିଲେ ଯେ ପାକିସ୍ତାନରେ କେବଳ ଆତଙ୍କବାଦୀ ଆଡ୍ଡାକୁ ଆକ୍ରମଣ କରିବା ଲାଗି ଭାରତ ସରକାର ନିର୍ଦ୍ଦେଶ ଦେଇଥିବାରୁ ଭାରତୀୟ ସେନାକୁ ପ୍ରାରମ୍ଭରେ କିଛି କ୍ଷତି ସହିବାକୁ ପଡ଼ିଲା। ତେଣୁ ସତ କଥା କଣ ତାହା ଭାରତ ସରକାର ସ୍ପଷ୍ଟ କରନ୍ତୁ ବୋଲି ଗୋଗୋଇ ଦାବି କରିଥିଲେ।

ଟ୍ରମ୍ପଙ୍କ ମଧ୍ୟସ୍ଥତା ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦେବାକୁ ଯାଇ ବୈଦେଶିକ ମନ୍ତ୍ରୀ ଜୟଶଙ୍କର କହିଲେ ଯେ ଆମେରିକା ସହିତ ଆଲୋଚନା ବେଳେ କୌଣସି ସମୟରେ ବାଣିଜ୍ୟ ଓ ଅପରେସନ ସିନ୍ଦୂର ସଂପର୍କରେ ଆଲୋଚନା ହୋଇନାହିଁ। ତେଣୁ ବାଣିଜ୍ୟ ଆଲୋଚନା ସହିତ ଅପରେସନ ସିନ୍ଦୂରର କୌଣସି ସଂପର୍କ ନାହିଁ। ଦ୍ୱିତୀୟ କଥା ହେଲା ଯେ ଏପ୍ରିଲ ୨୨ରୁ ଜୁନ୍ ୧୭ ମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ କୌଣସି କଥାବାର୍ତ୍ତା ହୋଇନାହିଁ। ତେଣୁ ଟ୍ରମ୍ପଙ୍କ ଚାପ କି ମଧ୍ୟସ୍ଥତାରେ ଅପରେସନ ସିନ୍ଦୂର ବନ୍ଦ ହେଲା ବୋଲି ଯାହା କୁହାଯାଉଛି, ତାହା ଠିକ୍ ନୁହେଁ।

ଅପରେସନ ସିନ୍ଦୂର ସହିତ ବାଣିଜ୍ୟ କଥାବାର୍ତ୍ତାର କୌଣସି ସଂପର୍କ ନାହିଁ ବୋଲି ଜୟଶଙ୍କରଙ୍କ ମନ୍ତବ୍ୟ ନେଇ ବିରୋଧୀ ଅସନ୍ତୋଷ ପ୍ରକାଶ କରିବା ସହିତ ହୋହାଲ୍ଲା କରିବାରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଲେ, ଯାହା ଲାଗୁଛି ଆମ ବୈଦେଶିକ ମନ୍ତ୍ରୀଙ୍କ କଥାରେ ବିରୋଧୀ ବିଶ୍ୱାସ କରୁ ନାହାନ୍ତି। ସେମାନେ ଅନ୍ୟ ଦେଶର କଥାକୁ ବିଶ୍ୱାସ କରୁଛନ୍ତି। ସେ କହିଲେ ଯେ ବିଦେଶକୁ ନେଇ ବିରୋଧୀ ଦଳରେ କିଛି ମଜବୁରି ରହିଛି। କିନ୍ତୁ ଦଳର ଏହି ମଜବୁରିକୁ ଗୃହ ଉପରେ ଲଦି ଦିଆଯିବା ଠିକ୍ ନୁହେଁ। ଏହି ମଜବୁରି ଯୋଗୁଁ ବିରୋଧୀ ଦଳ ସେମିତି ୨୦ ବର୍ଷ ଧରି ବିରୋଧୀ ବେଞ୍ଚରେ ରହିବେ ଏବଂ ଆମେ ଶାସକ ଦଳ ହୋଇ ରହିବୁ।

ଏହାପୂର୍ବରୁ ଆଜି ବିହାର ପ୍ରସଙ୍ଗକୁ ନେଇ ସଂସଦରେ ପୁଣି ହଟ୍ଟଗୋଳ ହୋଇଥିଲା। ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରାଯାଇଥିବା ବେଳେ ଲୋକସଭାକୁ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ଏହାପରେ ପହଲଗାମ ଉପରେ ଆଲୋଚନା ଆରମ୍ଭ ହୋଇଥିଲା।

## ରାଜ୍ୟରେ ବଢ଼ୁଛି...

ଶ୍ରୀ ଭୋଇ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଜଣେ ଚିନ୍ତିତ ଲୋକପ୍ରତିନିଧି ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଭାବେ ବଢ଼ୁଥିବା ସଂଗଠିତ ଅପରାଧ ଏବଂ ଅସାମାଜିକ ଗତିବିଧି ସମ୍ପର୍କରେ ଆପଣଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛି। ଆଇନର ଗଳାବାଟ ଓ ପ୍ରକ୍ରିୟାଗତ ବିଳମ୍ବତାର ସୁଯୋଗ ନେଇ ସେମାନେ ଅପରାଧ ଘଟାଉଥିବା ଉପବାଚସ୍ପତି କ୍ଷୋଭ ପ୍ରକାଶ କରିଛନ୍ତି। ଅତଏବ ଏହି ଆଇନ ପ୍ରଣୟ ହେଲେ ଗ୍ୟାଙ୍ଗ ନେଟ୍‌ୱର୍କଗୁଡ଼ିକୁ ଚିହ୍ନଟ କରିବା ଏବଂ ଏହା ଉପରେ ରୋକ ଲଗାଇବା ଲାଗି ତଦନ୍ତକାରୀ ସଂସ୍ଥାକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିବ। ଅପରାଧୀଙ୍କ ସମ୍ପତ୍ତି ଆଟାଚ୍ କରିବା ଅଭ୍ୟାସଗତ ଅପରାଧୀଙ୍କ ଉପରେ ପ୍ରତିରୋଧ ଲଗାଯାଇପାରିବ ବୋଲି ଉପବାଚସ୍ପତି ଆଶା ପ୍ରକାଶ କରିଛନ୍ତି।

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ଲଗାତାର ଭାବେ ସରକାରଙ୍କୁ ସମାଲୋଚନା କରି ଆସୁଛନ୍ତି। ବିଶେଷକରି ଗତ ବର୍ଷକ ମଧ୍ୟରେ ମହିଳା ବିରୋଧୀ ହିଂସା ଓ ଦୁଷ୍କର୍ମକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ବଦନାମ୍ ହେଲାଣି। ମାତ୍ର ବିରୋଧୀଙ୍କ ସମସ୍ତ ଅଭିଯୋଗକୁ ଶାସକ ଦଳ ଏବଂ ସରକାର ପ୍ରତ୍ୟାଖ୍ୟାନ କରୁଛନ୍ତି। ଏପରିସ୍ଥଳେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ଏକ ଚିଠି ରାଜ୍ୟରେ ହଟଚମଟ ସୃଷ୍ଟି କରିଛି। ରାଜ୍ୟରେ ଯେ ଆଇନଶୃଙ୍ଖଳା ସ୍ଥିତି ରସାତଳକୁ ଗଲାଣି, ନିଜେ ଉପବାଚସ୍ପତି ନିଜ ଚିଠିରେ ପରୋକ୍ଷରେ ପ୍ରକାଶ କରିବା ସହ ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉପବାଚସ୍ପତିଙ୍କ ଉଦ୍‌ବେଗ ସରକାରଙ୍କ ପାଇଁ ଆଇନା ସଦୃଶ୍ୟ ଅଟେ। ସରକାର ତୁରନ୍ତ ବାସ୍ତବତାକୁ ହେଜି ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଏବଂ ଦମନ କରିବା ପାଇଁ କଠୋର ହେବାକୁ ବୁଦ୍ଧିଜୀବୀ ମହଲ ପରାମର୍ଶ ଦେଇଛି।

## ଖସୁଛି ପାଣି...

ଚାରିଟି ବ୍ଲକ ଜଳେଶ୍ୱର, ଭୋଗରାଇ, ବସ୍ତା ଓ ବାଲିଆପାଳ ପ୍ରଭାବିତ ହୋଇଛିି। ଏହାସହିତ ବୈତରଣୀରେ ଜଳସ୍ତର ବଢ଼ିବା ହେତୁ ଭଦ୍ରକର ଧାମନଗର, ତିହିଡ଼ି ଓ ଯାଜପୁରର ଦଶରଥପୁର ବ୍ଲକର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ଆଖୁଆପଦାରେ ବୈତରଣୀ ବିପଦସଂକେତ ତଳକୁ ଆସିବା ପରେ ଧୀରେ ଧୀରେ ସ୍ଥିତିରେ ସାମାନ୍ୟ ସୁଧାର ଆସୁଛି। ମାତ୍ର ସମ୍ପୂର୍ଣ୍ଣ ପାଣି ଛାଡ଼ିବାକୁ ଆହୁରି ପ୍ରାୟ ୪୮ ଘଣ୍ଟା ଲାଗିପାରେ ବୋଲି ଆକଳନ କରାଯାଉଛି।

ରବିବାର ରାତି ୧୧ରେ ବାଲେଶ୍ୱରର ରାଜଘାଟରେ ସୁବର୍ଣ୍ଣରେଖାର ଜଳସ୍ତର ୧୦.୨୭ ମିଟର ପହଁଚିଥିଲା। ଜଳସ୍ତର ହ୍ରାସ ପାଇ ବର୍ତ୍ତମାନ ୯.୮୦ ମିଟର ଅଛି। ରାଜଘାଟରେ ସୁବର୍ଣ୍ଣରେଖାରେ ବିପଦ ସଂକେତ ୧୦.୩୬ ମିଟର ଥିବାବେଳେ ବର୍ତ୍ତମାନ ବିପଦ ସଂକେତ ତଳେ ଜଳ ପ୍ରବାହିତ ହେଉଛି। ସମୁଦ୍ରକୁ ଜଳ ନିଷ୍କାସନ ହେବା ଲାଗି ଦୁଇ ଦିନ ସମୟ ଲାଗିବାକୁ ଥିବାରୁ ଏଠାକାର ଲୋକେ ଆହୁରି ୪୮ ଘଣ୍ଟା ପର୍ଯ୍ୟନ୍ତ ସମସ୍ୟା ଲାଗି ରହିବାର ଆଶଙ୍କା ରହିଛି। ସେହିପରି ଜଳକା ନଦୀର ଜଳସ୍ତର ସତର୍କ ସଂକେତ ପାଖାପାଖି ଅଛି। ବୈତରଣୀର ଜଳସ୍ତର ହ୍ରାସ ପାଇ ଆଖୁଆପଦାରେ ବିପଦସଂକେତ ତଳେ ପ୍ରବାହିତ ହେଉଛି। ତେଣୁ ଭଦ୍ରକ ଓ ଯାଜପୁରର ବିଭିନ୍ନ ଅଞ୍ଚଳରେ ଏବେ ପାଣି କମିବାରେ ଲାଗିଛି।

ଅନ୍ୟପକ୍ଷରେ ବର୍ତ୍ତମାନ ହୀରାକୁଦର ଜଳସ୍ତର ୬୧୫.୨୫ ଫୁଟ ରହିଛି। ହୀରାକୁଦରୁ ୨୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ହୀରାକୁଦ ଜଳଭଣ୍ଡାରକୁ ଉପରମୁଣ୍ଡରୁ ପ୍ରତି ସେକେଣ୍ଡରେ ୩.୧୭ ଲକ୍ଷ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୩.୪୫ ଲକ୍ଷ ଘନଫୁଟ ଜଳ ନିଷ୍କାସନ ହେଉଛି। ସୋମବାର ସନ୍ଧ୍ୟା ସୁଦ୍ଧା କଟକର ମୁଣ୍ଡଳୀରେ ୫.୧୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିଲା। ସେହିପରି ରେଙ୍ଗାଲି ଡ୍ୟାମ୍‌ର ଜଳସ୍ତର ୧୨୧.୯୧ ମିଟର ରହିଥିବା ବେଳେ ଏଠାରେ ତିନିଟି ଗେଟ୍‌ରେ ବ୍ରାହ୍ମଣୀ ନଦୀକୁ ଜଳ ନିଷ୍କାସନ ହେଉଛି।

ବନ୍ୟା ସ୍ଥିତି ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବର୍ତ୍ତମାନ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ର କିଛି ସ୍ଥାନର ଲୋକେ ରିଲଫ କେନ୍ଦ୍ରରେ ଅଛନ୍ତି। ରିଲିଫ କେନ୍ଦ୍ରରେ ଥିବା ଲୋକଙ୍କୁ ରନ୍ଧା ଖାଦ୍ୟ, ଘରେ ଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପାଣି ଛାଡିବା ପରେ କ୍ଷୟକ୍ଷତି ଆକଳନ ଆରମ୍ଭ ହେବ। ଚାଷ ଜମି କ୍ଷୟକ୍ଷତି, ଘର କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ଶକ୍ତି ଓ ଜଳ ସମ୍ପଦ ବିଭାଗର କ୍ଷୟକ୍ଷତି ଆକଳନ କରି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଭରଣା କରିବ। ରିପୋର୍ଟ ଆସିବାର ୨୪ ଘଣ୍ଟା ମଧ୍ୟରେ କ୍ଷତିପୂରଣ ଜିଲ୍ଲା ଓ ବିଭାଗଙ୍କୁ ପଠେଇଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଉଚ୍ଚଶିକ୍ଷା ବିଭାଗରେ...

ଭିଡିଓ ଅପ୍‌ଲୋଡ୍ ହେଲା। ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ଆକାଉଣ୍ଟକୁ ନିଜ ନିୟନ୍ତ୍ରଣକୁ ଅଣାଯାଇଥିଲା। ସମସ୍ତ ଭିଡିଓକୁ ଡିଲିଟ୍ କରିବା ସହ ସହିଦନଗରସ୍ଥିତ ସାଇବର ସିକ୍ୟୁରିଟି ସେଲ୍‌ରେ ଅଭିଯୋଗ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ହ୍ୟାକ୍ ହୋଇଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌କୁ ମଧ୍ୟ ନିୟନ୍ତ୍ରଣାଧୀନ କରାଯାଇଛି। ହେଲେ ପୂର୍ବପରି ୱେବ୍‌ସାଇଟ୍ କାର୍ଯ୍ୟକ୍ଷମ ହୋଇପାରିନି। ମାତ୍ରାଧିକ ଧୀମା ଚାଲୁଥିବାରୁ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ ସମେତ ନାମଲେଖା ପ୍ରକ୍ରିୟା ଜାରି ରହିଥିବାରୁ ଛାତ୍ରଛାତ୍ରୀ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇପାରୁ ନାହାନ୍ତି। ବିଶ୍ୱବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ବହୁ ତଥ୍ୟକୁ ହ୍ୟାକର୍ ନେଇଯାଇଥିବା ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଫଳରେ ବହୁ ଛାତ୍ରଛାତ୍ରୀ ଆଶଙ୍କାରେ ଅଛନ୍ତି। ପୂର୍ବରୁ ମଧ୍ୟ ରେଭେନ୍ସା ୱେବସାଇଟ୍ ହ୍ୟାକ୍ ହୋଇଥିବାବେଳେ ଉଚ୍ଚ କ୍ଷମତାସମ୍ପନ୍ନ 'ବ୍ଲେଡ୍ ସର୍ଭର' ଲଗାଯାଇଥିଲା। ଏହା ସତ୍ତ୍ୱେ ହ୍ୟାକ୍ କରିବାରେ ହ୍ୟାକର୍‌ମାନେ କିପରି ସଫଳ ହେଉଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମହଙ୍ଗା ପଡ଼ିଲା...

ସ୍କୁଟିରେ ଚାଳକଙ୍କୁ ମିଶାଇ ଲଦାଲଦି ହୋଇ ୭ ଜଣ ବସି ରାସ୍ତାରେ ବୁଲୁଥିଲେ। ହାମ ହେ ମାଫିଆ ଗୀତ ଗାଇ ଗାଡି ଚଳାଉଥିଲେ। ଏ ନେଇ ଏକ ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ମଜାମଜାରେ ଭିଡ଼ିଓ କରିବା ପାଇଁ ଗାଡ଼ିରେ ବସିଥିବା ନେଇ ସୂଚନା ମିଳିଛି।

## ୮ ଛାତ୍ରୀଙ୍କୁ...

ହେଉଛି ; ଯାହାକୁ ନେଇ ବିଦ୍ୟାଳୟର ଜନୈକା ଶିକ୍ଷୟିତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ବେତନଟୀ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର ଶିକ୍ଷକ ପ୍ରମୋଦ କୁମାର ମହାନ୍ତଙ୍କୁ ୧୫ ଦିନ ପାଇଁ ଅସ୍ଥାୟୀଭାବେ ନିଲମ୍ବନ କରିଛନ୍ତି। ଏହି ଘଟଣା ପ୍ରଘଟ ହେବା ପରେ ଅଭିଭାବକ ବିଦ୍ୟାଳୟରେ ପହଞ୍ଚି ସମ୍ପୃକ୍ତ ଯୌନ ପିଶାଚ ଶିକ୍ଷକଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ବିଦ୍ୟାଳୟରେ ପାଠପଢୁଥିବା କୋମଳମତି ଛାତ୍ରୀଙ୍କୁ ଶିକ୍ଷାଦାନ ସମୟରେ ଗେହ୍ଲା କରିବା ଆଳରେ ଆପତ୍ତିଜନକ ସ୍ଥାନରେ ହାତ ବୁଲାଉଥିଲେ। ଘରେ ଘଟଣା ବିଷୟରେ ନ କହିବାକୁ ଜଣ ଜଣ କରି ୭/୮ ଜଣ ଛାତ୍ରୀଙ୍କୁ ସେ ମଧ୍ୟ ତାଗିଦ କରୁଥିଲେ। ତେବେ ଜଣେ ଛାତ୍ରୀ ସ୍କୁଲର ଶିକ୍ଷୟିତ୍ରୀଙ୍କୁ ଜଣାଇବା ପରେ ସମସ୍ତ ଘଟଣା ପଦାକୁ ଆସିଥିଲା। ଏପରିକି ଗୋଟି ଗୋଟି ଛାତ୍ରୀକୁ ପଚରାଉଚୁରା କରିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରିବୁଲୁଛି। ଏପରିକି ଜନୈକା ଛାତ୍ରୀଙ୍କ ମା'ବାପାଙ୍କ ସହ ବିଦ୍ୟାଳୟକୁ ଆସି ସମ୍ପୃକ୍ତ ଶିକ୍ଷକଙ୍କୁ ପାଟିତୁଣ୍ଡ କରିବା ପରେ ଶିକ୍ଷକ କାନଧରି ଭୁଲ ମାଗିବା ଦୃଶ୍ୟ ଭାଇରାଲ ହେଉଛି। ତେବେ ଏଭଳି ଏକ ସ୍ପର୍ଶକାତର ଘଟଣାକୁ ନେଇ ଶିକ୍ଷା ବିଭାଗ କେବଳ ଚାକିରିରୁ ନିଲମ୍ବିତ କରି ହାତବାନ୍ଧି ବସିଛି। ଉଲ୍ଲେଖଯୋଗ୍ୟ ଯେ, ଶ୍ରୀ ମହାନ୍ତ ପୂର୍ବରୁ ୨୦୧୮ ମସିହା ନଭେମ୍ବର ୧୪ ତାରିଖରେ ବେତନଟୀ ବ୍ଲକର ଜୈନିକ ବିଦ୍ୟାଳୟରେ ଛାତ୍ରୀଙ୍କ ବିରୋଧରେ ଅସଦାଚରଣ ଅଭିଯୋଗରେ ଗିରଫ ହୋଇଥିଲେ। ଏହା ସତ୍ତ୍ୱେ ତାଙ୍କୁ ପୁନର୍ବାର ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ଏବଂ ସେ ଏକ ନୂତନ ବିଦ୍ୟାଳୟରେ ଅନୁରୂପ ଅପରାଧ କରିଥିବା ଘଟଣା ଶିକ୍ଷା ବିଭାଗର ନିଯୁକ୍ତି ପ୍ରକ୍ରିୟା ଓ ତଦାରଖ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ବିଦ୍ୟାଳୟ କମିଟି ଓ ପ୍ରଧାନଶିକ୍ଷକଙ୍କ ଦ୍ୱାରା ଥାନାରେ ଅଭିଯୋଗ ଦାୟର ନକରିବା ନିଷ୍ପତ୍ତି ଏହି ଘଟଣାରେ ନ୍ୟାୟର ପଥକୁ ଅବରୋଧ କରିଛି, ଯାହା ଅତ୍ୟନ୍ତ ନିନ୍ଦନୀୟ।


**AFFIDAVIT**

I, SHAIKH SHAHABAZ ALI, S/o- Late Shaikh Ansar Ali resident of At: - Jairampur, Po:-Kood, Ps: - Salipur, Dist:-Cuttack Pin- 754221 Odisha declare by this affidavit No.2286 dtd:- 23/07/2025 that now onwards I shall be known as **SHAIKH SHAHBAZ ALI** for all future purposes.

**TO WHOM IT MAY CONCERN**

**Ritarani Patnaik**
**Address not known**

Your flat is canceled as no documents available with us. We contacted your brother, Sh Dhiren Patnaik, regarding registration of sale agreement of his flats, who replyed us that the flats shall be registered when Registration shall be allowed by the Hon'ble Orissa High Court withdrawing the stay on registration. By that time the pending Certificate Case No.23/2025 (under section-6) and Issue No.30 dated 21.03.2025 are issued an order and cease the power for registration by any Director of Mahodadhi Devlopers Pvt Ltd, Bhubaneswar. We are appearing before Hon'ble Court of Sub Collector-cum-Certificate Officer to give 150 days time period to keep our stand. Under the above circumstances, we are forced to refund your deposited money against your flat no.503, fifth floor in Tulasi Vihar, Phase-II, Puri. We are issued any letter to you as we have niether address nor agreement. Hence we communicated through various odia daily to draw your attention and receive your Demand Draft/Cheques from our office with a short period as our office is going to be close.

Managing Director
Mahodadhi Devlopers Pvt Ltd Bhubaneswar

GOVERNMENT OF ODISHA
OFFICE OF THE EXECUTIVE ENGINEER,
PUBLIC HEALTH DIVISION, RAYAGADA.
e-mail: -eephd.rgda.od@od.gov.in,eephdrgda@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO.EEPHDRAYAGADA-14/2025-26 DT.23.07.2025

| Sl No. | Name of the work | Bid Identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Providing power supply to the PHD Elevated Service Reservoir (ESR) and underground reservoir (UGR) at Seriguda of Rayagada Municipality under ESO No-I in connection to the Project Work "Improvement of Water Supply to Seriguda area of Rayagada Municipality under state plan BASUDHA for the year 2023-24. | EEPHDRAYAGADA-14/2025-26 Dtd.23.07.2025 | 13.95 | HT License | 02 (Two Months) | 01.08.2025 (11.00 Hr) | 11.08.2025 (17.00 Hr) |

Name & Address of Officer Inviting Bid: Executive Engineer, P.H. Division, Rayagada.
Email: eephd.rgda.od@od.gov.in, eephdrgda@gmail.com
- Further details can be seen from the e-Procurement portal "https://www.tendersorissa.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

Sd/- Executive Engineer
P.H. Division, Rayagada
C-744 OIPR - 13052/11/0030/2526

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ଏହାପରେ ସରଫେଶୀ ଆକ୍ଟ, ୨୦୦୨ କୁହାଯିବ) (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ୍ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ **ସାଙ୍କେତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ମହାନଦୀ ବିହାର ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଷ୍ଟୁଡିଓ ୭୮୬, ସ୍ୱତ୍ତ୍ୱାଧିକାରୀ: ମହମ୍ମଦ ଅବଦୁଲ ରହିମ୍ / ଗ୍ୟାରେଣ୍ଟିଦାତା: ମହମ୍ମଦ ୟୁସୁଫ୍,** ଉଭୟଙ୍କ ଠିକଣା- ସା: ସରସ୍ୱତୀ ଭବନ, ଚାନ୍ଦିନୀ ଚୌକ, ନିମଚୌଡ଼ି, କଟକ-୭୫୩୦୦୨ | ମହମ୍ମଦ ୟୁସୁଫ୍‌ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ: ନୟାସଡକ, ଚାନ୍ଦିନୀ ଚୌକ, | ତା.୧୩.୦୫.୨୦୨୫ରିଖ ସୁଦ୍ଧା ଟ.୧୪,୪୧,୦୨୧.୯୦ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୩.୦୫.୨୦୨୫ / ୨୨.୦୭.୨୦୨୫ |
| ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: କଟକ, ସବ୍-ଡିଷ୍ଟ୍ରିକ୍ଟ: କଟକ ସଦର, ଖାତା ନଂ.: ୬୦୧/୨୦୪, ପ୍ଲଟ୍ ନଂ.: ୧୬୮୮ ଏବଂ ୧୬୮୭, ନୟାସଡକ ଚାନ୍ଦିନୀ ଚୌକ ୟୁନିଟ୍-୧୪, କଟକ ସଦର, କଟକ, ପରିମିତ କ୍ଷେତ୍ର: ୭୮୪ ବର୍ଗଫୁଟ ସହିତ ସେଥିରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର କ୍ଷେତ୍ର: ୭୮୪ ବର୍ଗଫୁଟ ସହିତ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା ଏବଂ ଲାଲା ରଜନୀକାନ୍ତଙ୍କ ପ୍ଲଟ୍, ପଶ୍ଚିମ: ଅହେମଦ ବକ୍ସଙ୍କ ପ୍ଲଟ୍, ଉତ୍ତର: ରାସ୍ତା, ଦକ୍ଷିଣ: ହବି ବକ୍ସ | | | |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୮.୦୭.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**

**AFFIDAVIT**

I Raghubir Kaur, W/o-Sohan Singh Pabla, Resident of Plot No JJ-5, Civil Township, PO-Rourkela-4 PS - Raghunathpalli, Dist-Sundargarh Pin-769004,Odisha,declare vide this affidavit no 74AA 297198 dated 28.07.2025, that in my daughter Baljinder Kaur educational certificates my name is mentioned as Ragbir Kaur instead of my actual name and both names are one and the same person that is myself. Henceforth I shall be know as **RAGHUBIR KAUR** for all purposes.

**AFFIDAVIT**

By virtue of an affidavit before Executive Magistrate, Bissam Cuttack bearing affidavit no.- 1074/25 dtd.14.7.2025, I Sri Ramesh Nag, S/o- Kantaru Nag resident of Vill.- Bhatapur, Po.- Bhatapur, Ps.- Bissam Cuttack, Dist.- Rayagada, declare that, actual name of my son is **RITIK KISAN NAG** but in his Aadhar card his name has been wrongly mentioned as RITIK ROSHAN NAG. Both the names **RITIK ROSHAN NAG** and **RITIK KISAN NAG** are of one and same person for his Aadhar and all purposes.
Sd/- Ramesh Nag

**AFFIDAVIT**

By virtue of an affidavit sworn before Notary Public Titilagarh, dated 23.07.2025. I, Brundabati Meher, Address At/Po- Jogimunda, Ps- Patnagarh, Dist- Balangir, Odisha, Pin- 767027 declare that I have changed my name from **Sunaphul Meher** to **Brundabati Meher**. Henceforth, I shall be known as **Brundabati Meher** for all purposes.
Brundabati Meher

**AFFIDAVIT**

By virtue of an affidavit sworn before Notary Public Titilagarh, dated 28.07.2025 I, Doupadi Bagartti, Adress At- Balpadar, Po- Bankel, Ps- Titilagarh, Dist- Balangir, Odisha, Pin- 767037 declare that I have changed my daughter's name from **Chhaya Bagarty** to **Barsa Bagarty.** Henceforth, she shall be known as **Barsa Bagarty** for all purposes.
Doupadi Bagartti

**AFFIDAVIT**

I, Sonali Sahu, aged 39 years, W/o- Alok Kumar Sahoo, resident of At- Janardhanpur Sasan, Po- Atopur, Kendujhar Town, Dist- Keonjhar, Odisha, Pin- 758001 declared by this affidavit No-607, dtd- 26/07/2025 that now onwards I shall be known as **SONALI SAHOO** for all future purposes.

**AFFIDAVIT**

I, Prasanta Kumar Behera, aged 36 years, S/o- Late Bhaskar Behera, resident of At- Karabalua, Po- Chikiti Pentho, Ps- K.Nuagam, Dist- Ganjam, Odisha, Pin- 761010 declared by this affidavit No-A-1457, dtd- 13/07/2025 that now onwards I shall be known as **PRASHANTA KUMAR BEHERA** for all future purposes.

**Notice (for Minor)**

By Virtue of an affidavit sworn before Executive, Magistrate, Badasahi, Mayurbhanj, Dated 28.07.2025. I, Sanjib Kumar Dey, address At-Tunagambharia Po-Kuradiha Ps-Badasahi Dist-Mayurbhanj State-Odisha Pin-757017 declare that I Have changed the name of my Daughter from **Tapaswa Dey** to **Tapasya Dey**. Henceforth, she shall be known as Tapasya Dey for all purposes.
**Sanjib Kumar Dey**

**AFFIDAVIT**

I, Soudamini Sahoo, aged 41 years, W/o- Pradeepta Kishore Sahoo, resident of At/Po- Banamalipur, Ps- Balipatna, Dist-Khordha, Odisha, Pin-752103 declared by this affidavit No. CF-72, dtd- 18/06/2025 that now onwards I shall be known as **SAUDAMINI SAHOO** for all future purposes.

**AFFIDAVIT**

I, Narendra Nath Patra, S/o- Late Surat Patra, resident of Village- Khanta, Po- Badamtalia, Ps- Rairangpur Rural, Dist- Mayurbhanj Odisha declare by this affidavit No-18, dated. 04.07.2025 that now onwards I, shall be known as **Narendra Kumar Patra** for all future purposes.

**AFFIDAVIT**

I Mobassrin Mahnaz, W/o- MD Junaid Alam, Resident of At - Nala Road Plant Site , PO /PS - Rourkela, Dist - Sundargarh, Pin- 769001,Odisha,declare by this affidavit No. 91 dated 23.07.2025 that now onwards I shall be known as **MOBASSERIN MAHNAZ** for all future purposes

**AFFIDAVIT**

I, Deepali Nayak, aged 41 years, D/o- Trinath Parida, resident of Gundar, Karanga, Dist- Cuttack, Odisha, Pin- 754004 declared by this affidavit No-606, dtd- 26/07/2025 that now onwards I shall be known as **DIPALI NAYAK** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 28/07/2025. I, **Gopinath Sahu,** aged about 43 years, S/O- Laxmidhar Sahu, Permanent resident of AT- Bankel, PO- Karla, PS- Muribahal, Dist- Balangir, (Odisha), PIN- 767037, now residing at the same place affirm that I have changed my minor son's name from **Josoanta Sahu** (old name) to **Jashobanta Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Jashobanta Sahu** (new name).
**Gopinath Sahu**

**AFFIDAVIT**

I, Gopikrishna Rath, S/o- Tankadhar Rath, resident of At/Po- Bheden, Ps- Bheden, Dist- Baragarh, Odisha, Pin- 768164, declared by this affidavit No. 608, dtd- 27/07/2025 that now onwards I shall be known as **GOPIKRUSHNA RATH** for all future purposes.

**AFFIDAVIT**

I, Badakulu Ada Patra, aged about 36 years, S/o- Badakulu Chandru Patra, resident of At- Sasanapalli, Po- Jagannathpur, Dist- Ganjam, Pin- 761003, Odisha declare by this affidavit No. 1481, dtd. 28/07/2025, that now onwards I shall be known as **BADAKULU ADIADA PATRA** for all future purposes.

**Notice (For Minor)**

By virtue of an affidavit sworn before The Executive Magistrate, Titilagarh, dated- 28/07/2025. I, **Banamali Bagarty,** Address: At/P.O./P.S. Titilagarh (High School Pada), Dist- Bolangir, (Odisha), PIN- 767033 declare that I have changed the name of my daughter from **Shrutirekha Bagarty** to **Shruti Rekha Bagarty.** Henceforth, she shall be known as **Shruti Rekha Bagarty** for all purposes.
**(Banamali Bagarty)**

**AFFIDAVIT**

I, Abhay Kumar Sahoo, S/o- Maheswara Sahoo, resident of Vill- Sirasta, PO- Srichandanpur, PS- Tirtol, Dist- Jagatsinghpur, PIN- 754137, Odisha declared by this affidavit No. 5165, dtd- 14/07/2025 that now onwards I shall be known as **ABHAYA KUMAR SAHOO** for all future purposes.

## କିଷାନ ମହାବିଦ୍ୟାଳୟରେ ବନ ମହୋତ୍ସବ



ଭେଡେନ,୨୮।୭(ସମିସ): ଭେଡେନ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା ଓ ବରଗଡ଼ ସତ୍ୟସାଇ ସେବା ସଂସ୍ଥାର ମିଳିତ ଆନୁକୂଲ୍ୟରେ ବନ ମହୋସହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଳା ସାହୁଙ୍କ ତତ୍ତ୍ୱାବଧାନରେ ଜାତୀୟ ସେବା ଯୋଜନାର ସମ୍ପାଦକ ଅଧ୍ୟାପକ ଭୀଷ୍ମଦେବ ପଧାନ, ଅଧ୍ୟାପିକା କଳ୍ପନା ଝଙ୍କାର, ଯୁବ ରେଡକ୍ରସ ସଂସ୍ଥାର ସଂଯୋଜକ ଅଧ୍ୟାପକ ବିନୋଦ ବିହାରୀ ଭୋଇ, ବରଗଡ଼ ସତ୍ୟସାଇ ସେବା ସଂସ୍ଥାର ରମାକାନ୍ତ ସାହୁ, କାଁହୁଚରଣ ଦାଶ, ରୋହନ ବରାଇ ଯୋଗ ଦେଇଥିଲେ। ଅତିଥିମାନେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଥିଲେ।

## ଭଟଲି ଥାନାରେ ଚାରାରୋପଣ



ବରଗଡ଼,୨୮।୭(ସମିସ): ପରିବେଶ ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଉଛନ୍ତି। ଏହି ଅବସରରେ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାଇ ମିନାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭଟଲି ଥାନାଧିକାରୀ ବିଭୁତି ଭୂଷଣ ଦଳେଇଙ୍କ ଉପସ୍ଥିତିରେ ସୋମବାର ଭଟଲି ଥାନା ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭଟଲି ବନାଞ୍ଚଳ ଅଧିକାରୀ ସୁବୋଧ ସାହୁ ବିଭିନ୍ନ କିସମର ଚାରା ଯୋଗାଇ ଦେଇଥିଲେ। ନୂଆଁପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହଯୋଗରେ ଥାନା ପରିସରରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଭଟଲି ଥାନାର ସମସ୍ତ କର୍ମଚାରୀ, ବନ ବିଭାଗର ସମସ୍ତ କର୍ମଚାରୀ ତଥା ନୂଆଁପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଚାରାରୋପଣ କରିଥିଲେ। ଶେଷରେ ଭଟଲି ଥାନାଧିକାରୀ ଶ୍ରୀ ଦଳେଇ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

# ସବୁଠି ଚାଷୀ ପଞ୍ଜୀକରଣ ନୂତନ ନିୟମ ବିରୋଧରେ ସ୍ୱର

ବରଗଡ଼,୨୮।୭(ସମିସ)



- ଦାନା ବାନ୍ଧୁଛି ବଡ଼ଧରଣର ଆନ୍ଦୋଳନ
- ନୂତନ ପଞ୍ଜୀକରଣ ବ୍ୟବସ୍ଥା ତୁରନ୍ତ ବନ୍ଦ କରନ୍ତୁ- ସଂଯୁକ୍ତ କୃଷକ ସଂଗଠନ

ଚଳିତ ଖରିଫ ଧାନ ବିକ୍ରି ପଞ୍ଜୀକରଣ ଗତ ୧୯ ଜୁଲାଇରୁ ଆରମ୍ଭ ହୋଇ ୨୮ ତାରିଖ ମଧ୍ୟରେ ମାତ୍ର ୧ ଲକ୍ଷ ୪୯ ହଜାର ଚାଷି ପଞ୍ଜୀକୃତ ହୋଇଛନ୍ତି। ଗତ ବର୍ଷ ୧୯ ଲକ୍ଷ ଚାଷୀ ପଞ୍ଜୀକରଣ କରାଇଥିଲେ ହେଲେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ, ୪୯ ହଜାର ୫୫୬ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେହିପରି ବରଗଡ଼ରେ ମଧ୍ୟ ସମାନ ସ୍ଥିତି ଗତ ବର୍ଷ ୧ ଲକ୍ଷ ୫୨ ହଜାର ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଚଳିତ ବର୍ଷ ମାତ୍ର ୪୭୨୦ ଜଣ ପଞ୍ଜୀକୃତ ହୋଇଛନ୍ତି। ଏପରିକି ଗୋଟିଏ ଗୋଟିଏ ସୋସାଇଟିରେ ଜଣେ ଦୁଇ ଜଣ ଚାଷୀ ପଞ୍ଜୀକରଣ କରିପାରିଛନ୍ତି। ଆଉ ମାତ୍ର ୨୦ ଦିନ ବାକି ଅଛି। ଏତେ କମ୍ ସମୟ ମଧ୍ୟରେ କେମିତି ସମସ୍ତ ଚାଷୀ ପଞ୍ଜୀକୃତ ହୋଇପାରିବେ ବୋଲି ବରଗଡ଼ ଜିଲ୍ଲାର ସଂଯୁକ୍ତ କୃଷକ ସଂଗଠନ ଏବଂ ସଦସ୍ୟ ସଂଗଠନ ମାନେ ପ୍ରାୟ ୪୧ଟି ସୋସାଇଟିରେ ଦାବିପତ୍ର ଦେଇ ଅସନ୍ତୋଷ ଜଣାଇଛନ୍ତି।

ସରକାରଙ୍କ ନୂତନ ଧାନ ବିକ୍ରି ପଞ୍ଜୀକରଣ ନିର୍ଦ୍ଦେଶାବଳୀ ଅନୁସାରେ ନିଜର କିମ୍ବା ବଂଶୀୟ ଜମି ଭାଗ ନେଇ ଧାନ ଚାଷ କରୁଥିବା ଏବଂ ପାକ୍ସରୁ ଋଣ ନେଇଥିବା ସମସ୍ତ ଚାଷୀ ନୂତନ ଭାବେ ପଞ୍ଜୀକୃତ ହେବେ। ଆବଶ୍ୟକ କାଗଜପତ୍ର, ଜମିର ଖତିୟାନ, ମାଲିକର ଫଟୋ, ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ ଏବଂ ନିଜ ନାଁରେ ଜମି ନ ଥିଲେ ରେକର୍ଡଧାରୀଙ୍କ ଠାରୁ ସହମତି ପତ୍ର ଦେବେ। ରେକର୍ଡଧାରୀଙ୍କ ମୃତ୍ୟୁ ହୋଇଥିଲେ, ରାଜସ୍ୱ ନିରୀକ୍ଷକଙ୍କ ଠାରୁ ବଂଶାବଳୀ ଆଣିବାକୁ ହେବ। ବଂଶାବଳୀରେ ବଂଶର ସମସ୍ତ ପୁରୁଷ ମହିଳା ସମାନ ଭାବେ ଜମିର ହକଦାର ହେବେ ଏବଂ ସମସ୍ତେ ଧାନକାର୍ଡ କରିପାରିବେ। ଯଦି ଚାଷ କରୁଥିବ ଚାଷୀ ନିଜ ନାମରେ ସମସ୍ତ ଜମିର ଧାନକାର୍ଡ ତିଆରି କାରିବାକୁ ଚାହିଁବ ତେବେ ସେ ସମସ୍ତ ବଂଶାନୁକ୍ରମିକ ସତ୍ତ୍ୱଧାରୀଙ୍କ ଲିଖିତ ସହମତି ହେଲା ପରେ ଧାନକାର୍ଡ ତିଆରି କରିପାରିବ। କିନ୍ତୁ ସେଥିପାଇଁ ସମସ୍ତ ସତ୍ତ୍ୱଧାରୀମାନଙ୍କୁ ସୋସାଇଟିକୁ ଆଣି ଉପସ୍ଥିତ କରିବାକୁ ହେବ। ସମସ୍ତଙ୍କ ଇ-କେୱାସି କରି ସମସ୍ତଙ୍କ ସହମତି ପତ୍ର ଦେବାକୁ ପଡିବ। ପ୍ରତ୍ୟେକ ପ୍ଲଟ ଅନଲାଇନ ହେବ। ସେହି ସମୟରେ ଫୋନକୁ ଓଟିପି ଆସିବ ତାହାକୁ ଗ୍ରହଣ କଲେ ଯାଇ ଧାନକାର୍ଡ ପଞ୍ଜୀକରଣ ହୋଇପାରିବ। ଗୋଟିଏ ପଞ୍ଜୀକରଣ ପାଇଁ ଅଧଘଣ୍ଟାରୁ ଅଧିକ ସମୟ ଲାଗୁଛି। ଏଣୁ ସମସ୍ତଙ୍କୁ ଏକତ୍ରିତ କରିବା ଅସମ୍ଭବ ପ୍ରାୟ। ଗୋଟିଏ ମାସ ଅବଧି ମଧ୍ୟରେ ଚାଷୀଙ୍କୁ ଏ ସମସ୍ତ ପ୍ରକ୍ରିୟା କରିବାକୁ ହେବ ନଚେତ ଧାନ ବିକ୍ରି ପାଇଁ ପୁଞ୍ଜିକୃତ ହୋଇପାରିବ ନାହିଁ। ସେପଟେ ଫସଲ ସମୟ ପାଇଁ ଚାଷୀ ପାଖେ ଏବେ ସମୟ ନାହିଁ। ଅନ୍ୟପଟେ ଓଡ଼ିଶାର ସର୍ବାଧିକ ଚାଷୀଙ୍କ ଯୌଥ ଜମିପଟ୍ଟା ଥିବାରୁ ସରକାରଙ୍କ ନୂତନ ନୀତି ପାଇଁ ସେମାନେ ଆପେ ଆପେ ଧାନ ବିକ୍ରିରୁ ବଞ୍ଚିତ ହେବେ। ଯାହାର ପ୍ରଭାବ କୃଷି ଅର୍ଥନୀତି ଓ କୃଷକ ସମାଜ ଉପରେ ଗଭୀର ଭାବେ ପ୍ରଭାବ ପଡିବ। ଦଲାଲଙ୍କ ପ୍ରାଦୁର୍ଭାବ ବଢ଼ିବା ସହ ଚାଷୀ ଧାନ ଅଭାବି ବିକ୍ରିର ସମ୍ମୁଖୀନ ହେବା ସହିତ ହତାଶ ହୋଇ ଚାଷକାର୍ଯ୍ୟ ଛାଡିବେ। ଅଞ୍ଚଳର ୮୦/୯୦ ପ୍ରତିଶତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ।

ଏଣୁ ନୂତନ ନିୟମ ଦ୍ୱାରା ପ୍ରକୃତ ଚାଷୀ ଯେମିତି ବଞ୍ଚିତ ନ ହେଉ, ସମସ୍ତ ଚାଷୀ ସରଳ ଓ ସହଜ ପ୍ରଣାଳୀରେ ପଞ୍ଜୀକୃତ କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି। ତୁରନ୍ତ ଏହି ଜଟିଳ ବ୍ୟବସ୍ଥାକୁ ବନ୍ଦ ନ କଲେ ଯେକୌଣସି ମୁହୂର୍ତ୍ତରେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଘୋଷଣା କରିଛନ୍ତି। ଏହି ଅବସରରେ ଝାରବନ୍ଧ, ଲହୁଦିଦରହା, ଲଖମରା, ପଳସଦା, ପଦ୍ମପୁର, ବରିକେଲ, ବୁଡେନ, ଦହିଗାଁ, ଜମଲା, କନ୍ ସିଂହା, ଗାଇସିଲଟ, କୁଣ୍ଡାଖାଇ, ଡାଙ୍ଗବାହାଲ, ବିଜେପୁର, ଏମ ଶ୍ରୀଗୀଡା, ମେଲଛାମୁଣ୍ଡା, ସନିମାଲ, ଘେଁସ, ସରକାଣ୍ଡ, ବରପାଲି, ଆଗଲପୁର, ସତଲମା, କୁମ୍ଭାରୀ, କଟାପାଲି, ଚଡେଇଗାଁ, ଉର୍ଦ୍ଦୁନା, କେସେଇପାଲି, ଭଟଲି, ଭୁକ୍ତା, କଣ୍ଡପଳା, ଲଖନପୁର, ଅଡଗାଁ, କଟାପାଲି, ଗୋବିନ୍ଦପୁର, ସରସରା, ତୋରା, ସିଆଲଖଣ୍ଡହତା, ରକ୍ସୁଡା, ରେମଣ୍ଡା, ସଂକୀର୍ଡା, ଭେଡେନ ମୋଟ ୪୧ଟି ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ମାନଙ୍କୁ ଜଣାଇ ଦିଆଯାଇଛି।

## ନୂତନ ପଞ୍ଜୀକରଣ ନୀତିକୁ ବିରୋଧ



ଭେଡେନ: ଭେଡେନ ବ୍ଲକ୍ ସଂଯୁକ୍ତ କୃଷକ ସଙ୍ଗଠନ ସରକାରଙ୍କ ଧାନକାର୍ଡ ପଞ୍ଜୀକରଣ ନୂତନ ନୀତିକୁ ବିରୋଧ କରି ଭେଡେନ ବ୍ଲକ୍‌ରେ ଥିବା ବିଭିନ୍ନ ପାକ୍ସ ଭେଡେନ, ରେମଣ୍ଡା, ସିଆଲଖଣ୍ଡହତା, ରକ୍ସୁଡାର ସମ୍ପାଦକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କୃଷକ ସଙ୍ଗଠନର ସମସ୍ତ ସଦସ୍ୟ ତଥା ଅଞ୍ଚଳର ଚାଷୀ ବ୍ଲକ୍ ସ୍ଥିତ ରକ୍ସୁଡା, ଭେଡେନ, ରେମଣ୍ଡା, ସିଆଲଖଣ୍ଡହତା ପାକ୍ସ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସରକାର ଅତି ଗମ୍ଭୀରତା ସହିତ ବିଚାର କରି ସମସ୍ତ ଚାଷୀ ଯେମିତି ପଞ୍ଜୀକୃତ ହୋଇ ପାରିବେ ସେଦିଗରେ ପଦକ୍ଷେପ ନେବା ପାଇଁ ଅଞ୍ଚଳର ଚାଷୀ ପ୍ରକାଶ କରିଛନ୍ତି। ସରକାରଙ୍କ ନୂତନ ନୀତି ନିୟମ ଚାଷୀ ମାରଣ ନୀତି ବୋଲି ଅଞ୍ଚଳର ଚାଷୀ କହିବା ସହ ଏହାକୁ ବନ୍ଦ କରାଯାଉ ବୋଲି ଦାବି କରିଛନ୍ତି। ଭେଡେନ ବ୍ଲକ୍ ସଂଯୁକ୍ତ କୃଷକ ସଙ୍ଗଠନର ଉତ୍ପଳ ଭୋଇ, ନରେନ୍ଦ୍ର ଭୋଇ, ସୁଦାମ ପାତ୍ର, ହରିଶଙ୍କର ବେହେରା, ଆନନ୍ଦ ସୁନା, ସୁରେନ୍ଦ୍ର କର୍ମୀଙ୍କ ସମେତ ଭେଡେନ ବ୍ଲକ୍ ଶତାଧିକ ଚାଷୀ ସମସ୍ତ ପାକ୍ସ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ।

## ଜଟିଳତା ସମାଧାନ ପାଇଁ ଦାବିପତ୍ର

ପଦ୍ମପୁର: ପଦ୍ମପୁର ଅଞ୍ଚଳର ବିଭିନ୍ନ ଗାଁର ଚାଷୀ ଧାନକାର୍ଡ ତିଆରି ଜଟିଳତାର ସମାଧାନ ପାଇଁ ସମସ୍ତ ପାକ୍ସକୁ ଦାବିପତ୍ର ପ୍ରଦାନ କରିଛନ୍ତି। ନୂତନ ନିୟମ ଦ୍ୱାରା ପ୍ରକୃତ ଚାଷୀ ଯେମିତି ବଞ୍ଚିତ ନ ହେଉ, ସମସ୍ତ ଚାଷୀ ସରଳ ଓ ସହଜ ପ୍ରଣାଳୀରେ ପଞ୍ଜୀକୃତ କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି।




## 'ଧାନ ବିକ୍ରି ପ୍ରକ୍ରିୟା ସରଳ କରାଯାଉ'



ବିଜେପୁର: ଧାନ ବିକ୍ରି ପ୍ରକ୍ରିୟା ସରଳୀକରଣ ପାଇଁ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଏମ-ଶ୍ରୀଗିଡା ସମବାୟ ସମିତି ଅଧୀନର ବିଭିନ୍ନ ଗାଁର କୃଷକ ଦାବି କରିଛନ୍ତି। ନୂତନ ନିୟମରେ ପ୍ରକୃତ ଚାଷୀ ଯେମିତି ବଞ୍ଚିତ ନ ହେବେ ଏବଂ ସମସ୍ତ ଚାଷୀ ସରଳ ଓ ସହଜ ପ୍ରଣାଳୀରେ ପଞ୍ଜୀକୃତ କରିପାରିବେ ସେଥିପାଇଁ ଚାଷୀ ସମବାୟ ସମିତି ଜରିଆରେ ଦାବି କରିଛନ୍ତି। ବହୁ ସଂଖ୍ୟାରେ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ କ୍ଷୀରୋଦ ସାହୁ, ଶିବ ସାହୁ, ଗଣନାଥ ପଧାନ, ସଦାଶିବ ମିଶ୍ର, ସଚ୍ଚିକାନ୍ତ ଭୋଇ ପ୍ରମୁଖ ଚାଷୀମାନେ ଉପସ୍ଥିତ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି।

## ବିଶ୍ୱ ହେପାଟାଇଟିସ୍ ଦିବସ



ବିକାଶ ନର୍ସିଂ କଲେଜ

ବରଗଡ଼,୨୮।୭(ସମିସ): ବିଶ୍ୱ ହେପାଟାଇଟିସ୍ ଦିବସର ପ୍ରସଙ୍ଗ 'ହେପାଟାଇଟିସ୍ ଚାଲନ୍ତୁ ବୁଝିବା'କୁ ଆଧାର କରି ବିକାଶ ହାୟର ଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ନର୍ସିଂ କଲେଜ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ବରାହଗୁଡାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଞ୍ଚମ ସେମିଷ୍ଟାରର ଛାତ୍ରଛାତ୍ରୀ ଏକ ରାଲି ଦ୍ୱାରା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଘର ଘର ଯାଇ ଲୋକଙ୍କ ମଧ୍ୟରେ ଏହି ରୋଗର କାରଣ, ଲକ୍ଷଣ ଓ ପ୍ରତିରୋଧର କୌଶଳ ବିଷୟରେ ସାସ୍ଥ୍ୟ ସୂଚନା ଦେଇଥିଲେ। ଅଧ୍ୟାପିକା ଆରାଧନା ଦିଗଲ ଏବଂ ଅଧ୍ୟାପିକା ସୀମାଞ୍ଜଳି ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟକ୍ଷା ଦିପାଞ୍ଜଳୀ ପଟେଲଙ୍କ ସହଯୋଗ ଏବଂ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

ବରଗଡ଼: ପୁରୁଣା ହସ୍ପିଟାଲ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ବିଶ୍ୱ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ବିଶ୍ୱଜିତ୍ ଯୋଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ.ଶ୍ରୀକୃଷ୍ଣ ବଲ୍ଲଭ ମହାନ୍ତି, ଡ.ବିନୟ ବେହେରା, ଡ.ସୁବାସ ଅଗ୍ରୱାଲ, ଡ.ସତିଶ ନାଏକ, ଡ.ଅଲିଶା ପ୍ରଧାନ ପ୍ରମୁଖ ବିଭାଗୀୟ ପଦାଧିକାରୀ ଉପସ୍ଥିତ ରହି ହେପାଟାଇଟିସ ଓ ତାର ନିରାକରଣ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲା ତଥ୍ୟ ପ୍ରବନ୍ଧକ ଅଜିତ ମେହେରଙ୍କ ସମେତ ସ୍ୱାଗତିକା ମିଶ୍ର, ପ୍ରକାଶ ମହାପାତ୍ର, ଭାନୁପ୍ରୀୟା ପାତ୍ର ପ୍ରମୁଖ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ରାଣା ପ୍ରତାପ ସ୍କୁଲ ଛାତ୍ରୀ ଶାଳିନି ସା, ଧରିତ୍ରୀ ରାଉତ, ପ୍ରାଚୀ ଭୋସାଗରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ ସଚେତନତା ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବିଭିନ୍ନ ନର୍ସିଂ ମହାବିଦ୍ୟାଳୟର ୬ ଜଣ ଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।


ଜିଲ୍ଲା ସ୍ୱାସ୍ଥ୍ୟ ସମିତି

## ବେଟି ବଚାଓ ବେଟି ପଢ଼ାଓ ସମ୍ବନ୍ଧରେ ସମନ୍ୱୟ ବୈଠକ

ବରଗଡ଼,୨୮।୭(ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନା ସମ୍ବନ୍ଧରେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଶିଶୁ ଶ୍ରମିକ, କନ୍ୟାଭ୍ରୂଣ ହତ୍ୟା ଏବଂ ବାଲ୍ୟ ବିବାହ, ଶିଶୁ କନ୍ୟା ଜନ୍ମ ପୂର୍ବରୁ ଏବଂ ପରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ଲିଙ୍ଗଗତ ବୈଷମତାର କାରଣ ଏବଂ ଭାରତ, ଓଡ଼ିଶା ତଥା ବରଗଡ଼ ଜିଲ୍ଲାର କନ୍ୟା ଶିଶୁର ସ୍ଥିତି ଏବଂ ଲିଙ୍ଗଗତ ଅନୁପାତ, ଶିଶୁ ଅଧିକାର ନିମିତ୍ତ ବିଭିନ୍ନ ଆଇନ ବ୍ୟବସ୍ଥା, ଶିଶୁ କନ୍ୟାର ବିକାଶ ପାଇଁ ଯୋଜନାର କାର୍ଯ୍ୟକାରୀତା, ପ୍ରାସଙ୍ଗିକତା ଏବଂ ମୁଖ୍ୟ ଲକ୍ଷ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଯୋଜନାର ବର୍ତ୍ତମାନ ଅବସ୍ଥା, ଅଗ୍ରଗତି ଓ ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରିବା ସହ ଜିଲ୍ଲାରେ ସାମୂହିକ ସଚେତନତା ପାଇଁ ବାର୍ଷିକ କାର୍ଯ୍ୟ ଖସଡା ପ୍ରସ୍ତୁତି କରାଯାଇଥିଲା। ସମସ୍ତ ବ୍ଲକ୍ ଓ ନଗର ସ୍ତରରେ ସଚେତନତା କାର୍ଯ୍ୟକ୍ରମ, ଛାତ୍ରୀମାନେ ପାଇଁ ଉତ୍ସାହବର୍ଦ୍ଧକ ପୁରସ୍କାର ଓ ସ୍ୱସ୍ଥ୍ୟ-ଶିକ୍ଷା ସମ୍ବନ୍ଧୀୟ ସେବା ସୁନିଶ୍ଚିତ କରିବା ପାଇଁ ସମସ୍ତ ବିଭାଗ ବିଶେଷ ପଦକ୍ଷେପ ନେବାକୁ ଏବଂ ଯୋଜନାକୁ ତୃଣମୂଳ ସ୍ତରରେ ଆନ୍ଦୋଳନ ଆକାର ଦେବା ପାଇଁ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ବିଶ୍ୱ ଆଇଭିଏଫ ଦିବସ ପାଳିତ

ବରଗଡ଼,୨୮।୭(ସମିସ): ବରଗଡ଼ କିଶୋରୀ ଓ ଆଇଭିଏଫ ସେଣ୍ଟରରେ ଡାଇରେକ୍ଟର ସାଇ ସୁମିରନ ଓ ଡ.ପ୍ୟାରିଲାଲ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଆଇଭିଏଫ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଡ.ପିକେ ଦାଶ, ଡ.ପ୍ରଭାଶ ନାୟକ, ଡ.ଅଶ୍ୱିନୀ ଭୋଇ, ଡ.ଗଣେଶରାମ ଭୋଇ, ଡ.ସୁଶାନ୍ତ ଦେହୁରୀ, ଡ.ତାପସ ବୈକାର, ଡ.ସୀତଳ ଅଗ୍ରୱାଲ, ଡ.ସରୋଜ ମେହେର ପ୍ରମୁଖ ଯୋଗ ଦେଇଥିଲେ। ହିମାଂଶୁ ଶେଖର ବେହେରା ଓ ସୁଜିତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ୨୫ ଆଇଭିଏଫ ଦମ୍ପତି ଅତିଥି ଭାବେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଗାଇସିଲେଟ,୨୮।୭(ସମିସ): ଗାଇସିଲେଟ ବ୍ଲକ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର, ଉପଜିଲ୍ଲାପାଳ ଅରୁଗୁଲା ସ୍ନେହା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ମହନ୍ତ ଏବଂ ବ୍ଲକ୍ ଅଧ୍ୟକ୍ଷ ପ୍ରଣୟ ସାହୁ ପ୍ରମୁଖ ଅଭିଯୋଗ ଶୁଣିଥିଲେ। ଶିବିରରେ ସମୁଦାୟ ୧୮୪ଟି ଅଭିଯୋଗରୁ ୧୨୪ଟି ବ୍ୟକ୍ତିଗତ ଏବଂ ୬୦ଟି ସାମୂହିକ ଥିଲା। ସେଥିରୁ ଗୋଟିଏ ଅଭିଯୋଗର ତତ୍କାଳ ଶୁଣାଣି କରି ଅନ୍ୟସମସ୍ତ ସମସ୍ୟା ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଟ୍ରାକ୍ଟର ସହ କାଠ ଜବତ, ଜଣେ ଅଟକ

ଦହିତା,୨୮।୭(ସମିସ): ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଅଧୀନସ୍ଥ ସୁଲିଆ ପାଖରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ବଲାଙ୍ଗିର ଜିଲ୍ଲା ଟେଗ୍ରାପଥର ଗାଁର ଶିବ ସାହା (୫୦) ଏକ ନମ୍ବର ବିହୀନ ମହିନ୍ଦ୍ରା ଟ୍ରାକ୍ଟରରେ ୧୦ ଗଣ୍ଡି କେନ୍ଦୁ କାଠ ଚୋରି କରି ନେଉଥିଲେ। କୌଣସି ସୂତ୍ରରୁ ଖବର ପାଇ ବନାଞ୍ଚଳ ଅଧିକାରୀ ରଞ୍ଜିତ ସିଂ ବାବୁ, ବନପାଳ ସରୋଜ ସାହୁ, ପଦ୍ମିନୀ ଭୋଇ, ମନ ଥାଟେଇ, କୃଷ୍ଣଚନ୍ଦ୍ର ବଡଗୁଛିଆ ଚଢ଼ଉ କରିଥିଲେ। ଏ ସଂକ୍ରାନ୍ତରେ ମାମଲା ରୁଜୁ କରି ଅଭିଯୁକ୍ତ ଶିବ ସାହାକୁ ଅଟକ ରଖା ଯାଇଛି।

## ସଂକୀର୍ତ୍ତନ ପ୍ରେମୀ ମହାଦେବ ପ୍ରଧାନଙ୍କ ଦେହାନ୍ତ



ବରଗଡ଼,୨୮।୭(ସମିସ): ବରଗଡ଼ ବ୍ଲକ୍ କଳାପାଣି ପଞ୍ଚାୟତ ଅଧୀନ ବୁଦେଲପାଲି ଗାଁର ସଂକୀର୍ତ୍ତନ ସଂଗଠକ ମହାଦେବ ପ୍ରଧାନ (ବେଡା)ଙ୍କ ସୋମବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ସେ ବୁଦେଲପାଲି ବୀର ବଜରଙ୍ଗ କୀର୍ତ୍ତନ ମଣ୍ଡଳୀର ମ୍ୟାନେଜର ଥିଲେ। ବରଗଡ଼ ଧନୁଯାତ୍ରା ପ୍ରଥମ ଦିନ ସାଂସ୍କୃତିକ ଶୋଭାଯାତ୍ରାରେ ତାଙ୍କର କୀର୍ତ୍ତନ ଦଳ ଭାଗ ନେଉଥିଲେ। ଗତକାଲି ସନ୍ଧ୍ୟା ପର୍ଯ୍ୟନ୍ତ କ୍ଷେତରେ କାମ କରିଥିଲେ। ଭୋରରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ପରେ ତାଙ୍କର ଦେହାନ୍ତ ହୋଇଥିଲା। ଦନ୍ତା ନଦୀ କୂଳ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର ହୋଇଥିଲା। ଏଥିରେ ପରିବାରବର୍ଗ, ଗଣଦୃଷ୍ଟିର ସମ୍ପାଦକ ଉମେଶ ବିଶ୍ୱାଳ, ସମାଜିକ କର୍ମୀ ପ୍ରଦୀପ ମାହାର, ନିବାସ ବିଶ୍ୱାଳ, ଋଷଭ ବିଶ୍ୱାଳ, ଆନନ୍ଦ ଭୁଏ, ଗୁହାଲୁ ସେଠ୍, ସୁରେନ୍ ଜାଲ୍, ସଂଗ୍ରାମ ପ୍ରଧାନ, ଘୁଲୁ ନାଏକ, ସଦାନନ୍ଦ ବିଶ୍ୱାଳ, ଲୁଲୁ ବିଶ୍ୱାଳ, ପୁଟୁ ବିଶ୍ୱାଳ ଓ ଗାଁର ସ୍ୱେଚ୍ଛାସେବୀ ଯୁବକ ମାନେ ସାମିଲ ଥିଲେ। ତାଙ୍କର ନିଜର ପୁଅ ଝିଅ ନ ଥିବାରୁ ଭାଇଙ୍କ ପୁଅ ମୁଖାଗ୍ନି ଦେଇଥିଲେ।

## ଶିକ୍ଷକ ହାରାଧନ ବାରିକଙ୍କ ପରଲୋକ



ଅତାବିରା,୨୮।୭(ସମିସ): ଗୋଡଭଗା ଗାଁ ନିବାସୀ ଶିକ୍ଷକ ହାରାଧନ ବାରିକଙ୍କ ପରଲୋକ ଘଟିଛି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯିବାରୁ ଚିକିତ୍ସାପାଇଁ ବୁର୍ଲା ମେଡିକାଲକୁ ନିଆଯାଉଥିବା ସମୟରେ ବାଟରେ ତାଙ୍କର ପରଲୋକ ହୋଇଯାଇଥିଲା। ଶ୍ରୀ ବାରିକ ଗୋଡଭଗା ନାଗରିକ କମିଟିର ପ୍ରତିଷ୍ଠାତା ଥିବା ସହ ଦୀର୍ଘ ୧୮ ବର୍ଷ ଧରି ଏହି କମିଟିର ସଭାପତି ରହିଆସିଥିଲେ। ଏଥିସହ ବିଗତ ୪ ବର୍ଷରୁ ଅତାବିରା ବ୍ଲକ୍ ବାରିକ ସମାଜର ସଭାପତି ଥିଲେ। ଶ୍ରୀ ବାରିକ ଗୋଡଭଗାଠାରେ ସାରସ୍ୱତ ମହାବିଦ୍ୟାଳୟ ପ୍ରତିଷ୍ଠା, ବାଳିକା ହାଇସ୍କୁଲ ପ୍ରତିଷ୍ଠାରେ ସକ୍ରିୟ ସଦସ୍ୟ ରହିଥିବା ସହ ଗୋଡଭଗା ସରସ୍ୱତୀ ଶିଶୁମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ଥିଲେ। ଶିକ୍ଷକତା ଜୀବନରୁ ନିଜର ଜୀବନଯାତ୍ରା ଆରମ୍ଭ କରି ପଶ୍ଚିମ ଓଡ଼ିଶାର ବିଭିନ୍ନ ସାମାଜିକ ଅନୁଷ୍ଠାନ ମାନଙ୍କରେ ସେ ଜଡିତ ଥିଲେ। ତାଙ୍କର ବିୟୋଗ ଖବର ପ୍ରଚାରିତ ହେବାପରେ ଶେଷଦର୍ଶନ ପାଇଁ ଗୋଡଭଗା, ଅତାବିରା ତଥା ବରଗଡ଼, ସମ୍ବଲପୁରରୁ ବହୁମାନ୍ୟ ଗଣ୍ୟବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚିଥିଲେ। ସତୀଜୋର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏକମାତ୍ର ପୁଅ ଗୌତମ ମୁଖାଗ୍ନି ଦେଇଥିଲେ।

# ପାଳିତ ଶିଶୁକନ୍ୟାକୁ ରାତି ଅଧରେ ନେଇଗଲା ପୁଲିସ



## ୨୦ ହଜାର ଟଙ୍କାରେ ଛୁଆ କିଣିବା ଅଭିଯୋଗ ଖଣ୍ଡନ

ପାଇକମାଲ,୨୮।୭(ସମିସ)

ବରଗଡ଼ ଜିଲ୍ଲା ପାଇକମାଲ ବସଷ୍ଟାଣ୍ଡ ପଡାରେ ସଞ୍ଜୟ ଗୁର୍ଲ୍ଲା ଓ ତାଙ୍କ ସହଧର୍ମିଣୀ ରୁହନ୍ତି। ଭଗବାନ ତାଙ୍କ କୋଳକୁ ସନ୍ତାନଟିଏ ନ ଦେବାରୁ ସେମାନେ ବହୁ କଷ୍ଟରେ ଟିଟିଲାଗଡ ନିକଟସ୍ଥ ଭାଲେଗାଁ ପଞ୍ଚାୟତ ବାଗଡେରା ଗାଁର ନୀଳରଣାଙ୍କ ୭ ଦିନର ଶିଶୁକନ୍ୟାକୁ ଝିଅ ଭାବେ ଗ୍ରହଣ କରିଥିଲେ। ରବି ମାଛଖଣ୍ଡଙ୍କ ଜରିଆରେ ଶିଶୁକନ୍ୟାକୁ ସେମାନେ ଏକ ମାସ ତଳେ ଘରକୁ ଆଣିଥିଲେ। ମାସେ କାଳ ନିଜ ସନ୍ତାନ ପରି ପାଳିବା ପରେ ରବିବାର ରାତି ଅଧରେ ଟିଟିଲାଗଡ ପୁଲିସ ସହ ସିଡବ୍ଲ୍ୟୁସି ଅଫିସର ଆସି ଶିଶୁକନ୍ୟାକୁ ତାଙ୍କ ଘରୁ ଉଠାଇ ନେଇଥିବା ସଞ୍ଜୟ ଗୁର୍ଲ୍ଲା କହିଛନ୍ତି। ତେବେ ବିଚିତ୍ର କଥା ହେଲା, ସଞ୍ଜୟ ନିଜେ ପିଲା ଛୁଆ ହେଉନଥିବା ମହିଳାଙ୍କୁ ଛୁଆ ହେବା ପାଇଁ ଜଡି ବୁଟି ଔଷଧ ଦେଉଥାନ୍ତି। ତେବେ ପାଇକମାଲର ଏହି ଗୁର୍ଲ୍ଲା ଦମ୍ପତି ୨୦ ହଜାର ଟଙ୍କା ଦେଇ ଛୁଆ କିଣିଥିବା ଅଭିଯୋଗ ହୋଇଛି। ମାତ୍ର ଅଭିଯୋଗକୁ ସଞ୍ଜୟ ଖଣ୍ଡନ କରିଛନ୍ତି। ପାଇକମାଳ ପୁଲିସକୁ ଏନେଇ ପଚାରିବାରୁ ସେମାନେ ଘଟଣା ବିଷୟରେ ବିଶେଷ କିଛି ଜାଣି ନଥିବା କହିବା ପ୍ରକାଶ କରିଥିଲେ। ତେବେ କେବଳ ଟିଟିଲାଗଡ ପୁଲିସ ଗୋଟିଏ ଶିଶୁକନ୍ୟାକୁ ଉଦ୍ଧାର କରିଥିବା ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ସ୍ୱୀକାର କରିଛନ୍ତି।

# ପାଇକମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ



**ପାଇକମାଳ, ୨୮।୭ (ସମିସ):** ପାଇକମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଭାରତରତ୍ନ ଏପିଜେ ଅବଦୁଲ କାଲାମଙ୍କ ପୁଣ୍ୟ ତିଥିରେ ପ୍ରଧାନଶିକ୍ଷକ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଇକମାଳ ବିଇଓ ଅଦନ ସୁନା, ସମ୍ମାନିତ ଅତିଥି ଭାବେ ପାଇକମାଳ ଏବିଇଓ ରାଧେଶ୍ୟାମ ମେହେର, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ହୃଦାନନ୍ଦ ଭୋଇ, ଅବସରପ୍ରାପ୍ତ ସିଆରସିସି ଡୋଲାମଣୀ, ମୀନକେତନ ସାହୁ, ସିଆରସିସି ରଞ୍ଜନ ବାଗ, ବିଦ୍ୟାଳୟ ସଭାପତି ପ୍ରଦୀପ ପ୍ରଧାନ ଓ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ ପ୍ରେମାନନ୍ଦ ବାରିକ ଯୋଗ ଦେଇଥିଲେ। ଏଥିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଜ୍ଞାନ ସମ୍ମତ ୬୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଥମ ସ୍ଥାନରେ ମାନସୀ ଭୋଇ, ଦ୍ୱିତୀୟ ଦିବ୍ୟାଶ୍ରୀ ବାରିକ ଓ ତୃତୀୟରେ ଶ୍ୱେତା ତାଣ୍ଡିଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# କଥା ସମ୍ରାଟ ମନୋହର ସାହୁଙ୍କ ଜୟନ୍ତୀ ପାଳିତ

**ବିଜେପୁର, ୨୮।୭ (ସମିସ)**

ଅନ୍ୟ ଭାଷା ସାହିତ୍ୟ ତୁଳନାରେ ସମ୍ବଲପୁରୀ କୋଶଳି ଭାଷା ସାହିତ୍ୟ ମଧ୍ୟ ଯଥେଷ୍ଟ ସମୃଦ୍ଧ ଓ ବିଜ୍ଞାନ ସମ୍ମତ ଅଟେ। ଭାଷାର ପ୍ରାଚୀନତା ସହିତ ଅଦ୍ୟାବଧି ସୃଷ୍ଟି ହୋଇ ସାରିଥିବା ସାହିତ୍ୟ ଜନମାନସକୁ ଆଚ୍ଛାଦିତ କରିବା ପାଇଁ ସକ୍ଷମ ଅଟେ। ଏକ ବିରାଟ ଭୂଖଣ୍ଡରେ ବସବାସ କରୁଥିବା ସମ୍ବଲପୁରୀ କୋଶଳି ଭାଷାଭାଷୀଙ୍କ ନିକଟରେ ପହଞ୍ଚାଇବା ନୈତିକ ଦାୟିତ୍ୱ ବୋଲି ଘେଁସ ଠାରେ ଅନୁଷ୍ଠିତ କଥା ସମ୍ରାଟ ମନୋହର ସାହୁଙ୍କ ଜୟନ୍ତୀ ଉତ୍ସବ ପାଳନ ଅବସରରେ ମତ ପ୍ରକାଶ ପାଇଛି।

ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦର ସଭାପତି ସ୍ତମ୍ଭକାର ସୁଶାନ୍ତ ମିଶ୍ରଙ୍କ ସଭାପତିତ୍ୱ ଓ ବରିଷ୍ଠ ସଦସ୍ୟ ସାହିତ୍ୟିକ ଅଶୋକ ପୁଜାହାରୀଙ୍କ ପରିଚାଳନାରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଫେସର ନାଟ୍ୟକାର କେଶରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି, ଗବେଷକ ଡ.ସୁବାସ ମେହେର ମୁଖ୍ୟ ବକ୍ତା ଏବଂ ପଦ୍ମଶ୍ରୀ ହଲଧର ନାଗ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ଦେବତା, ଗୌରାଙ୍ଗ ପାଣ୍ଡେ, ନରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏ ବର୍ଷ କଥାକାର ମନୋହର ସାହୁ ସମ୍ମାନ-୨୦୨୫ ବିଶିଷ୍ଟ ଔପନ୍ୟାସିକ ତେଜରୁ ବାରିକଙ୍କୁ ପ୍ରଦାନ କରାଯାଇଥିଲା। ଜୟନ୍ତୀ ସଭା ସହିତ କବି ଅଧିକାରୀ ସାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ନୀତିଶ ଆଚାର୍ଯ୍ୟ, ହରିଲାଲ ସାହୁ, ରାମପ୍ରସାଦ ବାଗ, ଗୁଣସାଗର ସାହୁ, ସ୍ୱାଧୀନ ଭୋଇ, ଆକାଶ ସାହୁ, ସଦାନନ୍ଦ ମେହେର ପ୍ରମୁଖ ନିଜ ନିଜ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମରେ କବି ସୁ ଭୋଇଙ୍କ ଦୁଇଗୋଟି କବିତା ପୁସ୍ତକ 'ସସାର' ଓ 'ଏକଲା' ଲୋକାର୍ପିତ ହୋଇଥିଲା। ଶେଷରେ ସମ୍ପାଦକ ଶୋଭାକର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଭ୍ୟ ସୁରେନ୍ଦ୍ର ସାହୁ, ତୁଳସୀ ବାରିକ, ଗୋକୁଳାନନ୍ଦ ମହାପାତ୍ର, ସୁଜିତ ଠାକୁର, କୈଳାସରାଜ ହଂସ, କୁଞ୍ଜ ବିହାରି ସରାଫ, ହୃଦମଣି ସାହୁ, ଉମେଶ ପଧାନ, ସୁବାସ ଭୁଏଁଙ୍କ ସମେତ ଅନୁଷ୍ଠାନର ସମସ୍ତ ସଭ୍ୟ ସହଯୋଗ କରିଥିଲେ।



# ଶାରଦୀୟ ଦୁର୍ଗାପୂଜା ପାଇଁ କଳାକାର ବରଣ

**ବିଜେପୁର, ୨୮।୭ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ସହରରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ଶାରଦୀୟ ଦୁର୍ଗାପୂଜା ପାଇଁ କଳାକାର ବରଣ ହୋଇଯାଇଛି। ମହାସପ୍ତମୀ ଠାରୁ ଦଶମୀ ପର୍ଯ୍ୟନ୍ତ ରାବଣ ଦରବାର ଓ ରାମଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥି ନିମନ୍ତେ ରାବଣ ମହାରାଜ ଭୂମିକାରେ ଅଭିନୟ କରିବା ପାଇଁ ଗୋଲାପଚନ୍ଦ୍ର ଦାଶ ଏବଂ ସହଯୋଗୀ କଳାକାର ବୃନ୍ଦଙ୍କୁ ପାରମ୍ପରିକ ଭାବେ ବରଣ କରାଯାଇଥିଲା। ପଣ୍ଡିତ ସୁରେନ୍ଦ୍ର ମହାପାତ୍ରଙ୍କ ମନ୍ତ୍ରପାଠ ସହିତ ପୂଜା କମିଟି ସମ୍ପାଦକ ଜନାର୍ଦ୍ଦନ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଗଙ୍ଗାଧର ପ୍ରଧାନ ପ୍ରମୁଖ କଳାକାରମାନଙ୍କୁ ବରଣ କରିଥିଲେ। ସନ୍ତୋଷ ଦେହେରୀ, ନବୀନ ସାହୁ, ତାପସ ଗଡ଼ତିଆ, ତ୍ରିଲୋଚନ ମେହେର, ହୃଷୀକେଶ ମେହେର, ସୁରେନ୍ଦ୍ର ସାହୁ, ପାଣ୍ଡବ ପଧାନ, ପ୍ରଶାନ୍ତ ପାଣ୍ଡେ, ଅଜିତ ବରେଇ, ଅଶୋକ ନାଏକ, ଗୁରୁବାରୁ ମେହେର, ଚୂଡାମଣି ଭୋଇ ପ୍ରମୁଖ ପୂଜା କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



# ତୃତୀୟ ସୋମବାରରେ ଶୈବପୀଠରେ ଜଳାଭିଷେକ

**ରେଢ଼ାଖୋଲ, ୨୮।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଭୀମଭୋଇ କଲେଜ ଛକ ନିକଟରେ ସୋମବାର ଦିନ ଶ୍ରୀ ହରଗୌରୀ ବୋଲବମ୍ କମିଟି ପକ୍ଷରୁ କାଉଡ଼ିଆ ଭକ୍ତ ଏବଂ ଅନ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। କମିଟିର ସଦସ୍ୟ ମାନେ ଉତ୍ସାହ ସହିତ ସହରର କଲେଜ ଛକ ୫୫ ନଂ ଜାତୀୟ ରାଜପଥ କଡ଼ରେ ଛିଡ଼ା ହୋଇ କାଉଡ଼ିଆଙ୍କ ସମେତ ଅନ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଡାକି ପ୍ରସାଦସେବନ କରାଇଥିଲେ। ଏଥିରେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶ୍ରାବଣ ମାସର ତୃତୀୟ ସୋମବାରରେ ରେଢ଼ାଖୋଲ ଅଞ୍ଚଳର ବିଭିନ୍ନ ଶୈବପୀଠରେ ହଜାର ହଜାର କାଉଡିଆଙ୍କ ସମାଗମ ହୋଇଥିଲା। କାଉଡିଆମାନେ ପ୍ରବାହିତ ଜଳଧାରାରୁ ପାଣି ଉଠାଇ ଦୂର ଦୂରାନ୍ତରୁ ଆସି ମହାଦେବଙ୍କୁ ଜଳାଭିଷେକ କରିଥିଲେ। ରେଢ଼ାଖୋଲ ସ୍ଥିତ ବାବା କାଶୀ ବିଶ୍ୱନାଥ ମନ୍ଦିର, ଖୁଲଗଡ଼ ଶିବ ମନ୍ଦିର, ଚାରମାଳ ସ୍ଥିତ ବାବା କପିଳେଶ୍ୱର ମନ୍ଦିର, କଦଳିଗଡ଼ ଶୈବ ପୀଠ ସମେତ ପଞ୍ଚାୟତମାନଙ୍କ ବିଭିନ୍ନ ଗାଁ ମାନଙ୍କରେ ଶିବ ମନ୍ଦିର ଗୁଡିକରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା।



# ପରବାସୀ କୁଟୁମ୍‌ର ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି

**ବିଜେପୁର, ୨୮।୭ (ସମିସ):** ଗାଁ ମାଟିରୁ ବାହାରେ ରହି ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଦିଗରେ ସମର୍ପିତ ହୋଇ କାମ କରୁଥିବା ପଶ୍ଚିମ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପରବାସୀ କୁଟୁମ ଅଗଷ୍ଟ ୩୧ତାରିଖ ବଲାଙ୍ଗିର ଜିଲ୍ଲା ସାଲେଭଟା ନିକଟସ୍ଥ ବକଟି ଗାଁରେ ନୂଆଁଖାଇ ଭେଟ୍ ପାଳନ କରିବ। ପରବାସୀ କୁଟୁମ୍ ଓ ବକଟି ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ହେବାକୁ ଥିବା କାର୍ଯ୍ୟକ୍ରମରେ ନୂଆଁଖାଇର ପାରମ୍ପରିକ ରୀତିନୀତି ପାଳନ, ସାଂସ୍କୃତିକ ଶୋଭାଯାତ୍ରା, ସାହିତ୍ୟ ସଭା, ସମ୍ମାନ କାର୍ଯ୍ୟକ୍ରମ, ଆଲୋଚନା ଚକ୍ର, କବିତା ଆସର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସମ୍ବଲପୁରୀ କୋଶଳି ଭାଷାର ପ୍ରଚାର ପ୍ରସାର ପାଇଁ ବକଟି ଗାଁର ବିଭିନ୍ନ ସ୍କୁଲ ମାନଙ୍କରେ ସମ୍ବଲପୁରୀ କୋଶଳି ଭାଷାରେ ରଚନା, ଭାଷଣ, କୁଇଜ ପ୍ରତିଯୋଗିତା ଆଦି ଆୟୋଜିତ ହେବାକୁ ସ୍ଥିର ହୋଇଛି। ଅନୁଷ୍ଠାନର ସଭାପତି କପିଳେଶ୍ୱର ଖମାରି, କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମିଶ୍ର, ସମ୍ପାଦକ ସଚ୍ଚିଦାନନ୍ଦ ପଧାନ, ସହ ସମ୍ପାଦିକା ମାନିନୀ ମେହେର, ସଂଯୋଜକ ଉମାକାନ୍ତ ଭୋଇ, ଦେବାଶିଷ ମେହେର, ମହେନ୍ଦ୍ର ପଟେଲ, ଗଣେଶ ମେହେର, ଓଜସ୍ୱିନୀ ମାହାର, ସୁ ବାଗ, ସୂର୍ଯ୍ୟ ପାଢ଼ୀ, ଲୋକେଶ ସାହୁ, ଡିସେମ୍ବର ମେହେର, ମନୀଷ ରଥ, ସୁରଜ ସାହୁ, ଯୁଗଳ କିଶୋର ଛାତ୍ରିଆ, ବଦ୍ରିକାନାଥ ବେହେରା, ସାଇ ଶଙ୍କର ବାରିକ, ଆନନ୍ଦ ସାହୁ, ପ୍ରଜ୍ଞାଞ୍ଜଳି ମହଲା, ବଳରାମ ସା, ସୁଶିଳ ଭୋଇଙ୍କ ସମେତ ଉଭୟ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଶେଷରେ ଗଣେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



# ନୂଆଗାଁ-ସର୍ଗୁଡ଼ିହି ରାସ୍ତା କାଦୁଅ ପଚ୍ ପଚ୍

**ଜମନକିରା, ୨୮।୭ (ସମିସ):** ଜମନକିରା ବ୍ଲକ ସୁବର୍ଣ୍ଣପାଲି ପଞ୍ଚାୟତ ନୂଆଗାଁରୁ ସର୍ଗୁଡ଼ିହି ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି।ଏହି ରାସ୍ତା ଦେଇ ପ୍ରତିଦିନ ସହ ସହ ଲୋକ ଯିବା ଆସିବା କରନ୍ତି। ବିଶେଷ କରି ଚାଷ ପାଇଁ ଓ ସ୍କୁଲ କଲେଜ ପାଇଁ ଚାଲିକି ଯିବା ତ ଦୂରକଥା ବାଇକ୍ କଥା ପଚାରେ କିଏ। ଗାଁ ରାସ୍ତା ଆଣ୍ଠୁଏ କାଦୁଅ ପଚ ପଚ ଓ ପାଣିରେ ଭର୍ତ୍ତି।ଫଳରେ ଲୋକେ ନାହିଁ ନଥିବା ଅସୁବିଧା ପାଉଛନ୍ତି।ରାସ୍ତାରେ ପ୍ରତି ବର୍ଷ କିଛିନା କିଛି ମାଟିକାମ ହେଉଛି କିନ୍ତୁ ରାସ୍ତା ଯେମିତି କୁ ସେମିତି।ରାସ୍ତା ତୁରନ୍ତ ନିର୍ମାଣ ପାଇଁ ସରକାରଙ୍କ ଠାରେ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।



# ଗୌରୀ ଦେବୀ ଟ୍ରଷ୍ଟ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ସୋହେଲା, ୨୮।୭ (ସମିସ):** ସୋହେଲା ଶ୍ରୀ ଶ୍ରୀ ମାଁ ଗୌରୀ ଦେବୀ ଟ୍ରଷ୍ଟ ଏବଂ ତ୍ରିଲୋଚନ ନେତ୍ରାଳୟ, ସମ୍ବଲପୁର ପକ୍ଷରୁ ଗୌରୀ କଲ୍ୟାଣ ମଣ୍ଡପ ଠାରେ ନିଃଶୁଳ୍କ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ସୋହେଲା ଏବଂ ଆଖ ପାଖ ଗାଁର ମୋଟ ୨୧୦ ଜଣ ରୋଗୀଙ୍କ ଆଖି ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪୮ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ଏହା ସହିତ ଅନ୍ୟ ୧୨୫ ଜଣଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା ଓ ପରବର୍ତ୍ତୀ ଚିକିତ୍ସା ବ୍ୟବସ୍ଥା ତ୍ରିଲୋଚନ ନେତ୍ରାଳୟ ଦ୍ୱାରା କରାଯିବ। ଶିବିରକୁ ଗୌରୀ ଦେବୀ ଟ୍ରଷ୍ଟର ଅଧ୍ୟକ୍ଷ ତଥା ଦୁର୍ଗାପୂଜା କମିଟିର ସଭାପତି ପ୍ରକାଶ ଚନ୍ଦ୍ର ଦେବତା ଶୁଭାରମ୍ଭ କରିଥିଲେ। ପୂଜା କମିଟି ସମ୍ପାଦକ ପ୍ରମୋଦ ଦେବତା, ନାଥୁରାମ ଅଗ୍ରୱାଲ, ଗୋବିନ୍ଦ ସାହୁ, ସହ ସମ୍ପାଦକ ସଞ୍ଜୀବ ଝାଙ୍କର ସମେତ ପୂଜା କମିଟି ଏବଂ ଟ୍ରଷ୍ଟର ସଦସ୍ୟ ଉପସ୍ଥିତ ଥିଲେ। ତ୍ରିଲୋଚନ ନେତ୍ରାଳୟର ଚକ୍ଷୁ ବିଶେଷଜ୍ଞ ଡ.ସସ୍ମିତା ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଚକ୍ଷୁ ପରୀକ୍ଷା ଶିବିର ପରିଚାଳନାରେ ଟେକନିସିଆନ ସୁନନ୍ଦା ଠେଲା, ରୋଷନ ଭୋଇ, ମାନସ ବେହେରା, ସୁମନ୍ତ ଭୋଇ ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ

# ଡାଇମଣ୍ଡ ସିମେଣ୍ଟ କର୍ମଚାରୀ କ୍ରେଡିଟ୍ ସମବାୟ ସମିତିର ସାଧାରଣ ବୈଠକ

**ବରଗଡ଼, ୨୮।୭ (ସମିସ):** ବିସିଡବ୍ଲ୍ୟୁ ସ୍ପୋର୍ଟସ୍ କ୍ଲବ୍ ପରିସରରେ ଡାଇମଣ୍ଡ ସିମେଣ୍ଟ କର୍ମଚାରୀ କ୍ରେଡିଟ୍ ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ପ୍ଲାଣ୍ଟ ମୁଖ୍ୟ ସୁକାନ୍ତ ସାମନ୍ତ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ବୈଠକରେ ସଭାପତି ମହେନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ବରଗଡ଼ ସିମେଣ୍ଟ ପ୍ଲାଣ୍ଟର ବର୍ତ୍ତମାନର ଚ୍ୟାଲେଞ୍ଜ ଉପରେ ଆଲୋକପାତ କରିଥିଲେ ଏବଂ ସଦସ୍ୟମାନଙ୍କୁ ସମବାୟ ସମିତି ଋଣ ମାଧ୍ୟମରେ ପରସ୍ପରକୁ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ରବୀନ୍ଦ୍ର ବରାଡ ସମସ୍ତଙ୍କୁ ଧନ୍ୟବାଦ ଜଣାଇଲେ।

# ସମାଜସେବୀ ଜପେଶ୍ୱର ସାହୁଙ୍କ ଦେହାନ୍ତ

**ଥୁଆପାଲି, ୨୮।୭ (ସମିସ):** ବରଗଡ଼ ଜିଲ୍ଲା ଭେଡେନର ରେମଣ୍ଡା ଗାଁର ସମାଜସେବୀ ଜପେଶ୍ୱର ସାହୁଙ୍କ ୮୯ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ସେ ବୁର୍ଲା ଓଏସ୍‌ଇବି ବିଭାଗରୁ ଅବସର ଗ୍ରହଣ କରିଥିଲେ। ଅବସର ପରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଯାଇଛନ୍ତି। ସେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ଥିଲେ। ସେ ଗାୟତ୍ରୀ ମନ୍ଦିର, ରଣେଶ୍ୱରୀରାମଚଣ୍ଡି ମନ୍ଦିର ପ୍ରତିଷ୍ଠା ପାଇଁ ସହଯୋଗ କରିଥିଲେ। ଡାକ୍ତରୀ ଛାତ୍ରଛାତ୍ରୀ ପାଠପଢ଼ିବା ପାଇଁ ବୀରସୁରେନ୍ଦ୍ର ସାଏ ମେଡିକାଲ ହସ୍ପିଟାଲ ବୁର୍ଲା ଠାରେ ନିଜର ଅଙ୍ଗଦାନ ପାଇଁ ୩ ବର୍ଷ ପୂର୍ବରୁ ସ୍ୱାକ୍ଷର କରିଥିଲେ। ତାଙ୍କର ୪ ପୁଅ ଆନନ୍ଦ, ଭରତ, ତୁଳସୀ ପ୍ରସାଦ, ବାଳକୃଷ୍ଣ ଓ ତିନି ଝିଅ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ଶୋକାକୂଳ ପରିବେଶ ମଧ୍ୟରେ ରେମଣ୍ଡା ଗାଁର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଅନ୍ତିମ ଯାତ୍ରାରେ ସାମିଲ ହୋଇଥିଲେ। ପରେ ପୁତ୍ରମାନେ ତାଙ୍କ ମରଶରୀରକୁ ବୀରସୁରେନ୍ଦ୍ର ସାଏ ମେଡିକାଲ ହସ୍ପିଟାଲକୁ ନେଇ ହସ୍ତାନ୍ତର କରିଥିଲେ।





ଆଜି ଶ୍ରାବଣ ମାସ ତୃତୀୟ ସୋମବାରରେ ଝାଡୁଆପଡ଼ାର ଶ୍ରୀ ଶ୍ରୀ ଲୋକନାଥ ବାବାଙ୍କ ଶୃଙ୍ଗାର ବେଶ ଦର୍ଶନ।

# ସମଲେଶ୍ୱରୀ ଯୁବକ ସଂଘର ନୂତନ କର୍ମକର୍ତ୍ତା

**ସମ୍ବଲପୁର, ୨୮।୭ (ସମିସ):** ସମଲେଶ୍ୱରୀ ଯୁବକ ସଂଘର ଉପଦେଷ୍ଟା ଅମ୍ବିକା ପ୍ରସାଦ ରାୟଙ୍କ ସଭାପତିତ୍ୱରେ ସଂଘର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଂଘର କୋଷାଧ୍ୟକ୍ଷ ସଞ୍ଜିବ ମହାପାତ୍ର ବିଗତ ବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ତା'ପରେ ସଂଘର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ୨୦୨୫-୨୬ ବର୍ଷ ପାଇଁ ସଘନ ରାୟ ସଭାପତି, ପବିତ୍ର ଦେଓ ଉପସଭାପତି, ରାମଦାସ ପଣ୍ଡା ସମ୍ପାଦକ, ସଞ୍ଜିବ ସିଂ ସହସମ୍ପାଦକ, ଗୌରୀଶଙ୍କର ନାଏକ କୋଷାଧ୍ୟକ୍ଷ, ଗୋକୁଳ କୃଷ୍ଣଧର ସହକୋଷାଧ୍ୟକ୍ଷ, ସଞ୍ଜିବ ମହାପାତ୍ର ହିସାବ ରକ୍ଷକ, ବିବେକାନନ୍ଦ ଜୁଆଡ଼ ସାଂସ୍କୃତିକ ସମ୍ପାଦକ, ଅଶୋକ ପଟେଲ ଓ ଶିବା ରାୟ ସହସାଂସ୍କୃତିକ ସମ୍ପାଦକ, ଶଙ୍କର ପ୍ରସାଦ ମହାକୁର କ୍ରୀଡ଼ା ସମ୍ପାଦକ, କୁନାଳ ପ୍ରଧାନ, ଭୋନିକ ମେହେର ଓ ବିଭୂତି ରାୟ ସହକ୍ରୀଡ଼ା ସମ୍ପାଦକ ରୂପେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିବା ଜଣାପଡ଼ିଛି।

# ବାମରା ବ୍ଲକ୍‌ରେ ଅଭିଯୋଗ ଶୁଣାଣି

**ସମ୍ବଲପୁର, ୨୮।୭ (ସମିସ):** ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କାର୍ଯ୍ୟାଳୟରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୯୦ଟି ଆବେଦନ ଗ୍ରହଣ କରାଯାଇଥିଲା। ସେଥିରୁ ୭୦ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବାବେଳେ ୨୦ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡ଼ିତ ଥିଲା। ତନ୍ମଧ୍ୟରେ ୬ଟି ଅଭିଯୋଗ ଶିବିରରେ ସମାଧାନ କରାଯାଇଥିଲା। ରେଡକ୍ରସ ଅଧିନରେ ଜଣେ ବ୍ୟକ୍ତିଙ୍କୁ ୧୦, ୦୦୦ ଟଙ୍କା ଏବଂ ସିଏମ୍‌ଆର୍‌ଏଫ୍ ଅଧୀନରେ ଜଣେ ବ୍ୟକ୍ତିଙ୍କୁ ୧୫, ୦୦୦ ଟଙ୍କା ସହାୟତା ରାଶି ଜିଲ୍ଲାପାଳ ପ୍ରଦାନ କରିଥିଲେ।

# ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ୫ ଜଣଙ୍କୁ ଆର୍ଥିକ ସହାୟତା

**ସମ୍ବଲପୁର, ୨୮।୭ (ସମିସ):** ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ପାଞ୍ଚ ଜଣଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ୧ ଲକ୍ଷ ୧୧ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟ ସଂସ୍ଥାପିକା ଡା. ପାଣିଗ୍ରାହୀଙ୍କ ଉପସ୍ଥିତିରେ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟ୍ରଷ୍ଟ ବୈଠକରେ ଉପରୋକ୍ତ ଆର୍ଥିକ ସହାୟତାକୁ ମଞ୍ଜୁରୀ ଦିଆଯାଇଥିଲା। ଉପରୋକ୍ତ ହିତାଧିକାରୀଙ୍କ ମଧ୍ୟରୁ ଜଣଙ୍କୁ ଚଳିତ ଶିକ୍ଷାବର୍ଷରେ ମାସିକ ସହାୟତା ଦିଆଯିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ବୈଠକରେ କୋଷାଧ୍ୟକ୍ଷ ସ୍ୱରୂପ ପୁରୋହିତ ଆର୍ଥିକ ବିବରଣୀ ଉପସ୍ଥାପନ କରିଥିବାବେଳେ ଆଲୋଚନାରେ ସମ୍ପାଦକ ସୁଧୀର ପୂଜାରୀ, ସଭ୍ୟବୃନ୍ଦ ଡଃ ନିରୂପମା ବଡ଼ପଣ୍ଡା, ଡା. ପ୍ରମୋଦ ପୁରୋହିତ, ଦେବାଶିଷ ନନ୍ଦ, ବିପିନ ପଣ୍ଡା, ଅମିତ ସ୍ୱାଇଁ ଓ ଶିବ ଶଙ୍କର ନନ୍ଦ ଅଂଶଗ୍ରହଣ କରିଥିଲେ।

# ପୂଜକଙ୍କ ବିୟୋଗରେ ଶୋକସଭା

**ସମ୍ବଲପୁର, ୨୮।୭ (ସମିସ) :** ମୁଦିପଡ଼ାର ଶ୍ରୀ ଶ୍ରୀ ଜାଗେଶ୍ୱର ବାବା ମହାଦେବ ମନ୍ଦିରର ପୂଜକ ଗୋବିନ୍ଦ ପଣ୍ଡାଙ୍କ ବିୟୋଗରେ ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଯାତ୍ରା କମିଟି ସଦସ୍ୟମାନେ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିବାସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର, ୨୮।୭ (ସମିସ) :** ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମତିଥି ଅଗଷ୍ଟ ୧ ତାରିଖକୁ ସମ୍ବଲପୁରୀ ଭାଷାପ୍ରେମୀ ଗତ ୨୦୧୩ ମସିହାରୁ 'ସମ୍ବଲପୁରୀ ଦିନ୍' ଭାବେ ପାଳନ କରିଆସୁଛନ୍ତି। ଏହି ଉତ୍ସବକୁ ଆଉ କେଇଟା ଦିନ ବାକି ରହିଥିବାବେଳେ ପ୍ରସ୍ତୁତି ଜୋର୍ ଧରିଲାଣି। ସାଂସ୍କୃତିକ କାର୍ଯ୍ୟକ୍ରମ ସକାଶେ ସବୁକିଛି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ଏହି ଉପଲକ୍ଷେ ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସ୍ଥାନୀୟ ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପଠାରେ 'ସମ୍ବଲପୁରୀ ସଂସ୍କୃତି - ଆମର ଟେକ୍' ବିଷୟକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କଳା ସଂଯୋଜକ ମନୋଜ ଚୌଧୁରୀଙ୍କ ସଂଯୋଜନାରେ ହେଇଥିବା ପ୍ରତିଯୋଗିତାରେ ସମସ୍ତେ ଉତ୍ସାହିତ ହୋଇ ପୂର୍ବାହ୍ଣ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସୁନ୍ଦର ସୁନ୍ଦର ଚିତ୍ର ଅଙ୍କନ କରିଥିଲେ। ମା' ସମଲେଇ, ହୀରାକୁଦ ଡ୍ୟାମ, ବୀର ସୁରେନ୍ଦ୍ର ସାଏ, ଘଣ୍ଟେଶ୍ୱରୀ ମନ୍ଦିର, ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସହିତ ଢୋଲ, ମାନ୍ଦଲ, ନିଶାନ ତାସାର ଚିତ୍ର ଅଙ୍କନ କରିଥିଲେ। ସମ୍ବଲପୁରୀ ଏକତା ମଞ୍ଚର ଏଥିରେ ସୀମା ଷଣ୍ଢ, ଅଜିତ ବେହେରା, ପିଣ୍ଟୁ ପତି, ବିନାୟକ ରାମ, ଅରୁଣ ଦାଶ, ମୋହନ ଦାଶ, ଯସ ତିୱାରୀ, ସିମ୍ରନ୍, ବଣ୍ଟି ସାହୁ, ସୁଶାନ୍ତ ପୁରୋହିତ, ସମୀର ବାବୁ, ଡା. ସଞ୍ଜୀବ ମିଶ୍ର, ଧରଣୀ ନାଥ, ଅଭୟ ପ୍ରଧାନ, ରାଜୀବ ସାହୁ, ସୁଶାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ଅଗଷ୍ଟ ୧ ତାରିଖ 'ସମ୍ବଲପୁରୀ ଦିନ୍' କାର୍ଯ୍ୟକ୍ରମରେ ସମସ୍ତ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆୟୋଜକ ମାନଙ୍କ ସୂତ୍ରରୁ ପ୍ରକାଶ।

# ବୁର୍ଲାଠାରେ ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର, ୨୮।୭ (ସମିସ):** ସମ୍ବଲପୁରୀ ଏକତା ମଞ୍ଚ, ବୁର୍ଲା ଆନୁକୂଲ୍ୟରେ ସମ୍ବଲପୁରୀ ଦିନ୍ ପାଳନ ଉପଲକ୍ଷେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ବଲପୁରୀ ସଂସ୍କୃତି ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚାରୋଟି ବିଭାଗରେ ବିଭକ୍ତ ହୋଇଥିବା ଗ୍ରୁପରେ ପ୍ରାୟ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ସଭାପତି ପ୍ୟାରୀମୋହନ ପୂଜାହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଏକତା ମଞ୍ଚର ମୁଖ୍ୟ ଉପଦେଷ୍ଟା ଭୀମସାରର ପ୍ରାକ୍ତନ ଅଧକ୍ଷ ପ୍ରଫେସର ବ୍ରଜମୋହନ ମିଶ୍ର ମୁଖ୍ୟଅତିଥି, ରୋଟାରୀଆନ ଇଂ ଶିବପ୍ରସାଦ ପାଢ଼ୀ ଓ ରୋଟାରୀ କ୍ଲବ୍ ବୁର୍ଲାର ପୂର୍ବତନ ସଭାପତି ସଞ୍ଜୟ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ ସମ୍ପାଦକ ତରଣୀସେନ ଚାନ୍ଦ ଓ ଅଶ୍ୱିନୀ ମହାନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସାଧାରଣ ସମ୍ପାଦକ ଦେବାଶିଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ୧ ଅଗଷ୍ଟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ସମ୍ବଲପୁରୀ ଦିନ୍ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ଚିତ୍ରାଙ୍କନର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସମ୍ବଲପୁରୀ ଏକତା ମଞ୍ଚର ସମସ୍ତ କାର୍ଯ୍ୟକର୍ତ୍ତା ତଥା ସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ।

# ୧୦.୭୧ ଲକ୍ଷ ଉପଭୋକ୍ତାଙ୍କୁ ୭୨.୦୫ କୋଟି ଟଙ୍କା ରିହାତି ପ୍ରଦାନ

**ସମ୍ବଲପୁର, ୨୮।୭ (ସମିସ)**

ଉତ୍କୃଷ୍ଟ ଗ୍ରାହକ ସେବାର ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଗତ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ପଶ୍ଚିମ ଓଡ଼ିଶାର ୧୦.୭୧ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ମୋଟ ୭୨.୦୫ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଛି। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)ଙ୍କ ନିର୍ଦ୍ଦେଶ ଅନୁଯାୟୀ, ବିଦ୍ୟୁତ୍ ଉପଭୋକ୍ତାଙ୍କ ସୁରକ୍ଷା ଜମା ରାଶି (ସିକ୍ୟୁରିଟି ଡିପୋଜିଟ୍)ର ସୁଧ ବାବଦକୁ ଏହି ରିହାତି ଗତ ଜୁନ ମାସର ବିଦ୍ୟୁତ୍ ବିଲରେ ପ୍ରଦାନ କରାଯାଇଛି।

ସୂଚନାନୁଯାୟୀ ପଶ୍ଚିମ ଓଡ଼ିଶାର ସମସ୍ତ ୯ଟି ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାଙ୍କ ଜୁନ ମାସର ବିଦ୍ୟୁତ୍ ବିଲରେ ଏହି ରିହାତି ପ୍ରଦାନ କରାଯାଇଛି। ଏହି ପଦକ୍ଷେପ ଗ୍ରାହକ ସେବା ଏବଂ ନିୟମ ଅନୁପାଳନ ପ୍ରତି କମ୍ପାନୀର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ତଥ୍ୟ ଅନୁଯାୟୀ, ସର୍ବାଧିକ ୨୫.୨୦ କୋଟି ଟଙ୍କାର ରିହାତି ଝାରସୁଗୁଡ଼ା ଜିଲ୍ଲାର ୧ ଲକ୍ଷ ୦୮ ହଜାର ୪୭୪ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ପ୍ରଦାନ କରାଯାଇଥିବା ବେଳେ ସୁନ୍ଦରଗଡ଼ରେ ୨୩.୮୨ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଛି, ଯାହା ୨ ଲକ୍ଷ ୪୮ ହଜାର ୦୧୨ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଲାଭାନ୍ୱିତ କରିଛି। ସେହିପରି ସମ୍ବଲପୁର ଜିଲ୍ଲାରେ ୧ ଲକ୍ଷ ୨୬ ହଜାର ୮୫୦ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୮.୮୨ କୋଟି ଟଙ୍କା ରିହାତି ପ୍ରଦାନ କରାଯାଇଥିବାବେଳେ ବରଗଡ଼ ଜିଲ୍ଲାର ୧ ଲକ୍ଷ ୮୭ ହଜାର ୧୯୫ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୩.୭୦ କୋଟି ଟଙ୍କା ରିହାତି ମିଳିଛି। ସେହିପରି କଳାହାଣ୍ଡି ଜିଲ୍ଲାର ୧ ଲକ୍ଷ ୧୭ ହଜାର ୧୮୮ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୩.୮୮ କୋଟି ଟଙ୍କା, ବଲାଙ୍ଗିର ଜିଲ୍ଲାର ୧ ଲକ୍ଷ ୫୨ ହଜାର ୨୫୯ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୩.୨୭ କୋଟି ଟଙ୍କା, ସୋନପୁର ଜିଲ୍ଲାର ୪୮ ହଜାର ୯୭୬ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୧.୭୦ କୋଟି ଟଙ୍କା, ନୂଆପଡ଼ା ଜିଲ୍ଲାର ୫୨ ହଜାର ୭୧୪ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୧.୨୩ କୋଟି ଟଙ୍କା ରିହାତି ପ୍ରଦାନ କରାଯାଇଛି।

TPWODL
ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

# ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବରଗଡ଼, ୨୮।୭ (ସମିସ):** ବରଗଡ଼ ମୃତ୍ତିକା ସଂରକ୍ଷଣ ବିଭାଗର ଉପନିର୍ଦ୍ଦେଶକ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଭୀମସେନ ସେଠୀଙ୍କୁ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ସଭାଗୃହରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଦୀର୍ଘ ୪ ବର୍ଷ ପାଖାପାଖି କାର୍ଯ୍ୟ କଲାପରେ ଏବେ ତାଙ୍କ ପଦୋନ୍ନତି ହୋଇଛି। ସେ ଯୁଗ୍ମ ନିର୍ଦ୍ଦେଶକ (ସ୍ତର ୨) ଭାବେ ଭୁବନେଶ୍ୱରରେ ଯୋଗ ଦେଇଛନ୍ତି। ତାଙ୍କ ସମୟରେ ବରଗଡ଼ ଜିଲ୍ଲାର ୧୨ଟି ବ୍ଲକରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଛି। ସଭାରେ ଅଫିସ୍‌ର ସମସ୍ତ କର୍ମଚାରୀ ଫୁଲତୋଡା ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ସଭାରେ ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ସୁସେନ୍ ମିର୍ଦ୍ଧା, ସୌଭାଗିନି ବେହେରା, ବିଶ୍ୱଜିତ୍ ରାଉତ, ଦିଗହା ନନ୍ଦ ଧାରୁଆ, ଶୈଳବାଳା ସାମଲ, ସୁମିତ୍ରା ବେହେରା, ସୁଗତା ମିଶ୍ର, ନନ୍ଦ କିଶୋର ରାଉତ, ତିକକ ଭୋଇ, ତୁଷାର କାନ୍ତ ସାହୁ ପ୍ରମୁଖ ବହୁ ଅଧିକାରୀ ଉପସ୍ଥିତ ଥିଲେ।

### ପୁରୀରେ ଚାଷୀଙ୍କ ଟ୍ରାକ୍ଟର୍ ଶୋଭାଯାତ୍ରା

# ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଗର୍ଜିଲେ; ଆମ ଧାନ କିଣ ସରକାର





ପୁରୀ/ବ୍ରହ୍ମଗିରି,୨୮।୭(ସମିସ): "ସରକାର ଆମ ଧାନ କିଣ। ଚାଷୀଙ୍କୁ ସବୁପ୍ରକାର ସୁବିଧା ଦେବ କହିଥିଲ, ହେଲେ ଧାନକିଣାରେ ଠକିଦେଲ। ଧାର୍ଯ୍ୟ ପରିମାଣର ଧାନ ଉଠିଲା ନାହିଁ। ହେ! ସରକାର କୁଆଡ଼େ ଗଲା ଆପଣଙ୍କ ଚାଷୀ ଓ ଚାଷ ପ୍ରୀତି। ଆଜି ଧାନର ଅଭାବୀ ବିକ୍ରି ନେଇ ଚାଷୀକୁଳ କାନ୍ଦୁଛି। ରବି ଋତୁରେ ଧାନ ଟୋକନ ପାଇ ମଧ୍ୟ ୫୦ ପ୍ରତିଶତ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି। ସରକାର ଏହାର ଜବାବ ଦିଅ। ନଚେତ୍ ରାଜରାସ୍ତାରେ ଆନ୍ଦୋଳନ ହେବ।" ବ୍ରହ୍ମଗିରିରୁ ପ୍ରାୟ ୭୫ରୁ ଊର୍ଦ୍ଧ୍ୱ ଟ୍ରାକ୍ଟରରେ ଆସିଥିବା ଶହଶହ ଚାଷୀ ଆଜି ପୁରୀରେ ଗର୍ଜିବା ସହ ଏପରି ଚେତାବନୀ ଦେଇଛନ୍ତି। ଏହି ଅବସରରେ ଚାଷୀମାନେ ମୁଣ୍ଡରେ ଧାନବସ୍ତା ରଖି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। ପରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ତୁରନ୍ତ ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ।

ଏହି ବିଶାଳ ଚାଷୀ ଆନ୍ଦୋଳନରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସବର୍ମା କହିଛନ୍ତି, ବ୍ରହ୍ମଗିରି ହେଉଛି ଏକ କୃଷି ପ୍ରଧାନ ଅଞ୍ଚଳ। ବ୍ରହ୍ମଗିରିରେ ପ୍ରାୟ ୭୦ପ୍ରତିଶତ ଲୋକ ଧାନ ଚାଷ ଉପରେ ନିର୍ଭର କରନ୍ତି। ଗତ ରବି ଋତୁରେ ଚାଷୀମାନଙ୍କର ସମସ୍ତ ବଳକା ଧାନ କିଣିବା ପାଇଁ ସରକାରଙ୍କ ତରଫରୁ ଘୋଷଣା କରାଯାଇଥିଲା। ଚାଷୀମାନେ ସେହି ଅନୁସାରେ ସମସ୍ତ ସେବା ସମବାୟ ସମିତିରେ ସରକାରୀ ନିୟମ ମୁତାବକ ପଞ୍ଜୀକରଣ କରିଥିଲେ। କିନ୍ତୁ ସରକାର ଟାଳଟୁଳ ନୀତି ଅବଲମ୍ବନ କରି ସେବା ସମବାୟ ସମିତିଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଟାର୍ଗେଟ୍ ନଦେଇ ଚାଷୀଙ୍କ ସହ ଖେଳ ଖେଳିଲେ ଏବଂ ଯାହା ଟାର୍ଗେଟ ଦିଆଯାଇଥିଲା ତାହା ବିଭିନ୍ନ ପର୍ଯ୍ୟାୟରେ ଦିଆଗଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ଚିନ୍ତାଜନକ ବିଷୟ, ଧାନ ସଂଗ୍ରହ ଅବଧି ଜୁନ୍ ୩୦ ତାରିଖ ରାତି ୧୨ଟାରେ ଶେଷ ହେଉଥିବା ବେଳେ ରାତି ୯ଟା ୪୫ ମିନିଟ୍ ସମୟରେ ବ୍ରହ୍ମଗିରି ଏବଂ ପୁରୀ ସଦର ବ୍ଲକର ସମସ୍ତ ପ୍ରାଥମିକ ସେବା ସମବାୟ ସମିତିକୁ ଟାର୍ଗେଟ୍ ପ୍ରଦାନ କରାଗଲା। ଫଳରେ ସମସ୍ତ ପଞ୍ଜିକୃତ ହୋଇଥିବା ଚାଷୀ ଭାଇମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହିତ ଏକ ବିଷମ ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ତ୍ତମାନ ସୁଦ୍ଧା ପଞ୍ଜିକୃତ କରିଥିବା ପ୍ରାୟ ୫୦ପ୍ରତିଶତ ଚାଷୀ ନିଜର ଉତ୍ପାଦିତ ଧାନ ସରକାରୀ ବ୍ୟବସ୍ଥାରେ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ଯେତିକି ଟାର୍ଗେଟ ଦେଲେ ତାହାକୁ ମିଲରମାନେ ଠିକ୍ ସମୟରେ ନ ଉଠେଇବାରୁ ଚାଷୀମାନେ ପାଇଥିବା ଟୋକନ ଲାପ୍ସ ହେଲା।

ଏ ବାବଦରେ ବ୍ରହ୍ମଗିରିର ସମସ୍ତ ଚାଷୀକୁଳ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ। ଏହି ସମୟରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ବ୍ରହ୍ମଗିରି ଆସି ବିଭିନ୍ନ ମଣ୍ଡି ପରିଦର୍ଶନ କରି ଚାଷୀମାନଙ୍କର ସମସ୍ତ ବଳକା ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଇ ମଣ୍ଡିରେ ଧାନ ଥୋଇ ଏ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ୍ୟ ସମ୍ବେଦନହୀନ ସରକାର ପ୍ରତିଶ୍ରୁତି ମୁତାବକ ଧାନ କିଣିଲେ ନାହିଁ। ଫଳରେ ବ୍ରହ୍ମଗିରିର ହଜାରହଜାର ଚାଷୀ କ୍ଷତିଗ୍ରସ୍ତ ହେବା ସହ ମଣ୍ଡିରେ ଧାନ ରଖି କାନ୍ଦୁଛନ୍ତି। ଚାଷୀଙ୍କର ସମସ୍ତ ସ୍ୱପ୍ନ ଧୂଳିସାତ୍ ହୋଇଛି, ତାଙ୍କର ଗଚ୍ଛିତ ଧାନକୁ କ'ଣ କରିବେ ସେ ନେଇ ଗଭୀର ଚିନ୍ତାରେ ପଡ଼ିଛନ୍ତି।

ଏହି ଅବସରରେ ଶ୍ରୀ ଦାସବର୍ମା ଜିଲ୍ଲାପାଳଙ୍କ ନିକଟରେ ୩ ଦଫା ଦାବି ରଖିଥିଲେ। ସେଗୁଡ଼ିକ ମଧ୍ୟରେ ଚାଷୀମାନଙ୍କର ପଞ୍ଜୀକରଣ ମୁତାବକ ସମସ୍ତ ଧାନ କିଣାଯାଉ ନଚେତ୍ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ। ଖରିଫ ଧାନ କ୍ରୟ କରିବା ପାଇଁ ନୂଆ ପଞ୍ଜୀକରଣ ପଲିସିକୁ ବାତିଲ କରି ପୁରୁଣା ପଦ୍ଧତିରେ ଧାନ କ୍ରୟ ଏବଂ ବ୍ରହ୍ମଗିରିର ସମସ୍ତ କେନାଲ ଓ ନଦୀ ସଫେଇ ସହିତ ରାଜଦଳ ମୁକ୍ତ କରାଯାଉ। ଅନ୍ୟପକ୍ଷରେ ଜିଲ୍ଲାପାଳ ସମସ୍ତ ପ୍ରସଙ୍ଗ ଶୁଣି ଦାବିଗୁଡ଼ିକ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଏହି ବିକ୍ଷୋଭରେ ବ୍ରହ୍ମଗିରି ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ, ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ୍ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଜିଲ୍ଲା ପରିଷଦ ସଦସ୍ୟ ଜମ୍ବେଶ୍ୱର ସାହୁ, ପୁରୀ ସଦର ବ୍ଲକ୍ ଉପାଧ୍ୟକ୍ଷଙ୍କ ପ୍ରତିନିଧି ନିରଞ୍ଜନ ପରିଡ଼ା, ଭାଇଲପୁର ସମିତିସଭ୍ୟ କାର୍ତ୍ତବୀର୍ଯ୍ୟ ସ୍ୱାଇଁ, ସରପଞ୍ଚ ରମେଶ ପ୍ରଧାନ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଷଡ଼ଙ୍ଗୀ, ଚାଷୀ ନେତା ଭଗବାନ ନାୟକ, ପ୍ରଫୁଲ୍ଲ ଜେନା, ସୁର ପ୍ରସାଦ ମହାନ୍ତି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ, ଯୁଧିଷ୍ଠିର ନାୟକଙ୍କ ସମେତ ହଜାର ହଜାର ଚାଷୀ ଉପସ୍ଥିତ ଥିଲେ।

# ବସ୍ ଧକ୍କାରେ ୨ ଯୁବକ ମୃତ

### ଗୋରେଖନାଥ ଦର୍ଶନ ସାରି ଫେରୁଥିଲେ

ଜଗତସିଂହପୁର/ନାଉଗାଁ, ୨୮।୭ (ସମିସ): ଗୋରେଖନାଥଙ୍କ ଦର୍ଶନ ସାରି ଫେରୁଥିଲେ। ବସ୍ ଧକ୍କାରେ ଚାଲିଗଲା ଜୀବନ। ଜଗତସିଂପୁର ଜିଲ୍ଲା ନାଉଗାଁ ବ୍ଲକ୍ ପାଳସାହି ଛକ ନିକଟରେ ଆଜି ଏଭଳି ଏକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ପୁରୀ ଜିଲ୍ଲା ବାସେଲୀସାହିର ଅମିତ ସାହୁ ଓ ଚିତ୍ତରଞ୍ଜନ ରାଉତରାୟ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ସ୍ଥାନୀୟ ଗ୍ରାମବାସୀ ରାସ୍ତାରେ ଅମିତଙ୍କ ମୃତଦେହ ରଖି ରାସ୍ତାରୋକ କରିଥିଲେ। ନାଉଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରି ଅମିତି ସାହୁଙ୍କ ମୃତଦେହକୁ ଥାନାକୁ ଆଣି ଅଧିକ ତଦନ୍ତ ଆରମ୍ଭ କରିଥିଲେ। ଅମିତଙ୍କ ସମ୍ପର୍କୀୟ ମାମୁଁ ଲକ୍ଷ୍ମୀଧର ସାହୁ ନାଉଗାଁ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।





ଶ୍ରାବଣ ତୃତୀୟ ସୋମବାର ଥିବାରୁ ପୁରୀ ଜିଲ୍ଲା ବାସେଲୀସାହିରୁ ଚାରିଜଣ ସାଙ୍ଗ ଦୁଇଟି ବାଇକ୍‌ରେ ଗୋରେଖନାଥଙ୍କ ଦର୍ଶନ କରିବାକୁ ଆସିଥିଲେ। ରାତି ଅଧାରୁ ଆସି ଦର୍ଶନ ସାରି ଘରକୁ ସକାଳୁ ସକାଳୁ ଫେରୁଥିବା ବେଳେ ପାଳସାହି ନିକଟରେ ସାଇକ୍ରିଷ୍ଣା ବସ୍ ସହ ଗୋଟିଏ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଅମିତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ସାଙ୍ଗ ଚିତ୍ତରଞ୍ଜନ ଗୁରୁତର ଭାବେ ଜଗତସିଂହପୁର ଜିଲ୍ଲା ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଚିତ୍ତରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

# ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ଜଗତସିଂହପୁର,୨୮।୭(ସମିସ): ଜଗତସିଂହପୁର ଜିଲ୍ଲାରେ ବିଗତ କିଛି ଦିନ ମଧ୍ୟରେ ଏକାଧିକ ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଥିବା ବେଳେ ଆଜି ପୁଣି ଜଣେ ନାବାଳିକା ଗର୍ଭବତୀ ହେବା ଘଟଣା ଜିଲ୍ଲା ପାଇଁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଛି। କୁଜଙ୍ଗ ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏହି ୧୬ବର୍ଷୀୟ ଛାତ୍ରୀଜଣଙ୍କ ଗର୍ଭବତୀ ଅବସ୍ଥାରେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେବା ପରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ତାଙ୍କର ଚିକିତ୍ସା କରିଥିଲେ। ତେବେ ଚିକିତ୍ସା ସମୟରେ ଗର୍ଭସ୍ଥ ଶିଶୁ ମୃତ ଅବସ୍ଥାରେ ବାହାରିଥିଲା। ପରେ ରକ୍ତ ଦିଆଯାଇ ନାବାଳିକାର ଚିକିତ୍ସା ଜାରି ରହିଛି ଓ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତର ସରୋଜ କୁମାର ଜେନା ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ପୀଡ଼ିତା ନାବାଳିକାଙ୍କ ପିତା କୁଜଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ସୂଚନା ଦେଇଛନ୍ତି। ଏହି ଘଟଣାରେ ଅଭିଯୁକ୍ତଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

# ଉତ୍ତମ କାର୍ଯ୍ୟ ଲାଗି ମିଳିବ ରାଜ୍ୟ ପଞ୍ଚାୟତ ପୁରସ୍କାର

### ୯ଟି ଥିମ୍ ଓ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଦିଆଯିବ ୧୨୯ ପୁରସ୍କାର

ଭୁବନେଶ୍ୱର,୨୮।୭(ସମିସ): ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଉନ୍ନତ ପ୍ରଦର୍ଶନକୁ ଅଭିପ୍ରେରିତ କରିବା ପାଇଁ ଦିଆଯିବ ରାଜ୍ୟ ପଞ୍ଚାୟତ ପୁରସ୍କାର। ୯ଟି ଥିମ୍ ଓ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୨୯ଟି ପୁରସ୍କାର ଦିଆଯିବା ସହ ଏଥିପାଇଁ ସରକାର ୪ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି।

ସୋମବାର ମନ୍ତ୍ରୀ ଶ୍ରୀ ନାଏକ ଗଣମାଧ୍ୟମକୁ ରାଜ୍ୟ ପଞ୍ଚାୟତ ପୁରସ୍କାର ବିଷୟରେ ସୂଚନା ଦେବା ସହ 'ପଞ୍ଚାୟତ ଆଡ୍‌ଭାନ୍ସମେଣ୍ଟ ଇଣ୍ଡେକ୍ସ' ସ୍କୋର୍‌ରେ ପ୍ରଦର୍ଶନ ଅନୁଯାୟୀ ମନରେଗା, ସ୍ୱଚ୍ଛତା-ବାହ୍ୟ ମଳମୁକ୍ତ, ଜଳ ଜୀବନ ମିଶନ, ସୁଶାସନ, ଦକ୍ଷତା ବିକାଶ, ଆୟଉତ୍ସ ବୃଦ୍ଧି, ଅନ୍‌ଲାଇନ ଅଡିଟ, ଉନ୍ନତ ଜିପିଡିପି, ଜିଏସ୍ ପୋର୍ଟାଲରେ ଗ୍ରାମ ପଞ୍ଚାୟତର ତଥ୍ୟ ଅପ୍‌ଲୋଡ୍ ଆଦି ୯ଟି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ଦିଆଯିବ। ରାଜ୍ୟ, ଜିଲ୍ଲା, ବ୍ଲକ ଓ ସଂସ୍ଥାଗତ ସ୍ତରରେ ୪ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯିବ। ରାଜ୍ୟ ସ୍ତରରେ ଯୋଗ୍ୟ ବିବେଚିତ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତଗୁଡିକୁ ପ୍ରଥମ ସ୍ଥାନ ପାଇଁ ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୧୦ ଲକ୍ଷ ଏବଂ ତୃତୀୟ ସ୍ଥାନ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ଜିଲ୍ଲା ପରିଷଦଗୁଡିକୁ ପ୍ରଥମ ସ୍ଥାନ ପାଇଁ ୨୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ୨୦ ଲକ୍ଷ ଓ ତୃତୀୟ ସ୍ଥାନ ପାଇଁ ୧୫ ଲକ୍ଷର ଅର୍ଥରାଶି ପ୍ରଦାନ କରାଯିବ। ଏହି ଅର୍ଥରାଶି ସାମଗ୍ରିକ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଡିଜିଟାଲ ଓ ସାର୍ବଜନୀନ ଲାଇବ୍ରେରୀ, ସ୍ୱତନ୍ତ୍ର ଦିବସ ପାଳନ, ଅଙ୍ଗନବାଡ଼ି କେନ୍ଦ୍ରର ମରାମତି ଓ ପୁନଃନବୀକରଣ, ଶିଶୁମାନଙ୍କ ପାଇଁ ବିନୋଦନ ସୁବିଧା, ଦିବ୍ୟାଙ୍ଗଜନଙ୍କ ବିକାଶ, ସୂଚନା-ଶିକ୍ଷା-ସଞ୍ଚାର ଆଦି କ୍ଷେତ୍ରରେ ଖର୍ଚ୍ଚ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଅଗ୍ନିକାଣ୍ଡରେ ଜିଅନ୍ତା ଜଳିଗଲେ ଯୁବକ



ଅନୁଗୋଳ,୨୮।୭(ସମିସ):ଅନୁଗୋଳ ଟାଉନ୍ ଥାନା ଅନ୍ତର୍ଗତ ଗୀତା ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ଜଣେ ଯୁବକ ଜିଅନ୍ତା ଜଳିଯାଇଛନ୍ତି। ମୃତକ ହେଲେ, ଜୟପୁର ଅଞ୍ଚଳର ରାଧାମୋହନ ସାହୁଙ୍କ ପୁଅ ସରୋଜ ସାହୁ(୩୫)। ସୂଚନାନୁଯାୟୀ, ରବିବାର ସରୋଜ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ସରୋଜ ଘରେ ଏକାକୀ ଥିବା ବେଳେ ଛୁଆକୁ ନେଇ ସ୍ତ୍ରୀ କେଉଁଆଡ଼େ ଚାଲିଯାଇଥିଲେ। ସୋମବାର ଭୋର୍ ୪ଟାରେ ସରୋଜଙ୍କ ଘରେ ନିଆଁ ଲାଗିଥିବା ଦେଖି ପଡ଼ୋଶୀଘର ଲୋକେ ପୁଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସାଢ଼େ ୪ଟାରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରି ସରୋଜଙ୍କୁ ଉଦ୍ଧାର କରିଥିଲା। ତେବେ ସେତେବେଳକୁ ସରୋଜଙ୍କ ମୃତ୍ୟୁ ହୋଇସାରିଥିଲା। ତେବେ କେଉଁ ପରିସ୍ଥିତିରେ ସରୋଜଙ୍କ ମୃତ୍ୟୁ ଘଟିଲା ତାହା ଜଣାପଡ଼ିନାହିଁ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଦହିବରା ଖାଇ ୪୦ରୁ ଊର୍ଦ୍ଧ୍ୱଙ୍କୁ ଝାଡ଼ାବାନ୍ତି

ହାଟଡ଼ିହୀ, ୨୮।୭ (ସମିସ): ହାଟଡ଼ିହୀ ବ୍ଲକ୍ ସମଣା ପଞ୍ଚାୟତର ପ୍ରାୟ ୪୦ରୁ ଅଧିକ ଲୋକ ଦହିବରା ଖାଇ ଝାଡ଼ାବାନ୍ତିର ଶିକାର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ପ୍ରତିଦିନ ପରି ଆଜି ପୂର୍ବାହ୍ନରେ ସରମଙ୍ଗା ଗ୍ରାମର ବୁଲା ଦହିବରା ବେପାରୀ ଗାଁକୁ ଦହିବରା ନେଇ ବିକ୍ରି କରିବାକୁ ଆସିଥିଲା। ସମଣା, ଚାପୁଣ୍ଡିଆ, ବାହାରିପୁର, କୋଦମଡ଼ିହି ଆଦି ଗ୍ରାମର ୪୦ରୁ ଅଧିକ ଲୋକ ଉକ୍ତ ବେପାରୀଙ୍କଠାରୁ ଦହିବରା ଖାଇଥିଲେ। ଖାଇବାର କିଛି ସମୟ ମଧ୍ୟରେ ପ୍ରାୟ ସମସ୍ତେ ଜଣଙ୍କ ପରେ ଜଣେ ଅସୁସ୍ଥ ହୋଇଥିଲେ। କାହାର ଝାଡ଼ା ହୋଇଥିଲା ତ ପୁଣି କାହାର ବାନ୍ତି। ଏଭଳି ଅବସ୍ଥା ଦେଖି ଅସୁସ୍ଥ ପରିବାରଲୋକ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। କିଛି ଅସୁସ୍ଥ ଶାଳଣିଆଁ ଗୋଷ୍ଠୀ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ଆଉ କିଛିଜଣଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ଅର୍ଥାଭାବରୁ ଯେଉଁମାନେ ମେଡିକାଲ ଯାଇପାରିନାହାନ୍ତି, ଗାଁ ଆଶା ଓ ଅଙ୍ଗନବାଡି କର୍ମୀଙ୍କଠାରୁ ମେଡିସିନ ଖାଇଥିବା ଜଣାପଡ଼ିଛି। ଚିକିତ୍ସା ପରେ କିଛି ଲୋକ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ବାହାରିପୁର ଗ୍ରାମର ଜିତେନ୍ଦ୍ର ସାହୁ, ଚାପୁଣ୍ଡିଆ ଗ୍ରାମର ହରିହର ସାହୁ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**ବୃଷ:** ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମିଥୁନ:** ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ ଏବଂ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ସରକାରୀ କାମ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମଠ ତଥା ମନ୍ଦିରରେ ଦାନ କରିବେ।

# ପୁରୀ ରଥଯାତ୍ରାରେ ଦୁର୍ଘଟଣାଗ୍ରସ୍ତ ଯବାନଙ୍କ ମୃତ୍ୟୁ

ନୂଆପଡ଼ା, ୨୮।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ଭରୁଆମୁଣ୍ଡା ଗାଁର ଲକ୍ଷ୍ମଣ ମାଝୀ (୪୨)ନାମକ ଜଣେ ଆଇଆରବି ଯବାନଙ୍କ ମୃତ୍ୟୁ ଘଟିଛି। ଚଳିତବର୍ଷ ସେ ପୁରୀରେ ରଥଯାତ୍ରା ସମୟରେ ସେ କାର୍ଯ୍ୟରତ ଥିଲେ। ହେଲେ ଜୁନ୍ ୨୪ରେ ଦୁର୍ଘଟଣାର ସମ୍ମୁଖୀନ ହେବାରୁ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଦୀର୍ଘ ମାସେ କାଳ ଜୀବନ ସହ ସଂଗ୍ରାମ କରିବା ପରେ ରବିବାର ରାତିରେ ଆଖି ବୁଜିଛନ୍ତି। ତାଙ୍କ ମରଶରୀରକୁ କଟକରେ ବ୍ୟବଚ୍ଛେଦ ପରେ ନିଜ ଭିଟାମାଟିକୁ ଅଣାଯାଉଛି। ମଙ୍ଗଳବାର ଅନ୍ତିମ ସଂସ୍କାର କରାଯିବ। ୧୭ବର୍ଷ ତଳେ ସେ ଆଇଆରବିରେ ଯୋଗ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲା ବିଶେଷକରି ମାଓବାଦୀ ଅଞ୍ଚଳରେ କାମ କରିଥିଲେ। ବର୍ତ୍ତମାନ ସେ ରାୟଗଡ଼ା କ୍ୟାମ୍ପରେ ଅବସ୍ଥାପିତ ଥିଲେ। ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ ସକାଶେ ପୁରୀରେ କାର୍ଯ୍ୟରତ ଥିଲେ। ପୁରୀରେ ସକାଳୁ ବୁଲୁଥିବା ସମୟରେ ଏକ ଗାଡ଼ି ପଛପଟୁ ଧକ୍କା ଦେଇ ଚାଲିଯାଇଥିଲା। ତାଙ୍କ ମୁଣ୍ଡରେ ଶକ୍ତ ଧକ୍କା ଲାଗିଥିବା ବେଳେ ଗୋଡ଼ ଦୁଇଟି ଭାଙ୍ଗିଯାଇଥିଲା। ସେହି ଦିନଠାରୁ ସେ କଟକ ବଡ଼ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ଏହି ଘଟଣା ପରେ ୪ଝିଅଙ୍କୁ ନେଇ ଲକ୍ଷ୍ମଣଙ୍କ ସ୍ତ୍ରୀ ଜ୍ୟୋତିର୍ମୟୀ ଭାଙ୍ଗିପଡ଼ିଛନ୍ତି। ତେଣୁ ସରକାରଙ୍କ ତରଫରୁ ସହାୟତା ଯୋଗାଇବା ସହ ସ୍ତ୍ରୀଙ୍କୁ ଚାକିରି ଏବଂ ଝିଅମାନଙ୍କ ପାଠପଢ଼ା, ଭରଣପୋଷଣ ପାଇଁ ସହାୟତା ଯୋଗାଇଦେବାକୁ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଦାବି କରିଛି। ସୂଚନାଯୋଗ୍ୟ, ପୂର୍ବରୁ ଜଣେ ଦୁଇ ଜଣ ଆଇଆରବିଏନ୍ ଯବାନଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ଓଡିଶା ପୁଲିସ ତରଫରୁ ରାଷ୍ଟ୍ରୀୟ ସମ୍ମାନ ଦିଆଯାଇନି। ଏବେ ଲକ୍ଷ୍ମଣଙ୍କ ମର ଶରୀରକୁ ସମ୍ମାନ ଦେବାକୁ ଦାବି କରାଯାଇଛି।

### ମାଓବାଦୀଙ୍କ ସହିଦ ସପ୍ତାହ ଆରମ୍ଭ

# ମାଲକାନଗିରି ଜିଲ୍ଲାରେ ପୁଲିସ ପକ୍ଷରୁ ହାଇଆଲର୍ଟ

ଭୁବନେଶ୍ୱର,୨୮।୭(ସମିସ): ଆଜିଠୁ ମାଓବାଦୀ ପାଳନ କରୁଛନ୍ତି ସହିଦ ସପ୍ତାହ। ସହିଦ ସାଥୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜୁଲାଇ ୨୮ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ମାଓବାଦୀ ଏହି ଦିବସ ପାଳନ କରିଥାଆନ୍ତି ଓ ଏହି ସପ୍ତାହରେ ନିଜର ଦବ୍‌ଦବା ଦେଖାଇବା ନିମନ୍ତେ ବିଭିନ୍ନ ଅଘଟଣ ଘଟାଇଛନ୍ତି। ଏହି ପରିପ୍ରେକ୍ଷୀରେ ମାଓ ହିଂସା ଆଶଙ୍କାରେ ପ୍ରଭାବିତ ଅଞ୍ଚଳରେ ପୁଲିସ କଡ଼ା ସୁରକ୍ଷା ବ୍ୟବସ୍ଥା କରିଛି। ସୀମା ସିଲ୍ ସହ

- ମାଓବାଦୀଙ୍କ ଗତିବିଧି ଉପରେ ଡ୍ରୋନ ଦ୍ୱାରା ନଜର
- ଦମନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି: ଏଡିଜି

କମ୍ବିଂ ଓ ସର୍ଚ୍ଚ ଅପରେସନ୍ ଜୋରଦାର କରାଯାଇଛି। ପୁନଶ୍ଚ ଆକାଶ ମାର୍ଗରୁ ଡ୍ରୋନ୍ ମାଧ୍ୟମରେ ମାଓବାଦୀଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି। ଏହା ସହ ସାଟେଲାଇଟ୍ ଫଟୋ ଜରିଆରେ ମଧ୍ୟ ପୁଲିସ ମାଓବାଦୀଙ୍କ ଗତିବିଧି ନଜର ରଖିଛି ବୋଲି ସୂଚନା ଦେଇଛନ୍ତି ଆଣ୍ଟି ନକ୍ସଲ ଅପରେସନ ଏଡିଜି ସଞ୍ଜୀବ ପଣ୍ଡା। ସେ କହିଛନ୍ତି ଯେ ମାଲକାନଗିରି ଜିଲ୍ଲାରେ ହାଇଆଲର୍ଟ ଜାରି କରାଯାଇଛି। ସହିଦ ସପ୍ତାହ ଆରମ୍ଭ ପୂର୍ବରୁ ଆନ୍ଧ୍ର-ଓଡ଼ିଶା-ଛତିଶଗଡ଼ ସୀମା ସିଲ୍ ହୋଇଛି। ତିନି ରାଜ୍ୟର ପୁଲିସ ଓ ସୁରକ୍ଷାବଳ ପକ୍ଷରୁ କମ୍ବିଂ, ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରାଯାଇଛି। ସହିଦ ସପ୍ତାହକୁ ନେଇ ମାଲକାନଗିରି ଜିଲ୍ଲାରେ ପୁଲିସ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ନାକା ଲଗାଇଛି। ଅଜଣା ବ୍ୟକ୍ତି ଓ ଯାନବାହନ ଯାଞ୍ଚ ପରେ ଜିଲ୍ଲା ଭିତରକୁ ଛଡ଼ାଯାଉଛି। ନ ହେଲେ ଆହୁରି ମଧ୍ୟ ଜଙ୍ଗଲ ରାସ୍ତାରେ ମଧ୍ୟ ପୁଲିସ ନଜର ରଖିଛି। ଗାଁ ଭିତରକୁ ଯେପରି କେହି ମାଓବାଦୀ ପ୍ରବେଶ କରିନପାରିବେ ସେଥିପାଇଁ ପୁଲିସ ସଜାଗ ରହିଛି।

ଗତକାଲି ସରଣ୍ଡା ଜଙ୍ଗଲରେ ମାଓବାଦୀ ମାଟି ତଳେ ଲୁଚାଇଥିବା ୩୫ଲକ୍ଷ ଟଙ୍କାକୁ ପୁଲିସ ଜବତ କରିଛି। ବର୍ଷାପାଗ ଯୋଗୁ ମାଓବାଦୀମାନେ ଟଙ୍କା ସାଥିରେ ନେବା ଅସମ୍ଭବ ହୋଇପଡୁଛି। ତେଣୁ ସେମାନେ ଜଙ୍ଗଲ ଭିତରେ ଏକ ଗଛ ମୂଳରେ ପୋତି ଦେଉଛନ୍ତି। ପୂର୍ବରୁ ଓଡିଶାରେ ମଧ୍ୟ ମାଓବାଦୀ ଜଙ୍ଗଲ ଭିତରେ ମାଟିତଳେ ବନ୍ଧୁକ ଏବଂ ଅନ୍ୟ ବିସ୍ଫୋରକ ପୋତି ରଖୁଥିଲେ। ଏବେ ସେମାନେ ଟଙ୍କା ଲୁଚାଇବା ପାଇଁ ଏଭଳି ପନ୍ଥା ଆପଣାଉଛନ୍ତି। ପୁଲିସର କୁମ୍ବିଂ ଅପରେସନ୍ ଜୋରଦାରକୁ ନଜରରେ ରଖି ଏଭଳି ପଦେକ୍ଷପ ନେଉଛନ୍ତି ବୋଲି ସେ କହିଛନ୍ତି।

### ୪ ଥର ଆସିବା ପରେ ହେଉନି ସମାଧାନ

# ପ୍ରତିଶ୍ରୁତି ପତ୍ରକୁ ଚିରି ଫିଙ୍ଗିଦେଲେ ଦିବ୍ୟାଙ୍ଗ

ଭୁବନେଶ୍ୱର,୨୮।୭(ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ ନେଇ ଆସିବା ପରେ ମଧ୍ୟ ସମସ୍ୟାରେ ସମାଧାନ ହେଉନାହିଁ। ଏତେ ଦୂରରୁ ଟଙ୍କା ଖର୍ଚ୍ଚ କରି ଆସିବା ଓ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଦାଖଲ ପରେ ମଧ୍ୟ ଏହାର ସୁଫଳ ମିଳୁନାହିଁ। ଯାହାଫଳରେ ଅନେକ ଲୋକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି।

ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ କିଛି ଦୃଶ୍ୟ ସାମନାକୁ ଆସିବା ପରେ ସରକାରୀ ବ୍ୟବସ୍ଥା ଓ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ପାଳନର ବାସ୍ତବ ସ୍ଥିତିକୁ ପଦାରେ ପକାଇଛି। ବୁର୍ଲା ସ୍ଥିତ ନାରାୟଣ ବାଗ ନାମକ ଜଣେ ବ୍ୟକ୍ତି ଭୀମସାର କଲେଜ ବିରୋଧରେ ଅଭିଯୋଗ ଆଣିଛନ୍ତି। ୪ ଥର ହେଲା ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିଲେ ବି ତାଙ୍କ ଅଭିଯୋଗର କୌଣସି ସମାଧାନ ହେଉନଥିବା ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ସରକାରୀ ଚାକିରୀରେ ଥିବା ବେଳେ ତାଙ୍କୁ ବିନା ନୋଟିସରେ ୨୦୦୭ ଜାନୁଆରି ୬ ତାରିଖରୁ ବାହାର କରି ଦିଆଯାଇଥିଲା। ବର୍ତ୍ତମାନ

### ଆତ୍ମାହୁତି ଧମକ ଦେଲେ ଅଭିଯୋଗକାରୀ

କୋର୍ଟ ପୁନର୍ବାର ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାଙ୍କ ନିଯୁକ୍ତି ହୋଇପାରୁ ନାହିଁ। ଭୀମସାର କଲେଜର ଲିଗାଲ ସେଲ୍ ଅଫିସର ପ୍ରସନ୍ନ ସ୍ୱାଇଁ ତାଙ୍କୁ ହଇରାଣ କରୁଛନ୍ତି। ଆତ୍ମାହୁତି ଦେଲେ ହୁଏତ ଏହି ଅଭିଯୋଗର ସମାଧାନ ହେବ ବୋଲି ସେ ଅଭିଯୋଗ କରିଛନ୍ତି।

ସେହିପରି ବାଲେଶ୍ୱର ବସ୍ତା ଅଞ୍ଚଳର ରଞ୍ଜିତ ମାନା ଅଭିଯୋଗ ପ୍ରକୋଷ୍ଠରୁ ମିଳିଥିବା ପ୍ରତିଶ୍ରୁତିପତ୍ର ଚିରି ଦେଇଛନ୍ତି। ଦିବ୍ୟାଙ୍ଗ ରଞ୍ଜିତ ପୂର୍ବରୁ ୮୫ ପ୍ରତିଶତ ଦିବ୍ୟାଙ୍ଗ ଥିବା ବେଳେ ବର୍ତ୍ତମାନ ତାଙ୍କୁ ୭୦ ପ୍ରତିଶତ କରିଦେଇ ଭତ୍ତା କମାଇ ଦିଆଯାଇଛି। ଯେଉଁଥିପାଇଁ ସେ ବାରମ୍ବାର ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦେଖା କରି ଜଣାଇଥିଲେ ବି ଏହି ସମସ୍ୟାର ସମାଧାନ ହୋଇନାହିଁ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଏ ବାବଦରେ ସେ ତିନିଥର ଜଣାଇଥିଲେ ବି କିଛି ସୁଫଳ ମିଳିପାରି ନାହିଁ। ବିଭାଗୀୟ ମନ୍ତ୍ରୀ ତାଙ୍କୁ ପୁଣି ଜିଲ୍ଲାପାଳଙ୍କ ନିକଟକୁ ଯିବାକୁ ପରାମର୍ଶ ଦେଉଛନ୍ତି। ତେଣୁ ଜିଲ୍ଲାପାଳଙ୍କ ପାଖରୁ ନିରାଶ ଫେରିଥିବା ଲୋକ ଅତି କଷ୍ଟରେ ପ୍ଲାଟଫର୍ମରେ ଶୋଇ ଏହି ଅଭିଯୋଗ ପ୍ରକୋଷ୍ଠକୁ ଆସି ଦୁଃଖ ଜଣାଇବା ପରେ ପୁଣି କାହିଁକି ସେଠାକୁ ଯିବ ବୋଲି ସେ ପ୍ରଶ୍ନ କରିବା ସହ ତାଙ୍କ ପ୍ରତିଶ୍ରୁତି ପତ୍ରକୁ ଚିରି ଦେଇଛନ୍ତି।

ଅନ୍ୟ ଏକ ଘଟଣାରେ ଆମ୍ବୁଲାନ୍ସ କର୍ମଚାରୀ ସଂଘର କିଛି ବ୍ୟକ୍ତି ୫ ଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିଲେ ମଧ୍ୟ କୌଣସି ସମାଧାନ ହେଉ ନ ଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ୧୦୮ ଆମ୍ବୁଲାନ୍ସ ପରିଚାଳନା ସଂସ୍ଥା ବଦଳିବା ପରେ ନିର୍ଦ୍ଦିଷ୍ଟ ଭାବେ ସେମାନେ ଟାର୍ଗେଟ୍ କରି ୭୦ ଜଣ କର୍ମଚାରୀଙ୍କୁ ଛଟେଇ କରିଛନ୍ତି। ସେମାନଙ୍କୁ କିପରି ପୁନଃ ନିଯୁକ୍ତି ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୫ ଥର ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

## 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ

# ରାଜ୍ୟର ୧୧ ସହର, ୨୦୦ ବ୍ଲକ୍‌ରେ ଚାରା ବଣ୍ଟନ

ଭୁବନେଶ୍ୱର, ୨୮।୭ (ସମିସ):

'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂସ୍ଥା ପକ୍ଷରୁ ଏକ ନିଆରା ପଦକ୍ଷେପ ହାତକୁ ନିଆଯାଇ ରାଜ୍ୟବ୍ୟାପି ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଛ ବଞ୍ଚିଲେ ପରିବେଶ ସୁରକ୍ଷିତ ରହିବ। ଏହି ଉକ୍ତିକୁ ସଫଳ କରିବାର ପ୍ରୟାସରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ରାଜ୍ୟର ୧୧ସହର ଏବଂ ୨୦୦ରୁ ଅଧିକ ବ୍ଲକରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମେତ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା, ଢେଙ୍କାନାଳ, ପୁରୀ, ସମ୍ବଲପୁର, ମୟୂରଭଞ୍ଜ, ନୟାଗଡ଼ ଏବଂ ପାରାଦୀପର ବିଭିନ୍ନ ସ୍ଥାନରେ ବନ ବିଭାଗ ପକ୍ଷରୁ ପ୍ରଦତ୍ତ ୧୦ହଜାରରୁ ଅଧିକ ଚାରା ବଣ୍ଟନ କରାଯାଇଥିଲା।

ରାଜଧାନୀ ଭୁବନେଶ୍ୱରରେ ଚନ୍ଦ୍ରଶେଖରପୁରସ୍ଥିତ ବିସିସିଏଲ୍ ପେଟ୍ରୋଲ ପମ୍ପ ପରିସରରେ ଚାରା ବଣ୍ଟନ କରାଯାଇଥିଲା। ସକାଳ ୮ଟାରୁ ୧୨ଟା ମଧ୍ୟରେ ଛାଇ ପ୍ରଦାନକାରୀ ଶାଳ, ଶିଶୁ, ଚନ୍ଦନ ଭଳି ଦେଶୀୟ ବୃକ୍ଷ ରହିଥିଲା ବେଳେ ଆମ୍ବ, ପିଜୁଳି, ଲେମ୍ବୁ, ସଜନା ଭଳି ଫଳନ୍ତି ଗଛର ଚାରା ବଣ୍ଟାଯାଇଥିଲା। ଏହାବ୍ୟତିତ ବାସ୍କେଟ୍‌ରେ ଫୁଲ ଏବଂ ଔଷଧୀୟ ବୃକ୍ଷର ଚାରା ମଧ୍ୟ ରହିଥିଲା। ବହୁ ସଂଖ୍ୟାରେ ଲୋକ ସ୍ୱତଃପ୍ରବୃତ ଭାବେ ଆସି ଚାରା ସଂଗ୍ରହ କରିଥିଲେ। ପେଟ୍ରୋଲ୍ ପମ୍ପକୁ ତେଲ ପକାଇବାକୁ ଆସିଥିବା ଗ୍ରାହକମାନେ ହାତ ପାଆନ୍ତାରେ ଚାରା ପାଇ ଅତ୍ୟନ୍ତ ଖୁସି ଅନୁଭବ କରିବା ସହ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ।

ଭୁବନେଶ୍ୱରଠାରେ ବିପିସିଏଲ୍ ସର୍ଭିସ ପ୍ରୋଭାଇଡର୍ ଚନ୍ଦ୍ରଶେଖର ପଣ୍ଡା ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଚାରା ବଣ୍ଟନ କରିଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା କହିଥିଲେ, ବୃକ୍ଷ ଆମ ଜୀବନର ଏକ ଅଭିନ୍ନ ଅଙ୍ଗ। ଏହା ବିନା ମାନବଜାତି ବଞ୍ଚି ରହିବା କଷ୍ଟ। ଏଭଳି ପ୍ରୟାସ ପାଇଁ ସେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ଟିମ୍‌କୁ ଧନ୍ୟବାଦ ଦେଇଥିଲେ। 'ସକାଳ' ବିଜ୍ଞାପନ ବିଭାଗ ଏଜିଏମ୍ ଦିଲ୍ଲୀପ ମହାପାତ୍ର କହିଛନ୍ତି ପରିବେଶ ସୁରକ୍ଷା ପାଇଁ ଏହା ଆମର ଏକ ଛୋଟ ପ୍ରୟାସ। ଆଗକୁ ଆମେ ପ୍ରତ୍ୟେକବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବୁ। କାର୍ଯ୍ୟକ୍ରମରେ 'ସକାଳ' ପ୍ରସାର ବିଭାଗର ପ୍ରମୋଦ ନାୟକ, ପ୍ରିୟବ୍ରତ ଦାସ, ଚନ୍ଦନ ନାୟକ, ସୁଧାଂଶୁ ସାହୁ, ବିଜୟ ସାସ୍‌ମଲ୍, ବିଜ୍ଞାପନ ବିଭାଗ ପକ୍ଷରୁ କ୍ଷୀରୋଦ ବେହେରା, ଅଭିଷେକ ସାହୁ, ନନ୍ଦନକାନନ ପ୍ରତିନିଧି ଦୁଃଷ୍ମନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ପାର୍ଶ୍ୱର ଖମାରିସାହି ନାୟକ ପେଟ୍ରୋଲିୟମ୍‌ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶତାଧିକ ଲୋକଙ୍କୁ ଚାରା ବଣ୍ଟନ କରାଯାଇଥିଲା। ସେହିଭଳି ମୟୂରଭଞ୍ଜ ଜିଲ୍ଲାର ବେତନଟୀସ୍ଥିତ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱର ସ୍ୱସ୍ତିକ ପେଟ୍ରୋଲ ପମ୍ପରେ ସକାଳ ୮ ଟାରେ ଚାରାବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।



ଭୁବନେଶ୍ୱର


ପାରାଦୀପ


ଢେଙ୍କାନାଳ


ସମ୍ବଲପୁର



ନୟାଗଡ଼



ବ୍ରହ୍ମପୁର


ପୁରୀ


ବାଲେଶ୍ୱର


ବାରିପଦା


ରାଉରକେଲା

In Association with...
vedanta transforming for good
MCL MAHANADI COALFIELDS LIMITED
AM/NS INDIA
imfa
JINDAL PANTHER TMT REBARS
ନାଲକୋ NALCO
TPWODL TP WESTERN ODISHA DISTRIBUTION LIMITED
JSW BPSL Better Everyday
Paradeep Phosphates
Virat Group of Institutions
GN ELECTRONICS
GLR infra
VEDIC GROUP OF INSTITUTIONS
BADRIPRASAD Institute of Technology
PINNACLE GROUP OF INSTITUTION, SAMBALPUR
POPULAR MOBILE
PK ACADEMY
TVS BALASORE TVS

## ମହିଳା ୟୁରୋ: ଇଂଲଣ୍ଡ ଚାମ୍ପିଅନ୍



ବାସେଲ,୨୮ ।୭ (ଏଜେନ୍ସି): ୟୁରୋପ ମହାଦେଶର ଶ୍ରେଷ୍ଠ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ୟୁଫା ୟୁରୋ ଚାମ୍ପିଅନସିପ୍‌ରେ ଇଂଲଣ୍ଡ ଚାମ୍ପିଅନ ହୋଇଛି। ରବିବାର ରାତିରେ ସୁଇଜରଲାଣ୍ଡର ବାସେଲରେ ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଇଂଲଣ୍ଡ ସୁଟ୍‌ଆଉଟ୍‌ରେ ୩-୧ ଗୋଲ୍‌ରେ ସ୍ପେନ ମହିଳା ଦଳକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚ୍ ୧-୧ରେ ବରାବର୍ ରହିବା ପରେ ଅତିରିକ୍ତ ୩୦ ମିନିଟ୍ ଖେଳାଯାଇଥିଲା। ଏଥିରେ ମଧ୍ୟ ଫଳାଫଳ ବାହାରି ନ ଥିଲା। ଶେଷରେ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଇଂଲଣ୍ଡ ଗୋଲ୍‌ରକ୍ଷକ ହାନ୍ନା ହମ୍ପଟନ ଚମତ୍କାର ପ୍ରଦର୍ଶନ କରି ପ୍ରତିପକ୍ଷର ୨ଟି ସଟ୍‌କୁ ଅଟକାଇଦେଇଥିଲେ। ଫଳରେ ଇଂଲଣ୍ଡ ମହିଳା ଦଳ ପ୍ରଥମଥର ଲାଗି ବିଦେଶ ମାଟିରେ ଏକ ମେଜର ଟାଇଟଲ୍ ଜିତିବାରେ ସଫଳ ହୋଇଛି।

## ସୁପ୍ରିମ କୋର୍ଟରୁ ଲକ୍ଷ୍ୟଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୨୮ ।୭ (ଏଜେନ୍ସି); ଭାରତୀୟ ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍‌ଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଜନ୍ମ ପ୍ରମାଣପତ୍ର ନେଇ ଲକ୍ଷ୍ୟ, ତାଙ୍କ ପରିବାର ସଦସ୍ୟ ଓ ପ୍ରଶିକ୍ଷକଙ୍କ ନାମରେ ରୁଜୁ ହୋଇଥିବା ଏଫ୍‌ଆଇଆର୍‌କୁ ସୋମବାର ସୁପ୍ରିମ କୋର୍ଟ ରଦ୍ଦ କରିଦେଇଛନ୍ତି।

**ଜାଲ ଜନ୍ମ ପ୍ରମାଣପତ୍ର ମାମଲା ରଦ୍ଦ**

ଜଷ୍ଟିସ ସୁଧାଂଶୁ ଧୁଲିଆ ଓ ଅରବିନ୍ଦ କୁମାରଙ୍କୁ ନେଇ ଗଠିତ ବେଞ୍ଚ୍ କହିଛନ୍ତି, ‘ଲକ୍ଷ୍ୟ ସେନଙ୍କ ବିରୋଧରେ ଅପରାଧିକ ମାମଲା ଜାରି ରଖିବା ଅନୁଚିତ ଓ ଏହା କୋର୍ଟ ପ୍ରକ୍ରିୟାର ଅପବ୍ୟବହାର’। ଏମ୍‌ଜି ନାଗରାଜ ଅଭିଯୋଗ ଆଣିଥିଲେ ଯେ, ଲକ୍ଷ୍ୟ ଓ ତାଙ୍କ ଭାଇ ଚିରାଗ ସେନଙ୍କ ଜନ୍ମ ପ୍ରମାଣପତ୍ରରେ ଜାଲିଆତି କରାଯାଇଛି। ଲକ୍ଷ୍ୟଙ୍କ ପିତା-ମାତା ଧୀରେନ୍ଦ୍ର ଓ ନିର୍ମଳା ସେନ୍, ପ୍ରଶିକ୍ଷକ ବିମଳ କୁମାର ଓ କର୍ଣ୍ଣାଟକ ବ୍ୟାଡ୍‌ମିଣ୍ଟନ ସଂଘର କର୍ମକର୍ତ୍ତା ଜନ୍ମ ପ୍ରମାଣପତ୍ର ରେକର୍ଡରେ ଜାଲିଆତି କରିଛନ୍ତି। ଗତ ଫେବୃଆରୀ ୧୯ରେ କର୍ଣ୍ଣାଟକ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମ କୋର୍ଟରେ ଏହି ମାମଲା ଦାୟର କରାଯାଇଥିଲା। କିନ୍ତୁ ସୋମବାର କର୍ଣ୍ଣାଟକ ହାଇକୋର୍ଟଙ୍କ ରାୟକୁ ସଠିକ୍ ଦର୍ଶାଇ ସୁପ୍ରିମ କୋର୍ଟ ଆବେଦନକୁ ଖାରଜ କରିଦେଇଥିଲେ।

● ଗ୍ରୀନ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ସ୍ନୁକର

## ସୁବ୍ରତ, ଚିରାଗ, ରାକେଶଙ୍କ ଡବଲ୍ ବିଜୟ

ଭୁବନେଶ୍ୱର,୨୮ ।୭ (ସମିସ): ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ମୁଖ୍ୟ ପର୍ଯ୍ୟାୟ ସୋମବାରଠୁ ଆରମ୍ଭ ହୋଇଛି। ମୁଖ୍ୟ ପର୍ଯ୍ୟାୟରେ ସୋମବାର ୧୬ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସୁବ୍ରତ ଦାସ, ରାକେଶ ପ୍ରଧାନ ଓ ଚିରାଗ ଆରୋରା ଡବଲ୍ ବିଜୟ ହାସଲ କରିଛନ୍ତି। ସୁବ୍ରତ ୩-୨ ଫ୍ରେମରେ ଅଲି ଖାନଙ୍କୁ ଓ ୩-୧ ଫ୍ରେମ୍‌ରେ ନିଶ୍ଚୟ ମିଶ୍ରଙ୍କୁ ପରାସ୍ତ କରିଥିଲେ। ସେହିଭଳି ରାକେଶ ପ୍ରଥମେ ୩-୦ରେ ଅମୀୟ ନାୟକଙ୍କୁ ଓ ୩-୦ରେ ଅଲ୍‌ତାଫ୍ ଅଲିଙ୍କୁ ହରାଇଛନ୍ତି। ଚିରାଗ ମଧ୍ୟ ରାହୁଲ ହାଲି ଓ ଅମିତ୍ ସିଂଙ୍କୁ ଯଥାକ୍ରମେ ୩-୦ ଓ ୩-୧ ଫ୍ରେମ୍‌ରେ ପରାସ୍ତ କରିଛନ୍ତି।

**ମହିଳା ଚେସ୍ ବିଶ୍ୱକପ୍‌ରେ ଇତିହାସ ରଚିଲା ଭାରତ**

# ଦିବ୍ୟା ପ୍ରଥମ ଚାମ୍ପିଅନ, ହମ୍ପି ରନର୍ସ ଅପ୍



- ଚେସ୍ ବିଶ୍ୱକପ୍ ଜିତିବାରେ ଦିବ୍ୟା ସର୍ବକନିଷ୍ଠା
- ଭାରତର ପ୍ରଥମ ଟାଇଟଲ ବିଜେତା
- ଚତୁର୍ଥ ମହିଳା ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ
- ପାଇ ନ ଥିଲେ ଗୋଟିଏ ଜିଏମ୍ ନର୍ମ
- ପୁରସ୍କାର ବାବଦରେ ୪୧.୬ ଲକ୍ଷ ଟଙ୍କା

ନୂଆଦିଲ୍ଲୀ,୨୮।୭ (ଏଜେନ୍ସି)

ଭାରତର ଦିବ୍ୟା ଦେଶମୁଖ ଫିଡେ ଆନୁକୂଲ୍ୟରେ ଅନୁଷ୍ଠିତ ମହିଳା ଚେସ୍ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛନ୍ତି। ଜର୍ଜିଆର ବାଟୁମିଠାରେ ଆଜି ଶେଷ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲରେ ସେ ଆଉ ଜଣେ ଭାରତୀୟ ତଥା ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପିଙ୍କୁ ପରାସ୍ତ କରିଥିଲେ। ପ୍ରଥମଥର ଲାଗି ଭାରତର ଜଣେ ମହିଳା ଖେଳାଳି ୧୯ ବର୍ଷୀୟା ନାଗପୁରର ଦିବ୍ୟା ଏହି ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ଟାଇଟଲ ବିଜୟ ସହ ସେ ସିଧାସଳଖ ଗ୍ରାଣ୍ଡମାଷ୍ଟର ଆଖ୍ୟା ଅର୍ଜନ କରିଛନ୍ତି। ଦିବ୍ୟା ମଧ୍ୟ ଭାରତର ୮୮ତମ ଓ ଚତୁର୍ଥ ମହିଳା ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ଫାଇନାଲରେ ପ୍ରବେଶ ସହ ଉଭୟ ଖେଳାଳି କ୍ୟାଣ୍ଡିଡେଟ୍ସ ଚେସ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ପୂର୍ବରୁ ଭାରତର କୌଣସି ଖେଳାଳି ଚେସ୍ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରି ନ ଥିଲେ। ଚଳିତବର୍ଷ ଏକାଥରକେ ଦୁଇଜଣ ଫାଇନାଲରେ ପ୍ରବେଶ କରି ପ୍ରଥମ ଇତିହାସ ସୃଷ୍ଟି କରିବା ସହ ଜଣେ ହେଲେ ଭାରତୀୟ ଚାମ୍ପିଅନ ହେବା ସ୍ପଷ୍ଟ କରିଥିଲେ। ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିବା ବିଶ୍ୱ ରାପିଡ ଚେସ୍ ଚାମ୍ପିଅନ ହମ୍ପି ଟାଇମ ପ୍ରେସରର ଉଚିତ ମୁକାବିଲା କରି ନ ପାରି ଗୋଟିକ ପରେ ଗୋଟିଏ ତ୍ରୁଟି କରିଥିଲେ।

ଫିଡେ ମହିଳା ବିଶ୍ୱକପ୍‌ରେ ଫାଇନାଲ ମୁକାବିଲା କ୍ଲାସିକ ପର୍ଯ୍ୟାୟରେ ୨ ରାଉଣ୍ଡ ବିଶିଷ୍ଟ ହୋଇଥାଏ। ଏଥିରେ ଫଳାଫଳ ନ ମିଳିଲେ ରାପିଡ ପର୍ଯ୍ୟାୟରେ ଆଉ ୨ ରାଉଣ୍ଡ ଖେଳାଯାଇଥାଏ। କ୍ଲାସିକ ବିଭାଗ ଫାଇନାଲର ପ୍ରଥମ ରାଉଣ୍ଡ ଖେଳର ମୀମାଂସା ହୋଇ ପାରି ନ ଥିଲା। ଦ୍ୱିତୀୟ ରାଉଣ୍ଡରେ ମଧ୍ୟ ସମାନ ଫଳାଫଳ ମିଳିଥିଲା। କ୍ଲାସିକ୍ ପର୍ଯ୍ୟାୟର ୨ଟି ଯାକ ରାଉଣ୍ଡ ଖେଳର ପଏଣ୍ଟ ସଂଖ୍ୟା ସମାନ ରହିବା ପରେ ଆଜି ଟାଇବ୍ରେକ୍ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ରାଉଣ୍ଡରେ ଦିବ୍ୟା ଧଳାଗୋଟି ନେଇ ଖେଳିଥିଲାବେଳେ ହମ୍ପି ମ୍ୟାଚ୍‌କୁ ଡ୍ର କରିବାରେ ସମର୍ଥ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡରେ ଦିବ୍ୟା କଳାଗୋଟି ନେଇ ଖେଳିଥିଲେ ମଧ୍ୟ କ୍ଷିପ୍ର ଗୋଟିଚାଳନା ଯୋଗୁ ହମ୍ପି ଚାପକୁ ଆସିଯାଇଥିଲେ। ଏହା ଫଳରେ ହମ୍ପିଙ୍କ ଗୋଟିକ ପରେ ଗୋଟିଏ ତ୍ରୁଟିରୁ ଦିବ୍ୟା ପୂରା ଫାଇଦା ଉଠାଇ ଟାଇବ୍ରେକ୍‌ର ଦ୍ୱିତୀୟ ରାଉଣ୍ଡ ସହ ଫାଇନାଲ ଜିତି ଚାମ୍ପିଅନ ହୋଇଥିଲେ। ଚାମ୍ପିଅନ ହେବା ଫଳରେ ସେ ଓପନ ବା ପୁରୁଷ ବିଭାଗରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବାରେ ସମର୍ଥ ହୋଇଥିଲେ। ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବାରେ ସେ ହମ୍ପି, ଆର୍ ବୈଶାଳୀ ଓ ହାରିକା ଦ୍ରୋଣାଭାଲୀଙ୍କ ପରେ ଚତୁର୍ଥ ଭାରତୀୟ ମହିଳା ହୋଇଛନ୍ତି। ଟାଇଟଲ ଜିତିବା ଫଳରେ ଦିବ୍ୟାଙ୍କୁ ୫୦,୦୦୦ ଡଲାର ବା ଭାରତୀୟ ମୁଦ୍ରାରେ ୪୧.୬ ଲକ୍ଷ ଏବଂ ରନର୍ସ ଅପ୍ ହମ୍ପି ୩୫,୦୦୦ ଡଲାର ବା ୨୯.୧ ଲକ୍ଷ ଟଙ୍କା ପୁରସ୍କାର ପାଇଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ଦିବ୍ୟାଙ୍କ ଅଭିଯାନ ଥିଲା ବେଶ ଉତ୍ସାହଜନକ। ଏହି ଟୁର୍ଣ୍ଣାମେଣ୍ଟରେ ସେ ୧୫ତମ ସିଡ୍ ହୋଇଥିଲାବେଳେ ଟାଇଟଲ ଫେବରାଇଟ ନ ଥିଲେ। କିନ୍ତୁ ସେ ଭୟଶୂନ୍ୟ ହୋଇ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଜଣଙ୍କ ପରେ ଜଣେ ଶ୍ରେଷ୍ଠ ଖେଳାଳିଙ୍କୁ ପରାସ୍ତ କରିଥିଲେ। ସେ କ୍ରମାଗତ ଭାବେ ୪ଜଣ ଗ୍ରାଣ୍ଡମାଷ୍ଟରଙ୍କୁ ହରାଇଥିଲେ। ପ୍ରି-କ୍ୱାର୍ଟର ଫାଇନାଲରେ ସେ ଚୀନ୍‌ର ଝୁ ଜିନେର, କ୍ୱାର୍ଟର ଫାଇନାଲରେ ଭାରତର ଡି ହାରିକା ଓ ସେମିଫାଇନାଲରେ ଚୀନ୍‌ର ଆଉ ଜଣେ ପ୍ରତିଯୋଗୀ ତାନ ଝୋଙ୍ଗୟିଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ହମ୍ପିଙ୍କୁ ହରାଇ ଟାଇଟଲ ଜିତିବା ପରେ ଭାରତୀୟ ଚେସ୍‌କୁ ଗୌରବମଣ୍ଡିତ କରିଛନ୍ତି। ମାତ୍ର ୧୯ ବର୍ଷ ବୟସରେ ସେ ତାଙ୍କର ଏବଂ ଭାରତର ନାମକୁ ଇତିହାସ ପୃଷ୍ଠାରେ ଲିପିବଦ୍ଧ କରିବା ପରେ ବିଶ୍ୱରେ ଏକ ନୂଆ ତାରକାଙ୍କ ଆବିର୍ଭାବ ହୋଇଥିବା ସ୍ପଷ୍ଟ ସୂଚନା ଦେଇଛନ୍ତି। ଏଭଳି ଖେଳ ପ୍ରଦର୍ଶନ ବଜାୟ ରଖିଲେ ସେ ଯେ ଦୀର୍ଘଦିନ ବିଶ୍ୱରେ ପ୍ରାଧାନ୍ୟ ବିସ୍ତାର କରିବେ ଏଥିରେ ସନ୍ଦେହର ଅବକାଶ ନାହିଁ।

### ଏହା ମୋ ଭାଗ୍ୟରେ ଥିଲା: ଦିବ୍ୟା



ବାଟୁମି,୨୮।୭(ଏଜେନ୍ସି): ଏଠାରେ ତାଙ୍କଠାରୁ ଦୁଇଗୁଣା ବୟସ କୋନେରୁ ହମ୍ପିଙ୍କୁ ହରାଇ ୧୯ ବର୍ଷୀୟା ଦିବ୍ୟା ଏକାଥରକେ ଚେସ୍ ବିଶ୍ୱକପ୍ ଚାମ୍ପିଅନ ହେବା ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଓପନ ବା ପୁରୁଷ ବିଭାଗରେ ଗ୍ରାଣ୍ଡମାଷ୍ଟର ହେବାରେ ସେ ଭାରତର ମାତ୍ର ଚତୁର୍ଥ ମହିଳା। ‘ଏ ସବୁ ସଫଳତା ଏକ ସଙ୍ଗେ ପାଇବା ମୋ ଭାଗ୍ୟରେ ଥିଲା’ ବୋଲି କହିଛନ୍ତି ମହାରାଷ୍ଟ୍ର ନାଗପୁରର ଏହି ଖେଳାଳି। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ମୋ ନାମରେ ଗୋଟିଏ ହେଲେ ଜିଏମ୍ ନର୍ମ ନ ଥିଲା। ଏବେ ମୁଁ ଗ୍ରାଣ୍ଡମାଷ୍ଟର। କିନ୍ତୁ ବିଶ୍ୱକପ୍ ଜିତିବା ପରେ ଏକାଥରକେ ଦୁଇଟି ସଫଳତା ପାଇବା ମୋର ବିଶ୍ୱାସ ହେଉନି ବୋଲି ପ୍ରଥମ ପ୍ରତିକ୍ରିୟା ଦେଇ ସେ କହିଛନ୍ତି। ଏହି ସଫଳତା ସହ ଏବେ ଖାପ ଖୁଆଇବାକୁ ହେବ। ମୁଁ ସଫଳତା ପାଇବା ପରେ ପରିବାରରେ ବିଶ୍ୱାସ ଜନ୍ମାଇବା ପର୍ଯ୍ୟାପ୍ତ ହେବ। ଏବେ ମୋତେ ସମସ୍ତ ପ୍ରକାର ସହଯୋଗ ମିଳିବ ବୋଲି ଦିବ୍ୟା ଆତ୍ମବିଶ୍ୱାସର ସହ କହିଛନ୍ତି। ଫାଇନାଲରେ ଜିତିବା ପରେ ଦିବ୍ୟା କାନ୍ଦି ପକାଇଥିଲେ। ଏହା ପରେ ସେ ତାଙ୍କ ମା’ଙ୍କୁ କୁଣ୍ଢାଇଧରି ଭୋ ଭୋ କାନ୍ଦିଥିଲେ ଓ ଏହା ପରେ ପ୍ରକୃତିସ୍ଥ ହୋଇ ପ୍ରତିକ୍ରିୟା ଦେଇଥିଲେ।

**ଅଲ୍‌ଓଡ଼ିଶା ପିକଲ୍‌ବଲ୍ ଟୁର୍ଣ୍ଣାମେଣ୍ଟ**

## ଅନମୋଲ୍‌ଙ୍କୁ ଡବଲ୍ ଟାଇଟଲ୍



ଭୁବନେଶ୍ୱର,୨୮ ।୭ (ସମିସ): ଅଲ୍‌ଓଡ଼ିଶା ପିକଲ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଅନମୋଲ୍ ଦାଶ ଡବଲ୍ ଟାଇଟଲ୍ ବିଜୟୀ ହୋଇଛନ୍ତି। ପାହାଲସ୍ଥିତ ଏସ୍‌ଏସ୍ ପିକଲ୍‌ବଲ୍ ଏକାଡେମୀରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅନମୋଲ୍ ପୁରୁଷ ଓପନ୍ ଡବଲ୍ସ ଓ ମିଶ୍ରିତ ଡବଲ୍ସରେ ଚାମ୍ପିଅନ୍ ହୋଇଛନ୍ତି। ପୁରୁଷ ଡବଲ୍ସରେ ସେ ଯଶରାଜ ନାୟକ ଓ ମିଶ୍ରିତରେ ପ୍ରସିଦ୍ଧି ପୋଦ୍ଦାରଙ୍କୁ ସାଥୀ କରି ଖେଳିଥିଲେ। ଓଡ଼ିଶା ପିକଲ୍‌ବଲ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ବୟସବର୍ଗର ୪୦ରୁ ଊର୍ଦ୍ଧ୍ୱ ଯୁବ ଖେଳାଳି ଅଂଶଗ୍ରହଣ କରି ଅଭିଜ୍ଞତା ହାସଲ କରିଥିଲେ।

## ଦୁଲୀପ୍ ଟ୍ରଫି: ତିଲକଙ୍କୁ ଦକ୍ଷିଣାଞ୍ଚଳର ନେତୃତ୍ୱ

ନୂଆଦିଲ୍ଲୀ, ୨୮ ।୭ (ଏଜେନ୍ସି): ଆସନ୍ତା ମାସରେ ଦୁଲୀପ୍ ଟ୍ରଫିରୁ ବିସିସିଆଇର ୨୦୨୫-୨୬ ଘରୋଇ ସିଜନ ଆରମ୍ଭ ହେବ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଲାଗି ଦକ୍ଷିଣାଞ୍ଚଳ ଦଳ ଘୋଷଣା କରାଯାଇଛି। ନିର୍ଭରଯୋଗ୍ୟ ବ୍ୟାଟର୍ ତିଲକ୍ ବର୍ମାଙ୍କୁ ଦଳର ନେତୃତ୍ୱ ଭାର ଦିଆଯାଇଛି। ଗତ ରଣଜୀ ଟ୍ରଫିରେ ରନର୍ସଅପ୍ ରହିଥିବା କେରଳର ୪ଜଣ ଖେଳାଳି ଦକ୍ଷିଣାଞ୍ଚଳ ଦଳରେ ସ୍ଥାନ ପାଇଛନ୍ତି। ୨୨ ବର୍ଷୀୟ ବାମହାତୀ ବ୍ୟାଟର୍ ତିଲକ ବର୍ତ୍ତମାନ ଇଂଲଣ୍ଡରେ ହାମ୍ପଶାୟର ପକ୍ଷରୁ କାଉଣ୍ଟି କ୍ରିକେଟ୍ ଖେଳୁଛନ୍ତି। ଏଥିରେ ସେ ୪ଟି ପାଳିରେ ଯଥାକ୍ରମେ ୧୦୦, ୫୬, ୪୭ ଓ ୧୧୨ ରନ କରିଛନ୍ତି। ଚଳିତ ବର୍ଷ ଦୁଲୀପ୍ ଟ୍ରଫି ଜୋନାଲ୍ ଫର୍ମାଟ୍‌କୁ ଫେରିଛି।

## ବ୍ୟାଡ୍‌ମିଣ୍ଟନ କୋର୍ଟରେ ଟଳି ପଡ଼ିଲେ ଖେଳାଳି

ହାଇଦରାବାଦ୍, ୨୮ ।୭ (ଏଜେନ୍ସି): ହାଇଦରାବାଦ୍‌ର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ବ୍ୟାଡ୍‌ମିଣ୍ଟନ ଖେଳୁଥିବାବେଳେ ଜଣେ ୨୫ ବର୍ଷୀୟ ଯୁବକଙ୍କ ହୃଦ୍‌ଘାତରେ ବିୟୋଗ ଘଟିଛି। ସ୍ଥାନୀୟ ନାଗୋଲି ଷ୍ଟାଡିୟମରେ ସକାଳ ୮ଟାରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ମୃତ ଯୁବକଙ୍କ ନାମ ଗୁଣ୍ଡଲା ରାକେଶ। ସିସିଟିଭି ଫୁଟେଜରୁ ଜଣାପଡ଼ିଛି ଯେ, ରାକେଶ ଡବଲ୍ସ ଇଭେଣ୍ଟରେ ମ୍ୟାଚ୍ ଖେଳୁଥିଲେ। ତଳେ ପଡ଼ିଥିବା ସଟଲକକ୍ ଉଠାଇବାବେଳେ ସେ ଚେତାଶୂନ୍ୟ ହୋଇ ବ୍ୟାଡ୍‌ମିଣ୍ଟନ କୋର୍ଟରେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ସାଥୀ ଖେଳାଳି ରାକେଶଙ୍କୁ ସିପିଆର୍ ଦେବାକୁ ଚେଷ୍ଟା କରିଥିଲେ। ଏଥିରେ ସେମାନେ ସଫଳ ନହେବାରୁ ସ୍ଥାନୀୟ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଗତ ମାସରେ ପଞ୍ଜାବରେ କ୍ରିକେଟ୍ ଖେଳୁଥିବାବେଳେ ଜଣେ ଖେଳାଳି ଛକା ମାରିବା ପରେ ସମାନ ଭାବେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଭାଗନେବେ ଟିଙ୍କି, ମୀନା

ଭୁବନେଶ୍ୱର, ୨୮ ।୭ (ସମିସ): ଗୁଜରାଟରରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନସିପ୍ କିସ୍ ବିଶ୍ୱବିଦ୍ୟାଳୟର ଦୁଇ ଛାତ୍ରୀ ଟିଙ୍କି ମୋହିନୀ ମଲ୍ଲିକ ଓ ମୀନା ସାନ୍ତା ଭାଗନେବେ। ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଥିବା ଟିଙ୍କି ୬୪ କିଗ୍ରା ବିଭାଗରେ ଓ ମୀନା ୫୫ କିଗ୍ରା ବିଭାଗରେ ଅଂଶଗ୍ରହଣ କରିବେ।



ଉଭୟ ଟିଙ୍କି ଓ ମୀନା ବର୍ତ୍ତମାନ କିସ୍ ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷରେ ଅଧ୍ୟୟନ କରୁଛନ୍ତି। ଭାରତୀୟ ଦଳ ପକ୍ଷରୁ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିବାରୁ ଉଭୟଙ୍କୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି। ଅଗଷ୍ଟ ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ସମ୍ମାନଜନକ ପ୍ରତିଯୋଗିତା ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ହେବ।

**୧୫ ଓଭର ପୂର୍ବରୁ ମ୍ୟାଚ୍ ଡ୍ର ରଖିବାକୁ ପ୍ରସ୍ତାବ**

# ଷ୍ଟୋକ୍ସ ଓ ଇଂଲଣ୍ଡ ଦଳକୁ ସମାଲୋଚନା

ଲଣ୍ଡନ,୨୮।୭ (ଏଜେନ୍ସି)

ଓଲ୍ଡ ଟ୍ରାଫୋର୍ଡରେ ଗତକାଲି ଭାରତ ଓ ଇଂଲଣ୍ଡ ମଧ୍ୟରେ ଶେଷ ହୋଇଥିବା ଚତୁର୍ଥ ଟେଷ୍ଟରେ ଡ୍ର ରହିଥିଲା। କିନ୍ତୁ ଏହି ଟେଷ୍ଟରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ବ୍ୟବହାରକୁ ନେଇ ସବୁଆଡ଼ୁ ସମାଲୋଚନା ହୋଇଛି। ୫ମ ଦିନ ଖେଳ ଶେଷହେବାକୁ ଆଉ ୧୫ ଓଭର ଥିଲା। ଭାରତ ୪ୱିକେଟରେ ୩୮୬ ରନ୍ କରିଥିଲାବେଳେ ସହଜରେ ଇଂଲଣ୍ଡ ବୋଲରଙ୍କୁ ମୁକାବିଲା କରୁଥିବା ଜାଡେଜା ୮୯ ଓ ୱାଶିଂଟନ ସୁନ୍ଦର ୮୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହି ସମୟରେ ମ୍ୟାଚ୍ ଡ୍ର ରଖିବାକୁ ଷ୍ଟୋକ୍ସ ପ୍ରସ୍ତାବ ଦେଇ ଜାଡେଜାଙ୍କୁ ହ୍ୟାଣ୍ଡସେକ କରିବାକୁ କହିଥିଲେ। କିନ୍ତୁ ଜାଡେଜା ଓ ସୁନ୍ଦର ଏହାକୁ ଅଗ୍ରାହ୍ୟ କରିଥିଲେ ଓ ଉଭୟ ଖେଳାଳି ଶତକ ହାସଲ କରିବା ପରେ ମ୍ୟାଚ୍ ଶେଷ ହୋଇଥିଲା। ଷ୍ଟୋକ୍ସଙ୍କ ଏଭଳି ସମୟରେ ପ୍ରସ୍ତାବକୁ ଇଂଲଣ୍ଡ ଅଧିନାୟକ ନାସେର ହୁସେନଙ୍କ ସହ ଭାରତୀୟମାନେ ସମାଲୋଚନା କରିଛନ୍ତି। ହୁସେନଙ୍କ ମତରେ ଇଂଲଣ୍ଡ ଦଳ ଏତେ ସମୟ କ୍ରିଜ୍‌ରେ ରହି କ୍ଲାନ୍ତ ହୋଇ ପଡ଼ିଥିବା ସ୍ୱାଭାବିକ୍। କିନ୍ତୁ ପ୍ରତିପକ୍ଷ ଦଳର ଖେଳାଳିମାନେ ମାଇଲଷ୍ଟୋନ୍‌ରେ ପହଞ୍ଚିବା ସମୟରେ ଏଭଳି ପ୍ରସ୍ତାବ ଦେବା ଟିକେ ପିଲାଳିଆମୀ ମନେ ହେଉଛି। ପରେ ଷ୍ଟୋକ୍ସ



‘ଡୁ ୟୁ ୱାଣ୍ଟ ଟୁ ଗେଟ ହଣ୍ଡ୍ରେଡ ଅଫ୍ ବ୍ରୁକ୍’ କହୁଥିବାର ଷ୍ଟମ୍ପ ମାଇକ୍ରୋଫୋନ୍‌ରୁ ଜଣା ପଡ଼ିଥିଲା। ଏହା ପରେ ବ୍ରୁକ୍ ବୋଲିଂ କରିଥିଲେ ଓ ଜାଡେଜା ଶତକ ହାସଲ କରିଥିଲେ। କିନ୍ତୁ କ୍ରିକେଟ ଖେଳ କିଛି ନିୟମ ଅନୁସାରେ ଚାଲିଛି। ଇଂଲଣ୍ଡ ଖେଳାଳିଙ୍କ ମନଇଛାରେ ନୁହେଁ ବୋଲି ଭାରତୀୟ ଖେଳାଳି ଆକାଶ ଚୋପ୍ରା କହିଛନ୍ତି। ସେ ତାଙ୍କ ପୋଷ୍ଟରେ ଷ୍ଟୋକ୍ସଙ୍କ କ୍ରାଏବେବିଜ୍ ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି। ଇଂଲଣ୍ଡ ଦଳ ନୈତିକତା ଦୃଷ୍ଟିରୁ ଏପରି କରିଥିଲେ ବୋଲି ସଫେଇ ଦିଆଯାଇଛି। ସେ ଯାହା ହେଉ ଯେଉଁଭଳି ସମୟରେ ଏହା କରିଥିଲେ ତାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ଭାରତୀୟମାନେ କହିଛନ୍ତି।

ଭାରତର ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କରଙ୍କ ମତରେ ଷ୍ଟୋକ୍ସ ଯଦି ଏପରି କିଛି ଚାହୁଁଥିଲେ ତେବେ ଇଂଲଣ୍ଡ ଦଳର ପ୍ରଥମ ଇନିଂସ ଆଗରୁ କାହିଁକି ଘୋଷଣା କରୁ ନ ଥିଲେ। ଏହାର ଅର୍ଥ ଭାରତୀୟଙ୍କୁ ଚାପରେ ରଖି ଏହି ମ୍ୟାଚ୍‌କୁ ସହଜରେ ଜିତିବା ତାଙ୍କର ରଣନୀତି ଥିଲା। ଏହା ଯେତେବେଳେ ସଫଳ ନ ହେଲା, ସେତେବେଳେ ଡ୍ର ପ୍ରସ୍ତାବ ଦେବା ଆଦୌ ଯୁକ୍ତିଯୁକ୍ତ ନୁହେଁ ବୋଲି ସେ କହିଛନ୍ତି। ଜୁଲାଇ ୩୧ରେ ପଞ୍ଚମ ଟେଷ୍ଟ ଅନୁଷ୍ଠିତ ହେବ। ଚତୁର୍ଥ ଓ ପଞ୍ଚମ ଟେଷ୍ଟ ମଧ୍ୟରେ ୩ ଦିନ ଫାଙ୍କା ଥିବାରୁ ଉଭୟ ଦଳର ଖେଳାଳିମାନେ ପର୍ଯ୍ୟାପ୍ତ ବିଶ୍ରାମ ପାଇପାରିବେ ନାହିଁ।

**୩୧ରୁ ପଞ୍ଚମ ଟେଷ୍ଟ**

## ଇଂଲଣ୍ଡ ଦଳରେ ଓଭର୍‌ଟନ୍, ପନ୍ତଙ୍କ ସ୍ଥାନରେ ଜଗଦୀଶନ

ଲଣ୍ଡନ,୨୮।୭ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଲାଗି ଉଭୟ ଦଳ ଜଣେ ଲେଖାଏଁ ଖେଳାଳି ପରିବର୍ତ୍ତନ କରିଛନ୍ତି। ଘରୋଇ ଦଳ ତାହାର ପେସ୍ ବୋଲିଂ ଅଲରାଉଣ୍ଡର ଜାମି ଓଭରଟନଙ୍କୁ ଦଳରେ ସାମିଲ କରିଛି। ସେହିପରି ଭାରତୀୟ ଦଳର ଆହତ ୱିକେଟରକ୍ଷକ ଋଷଭ ପନ୍ତଙ୍କ ସ୍ଥାନରେ ତାମିଲନାଡୁର ୱିକେଟରକ୍ଷକ ଏନ୍ ଜଗଦୀଶନଙ୍କୁ ସାମିଲ କରାଯାଇଛି। ଜଗଦୀଶନ ରବିବାର ଟିମ୍ ସହ ଯୋଗଦେଇଛନ୍ତି। ସାହସିକ ଖେଳ ପ୍ରଦର୍ଶନ କରି ଚତୁର୍ଥ ଟେଷ୍ଟକୁ ଡ୍ର ରଖିଥିବା ଭାରତୀୟ ଦଳରେ ପଞ୍ଚମ ଟେଷ୍ଟ ଲାଗି ଏକାଧିକ ପରିବର୍ତ୍ତନ କରାଯିବାର ସମ୍ଭାବନା ରହିଛି। ୱିକେଟ ରକ୍ଷକ ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲ ପଞ୍ଚମ ଟେଷ୍ଟ ଖେଳିବେ। ସେହିପରି ଦୁଇ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ଶାର୍ଦ୍ଦୁଳ ଠାକୁର/ଅଂଶୁଲ କାମ୍ବୋଜଙ୍କୁ ଏହି ଟେଷ୍ଟ ଖେଳିବାରୁ ବଞ୍ଚିତ ହେବାକୁ ପଡ଼ିପାରେ। ଏମାନଙ୍କ ସ୍ଥାନରେ ଭାରତ ଦୁଇ ଜଣ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସୁଯୋଗ ଦେଇପାରେ। ଅନ୍ୟ ଟେଷ୍ଟ ପରି ପଞ୍ଚମ ଟେଷ୍ଟ ଖେଳାଯିବାକୁ ଥିବା ପିଚ୍ ଯଦି ଫ୍ଲାଟ ରୁହେ ତେବେ ଅର୍ଶଦୀପ ଓ କୁଲଦୀପ ସିଂହ ଶେଷ ଟେଷ୍ଟରେ ଖେଳିବାର ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ। ବୁମ୍‌ରା ଖେଳିଲେ ମଧ୍ୟ ଅର୍ଶଦୀପଙ୍କୁ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS